

ଯା ଦେବୀ ସର୍ବଭୂତେଷୁ...........


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୬ ମଇ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONNDAY 16 MAY 2022
Vol.No. 33 ■ No. 127 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର୍, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ଗୁରୁତର ଅସୁସ୍ଥ ରାଷ୍ଟ୍ରପତି ପୁଟିନ୍

## ଭୟଙ୍କର ବ୍ଲଡ କ୍ୟାନସର ରୋଗରେ ଆକ୍ରାନ୍ତ ପୁଟିନ୍ : ବ୍ରିଟିଶର ପୂର୍ବତନ ଗୁଇନ୍ଦା ଏଜେଣ୍ଟ



କିଭ୍, ୧୫/୦୫ (ନି.ପ୍ର): ରୁଷ ରାଷ୍ଟ୍ରପତିଙ୍କ ଅବସ୍ଥା ଗୁରୁତର। ରକ୍ତକର୍କଟରେ ଜୁଝୁଥିବା ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଜୀବନ ମରଣ ସହ ସଂଘର୍ଷ କରୁଛନ୍ତି। ତାଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ହେବାରେ ଲାଗିଛି। ତାଙ୍କର ଚିକିତ୍ସା ଅସାଧ କି ସମ୍ଭବ ତାହା ଜଣାପଡ଼ି ନାହିଁ। କିନ୍ତୁ ଯୁଦ୍ଧ ପରଠାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଜଣେ ପୂର୍ବତନ ବ୍ରିଟିସ ଗୁପ୍ତଚର ଏହା କହିଛନ୍ତି। କ୍ରିଷ୍ଟୋଫେର ଷ୍ଟେଲି ନାମକ ଗୁପ୍ତଚର ଏହି ତଥ୍ୟ ପ୍ରଘଟ କରିଛନ୍ତି। ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ ଟ୍ରମ୍ପଙ୍କ ବିରୋଧରେ ଏକ ଫାଇଲ ଲେଥିଲେ କ୍ରିଷ୍ଟୋଫେର। ୨୧୧୬ ଆମେରିକା ନିର୍ବାଚନରେ ରୁଷ ହସ୍ତକ୍ଷେପ କରିଥିବା ଏଥିରେ ଉଲ୍ଲେଖ ରହିଛି। ଅନ୍ୟପଟେ ରୁଷ ରାଷ୍ଟ୍ରପ୍ରତିଙ୍କ ଜଣେ ଖାସ୍ ଅନୁଗତ ପୁଟିନଙ୍କ ଅବସ୍ଥା ସାଂଘାତିକ ଗୁରୁତର ଥିବା ସେ ରେକର୍ଡ଼ କରିଛନ୍ତି । ଏହି ରେକର୍ଡ଼ିଂର ତଥ୍ୟ ୟୁଏସ ମେଗାଜିନ୍ 'ନ୍ୟୁ ଲାଇନ୍'ରେ ପ୍ରକାଶ ପାଇଛି। ୟୁକ୍ରେନ ଯୁଦ୍ଧ ପରଠାରୁ ପୁଟିନ କଦବା କୋଚିତ ସର୍ବସାଧରଣଙ୍କୁ ଆସିଛନ୍ତି। ଗତ ସପ୍ତାହରେ ମସ୍କୋର ବିଜୟ ଦିବସ ଉପଲକ୍ଷେ ପୁଟିନ ବାହରକୁ ଆସି ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇଥିଲେ। ଏହି ଭିଡିଓରେ ପୁଟିନ ଶାରିରୀକ ଦୁର୍ବଳ ଥିବା ଜଣାପଡ଼ିଥିଲା। ମିଳିଥିବା ସୂଚନା ଅନୁଯାୟୀ, ପୁଟିନ ବ୍ଲଡ କ୍ୟାନ୍ସରରେ ପୀଡ଼ିତ ହୋଇ ସର୍ଜରୀ କରିଛନ୍ତି। ଅନ୍ୟପଟେ ଜେନେରାଲ୍ ଏସ୍‌ଭିଆର୍‌ର ରିପୋର୍ଟ ଅନୁସାରେ ଦୀର୍ଘ ୧୮ ମାସ ହେଲାଣି ପୁଟିନଙ୍କର ଅବଡୋମିନାଲ କ୍ୟାନ୍‌ସର ଓ ପାର୍କିନସନ ରୋଗ ହୋଇଛି। ସେ ତାଙ୍କର ସର୍ଜରୀ ବିଳମ୍ବରେ କରିଛନ୍ତି। ଏବେ ସେ ଆଉ ଏକ ସର୍ଜରୀ କରିବେ। ପୂର୍ବରୁ ଏପ୍ରିଲ ସପ୍ତାହରେ ସର୍ଜରୀ ହେବାର ଥିଲା। କିନ୍ତୁ ଯୁଦ୍ଧ ପରିସ୍ଥିତି ଯୋଗୁ ଏହା ବିଳମ୍ବ ହୋଇଛି।

# ଭାରତ ଥୋମାସ କପ ଚାମ୍ପିୟନ

## ୭୩ ବର୍ଷ ପରେ ଇତିହାସ ରଚିଲେ ଭାରତୀୟ



ନୂଆଦିଲ୍ଲୀ, ୧୫/୦୫ : ଥୋମାସ କପ ଚାମ୍ପିୟନ ହେଲା ଭାରତ । ପ୍ରଥମ ଥର ଏହି କପ ଜିତିବା ସହ ଇତିହାସ ରଚିଛି ଭାରତୀୟ ପୁରୁଷ ଟିମ୍ । ୭୩ ବର୍ଷ ପରେ ଏହି ଐତିହାସିକ ସଫଳତା ହାସଲ କରିଛି । ଫାଇନାଲରେ ଇଣ୍ଡୋନେସିଆକୁ ୩-୦ରେ ପରାସ୍ତ କରି ଏହି ସଫଳତା ପାଇଛି ଦଳ । ୧୪ ଥରର ବିଜେତାକୁ ହରାଇ କ୍ଲିନ ସୁଇପ କରିଥିଲେ ଭାରତୀୟ ବ୍ୟାଡମିଣ୍ଟନ ଖେଳାଳୀ । ପ୍ରଥମ ମ୍ୟାଚରେ ଲକ୍ଷ୍ୟ ସେନ ଏନଗ୍ଥାନୀ ସିନିସୁକାଙ୍କୁ ୮-୨୧,୨୧-୧୭,୨୧-୧୬ରେ ପରାସ୍ତ କରିଛନ୍ତି । ଦ୍ୱିତୀୟ ମୁକାବିଲାରେ ରାଙ୍କି ରେଡ୍ଡୀ, ଚିରାଗ ସେଟ୍ଟୀ ଯୋଡି ୧୮-୨୧, ୨୩-୨୧, ୨୧-୧୯ରେ ଜିତି ନେଇଛନ୍ତି । ସେହିଭଳି ତୃତୀୟ ମ୍ୟାଚରେ କାଦାମ୍ବୀ ଶ୍ରୀକାନ୍ତ ଜୋନାଥନ କ୍ରିଷ୍ଟି ୨୧-୧୫,୨୩-୨୧ରେ ହରାଇବା ସହ ଭାରତ ପାଇଁ ଏହି ସ୍ୱର୍ଣ୍ଣିମ ବିଜୟ ହାସଲ କରିଛନ୍ତି । ଭାରତୀୟ ଟିମ ମାଲେସିଆ ଏବଂ ଡେନମାର୍କକୁ ହରାଇ ପ୍ରଥମ ଥର ଫାଇନାଲରେ ପ୍ରବେଶ କରିଥିଲା । ଫାଇନାଲରେ ପ୍ରବେଶ ପରେ ୧୪ ଥରର ଥୋମାସ କପ ଚାମ୍ପିୟନ ଇଣ୍ଡୋନେସିଆକୁ ପରାସ୍ତ କରିଛି । କାଦାମ୍ବୀ ଶ୍ରୀକାନ୍ତ ଜୋନାଥନ କ୍ରିଷ୍ଟି ୨୧-୧୫,୨୩-୨୧ରେ ହରାଇଥିଲେ । ତେବେ ପ୍ରଥମ ଗେମ ଶ୍ରୀକାନ୍ତ ଅତି ସହଜରେ ହାତେଇଥିଲେ । ତେବେ ଦ୍ୱିତୀୟ ଗେମରେ କଡା ଟକ୍କର ଦେଖିବାକୁ ମିଳିଥିଲା । ତେବେ ଶେଷ ପର୍ଯ୍ୟନ୍ତ କଡା ଟକ୍କର ପରେ ଲାଗୁଥିଲା ତୃତୀୟ ଗେମକୁ ଯିବ । କିନ୍ତୁ, ଜବରଦସ୍ତ କମବ୍ୟାକ କରିବା ସହ ମ୍ୟାଚ ଆଉ ଥୋମସ କପ ଭାରତକୁ ଭେଟି ଦେଇଥିଲେ ଶ୍ରୀକାନ୍ତ । ଏହି ବିଜୟ ପରେ ଭାରତୀୟ ଖେଳାଳୀଙ୍କୁ ୧ କୋଟି ଟଙ୍କା ପୁରସ୍କାର ରାଶି ଘୋଷଣା କରିଛନ୍ତି କ୍ରୀଡା ମନ୍ତ୍ରୀ ଅନୁରାଗ ଠାକୁର । ଏହା ସହ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି ।

# 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନିୟମକୁ ମଞ୍ଜୁରୀ ଦେଲା କଂଗ୍ରେସ



ନୂଆଦିଲ୍ଲୀ, ୧୫/୦୫ : ଜଣେ ବ୍ୟକ୍ତି, ଗୋଟିଏ ପଦ । ଗୋଟିଏ ପରିବାର, ଗୋଟିଏ ଟିକେଟ୍ ନିୟମ ଲାଗୁ କଲା କଂଗ୍ରେସ । ରବିବାର କଂଗ୍ରେସ ଚିନ୍ତନ ଶିବିରରେ ଏନେଇ ନିଷ୍ପତ୍ତି ନିଆଯିବା ସହିତ ଆଗକୁ କଂଗ୍ରେସ କେମିତି ଆଗକୁ ବଢିବ ସେ ନେଇ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେବେ ଖାଲି ସେତିକି ନୁହେଁ, ନେତାଙ୍କ ପାଇଁ ଟ୍ରେନିଂଠୁ ଆରମ୍ଭ କରି ଯୁବବର୍ଗଙ୍କ ପାଇଁ ସ୍ଥାନ ସଂରକ୍ଷଣ କଥାକୁ ମଧ୍ୟ ଏଥର ଚିନ୍ତନ ଶିବିରରେ ପ୍ରାଧାନ୍ୟ ଦିଆଯାଇଛି । ରାଜସ୍ଥାନର ଉଦୟପୁରରେ ତିନି ଦିନ ହେଲା କଂଗ୍ରେସ ନେତାଙ୍କୁ ନେଇ ଚିନ୍ତନ ଶିବିରର ଆୟୋଜନ କରାଯାଉଛି । ଯେଉଁଥିରେ ନାନାଦି ବିଷୟକୁ ନେଇ ଚର୍ଚ୍ଚା ଆଲୋଚନା ହେବା ସହିତ ଅନେକ ବଡ ବଡ ନିଷ୍ପତ୍ତି ମଧ୍ୟ ନିଆଯାଉଛି । ଏହି କ୍ରମରେ ଚିନ୍ତନ ଶିବିରର ଶେଷ ଦିନରେ କଂଗ୍ରେସ କାର୍ଯ୍ୟକାରୀ କମିଟି ଜଣେ ବ୍ୟକ୍ତି, ଗୋଟିଏ ପଦ ନିୟମ ଲାଗୁ କରିଛି । ତା ସହିତ ଗୋଟିଏ ପରିବାର ଓ ଗୋଟିଏ ଟିକେଟ୍ ନିୟମ ମଧ୍ୟ ଲାଗୁ କରିଛି । ତେବେ ଯେଉଁ ପରିବାର ଦଳ ପାଇଁ ୫ରୁ ଅଧିକ ବର୍ଷ ସକ୍ରିୟ ଭାବେ କାମ କରିଥିବ ତାଙ୍କ ପାଇଁ ଗୋଟିଏ ପରିବାର, ଗୋଟିଏ ଟିକେଟ୍ ନିୟମ ଲାଗୁ ନୁହେଁ ବୋଲି କୁହାଯାଇଛି । ଗୋଟିଏ ପରିବାର, ଗୋଟିଏ ଟିକେଟ୍ ନିୟମ ଲାଗୁ ହୋଇଥିଲେ ଗାନ୍ଧୀ ପରିବାର ମଧ୍ୟ ଏହି ନିୟମ ଭିତରେ ଆସଥାନ୍ତା । ଯାହା ଫଳରେ ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀଙ୍କୁ ଏକାଠି ଟିକେଟ୍ ମିଳିପାରିନଥାନ୍ତା । ତେଣୁ ଏହି ସମସ୍ୟାକୁ ଦୂରେଇବାକୁ ଯାଇ, ଏଥିରେ ଏହି ସର୍ତ୍ତ ମଧ୍ୟ ଲାଗୁ କରାଯାଇଛି । ଅନ୍ୟପଟେ କଂଗ୍ରେସ ପ୍ରତି ଯୁବକଙ୍କୁ ଆକୃଷ୍ଟ କରିବାକୁ ଦଳ ଏକ ବଡ ନିଷ୍ପତ୍ତି ନେଇଛି । ପାର୍ଟିରେ ଏକ ୫୦ ପ୍ରତିଶତ ଯୁବକଙ୍କ ପାଇଁ ସ୍ଥାନ ସଂରକ୍ଷିତ ରହିବ । ତେବେ ଅଧିକ ବୟସର ଲୋକଙ୍କୁ କଂଗ୍ରେସରୁ ବାଦ୍ ଦେବା ନିଷ୍ପତ୍ତିକୁ ଦଳ ଗ୍ରହଣ କରିନି । ସେପଟେ ଦଳର ସଙ୍ଗଠନକୁ ଅଧିକ ମଜବୁତ୍ କରିବାକୁ ପ୍ରତି ଜିଲ୍ଲାରେ ୭୫ କିଲୋମିଟର ବ୍ୟାପି ପଦଯାତ୍ରାର ଆୟୋଜନ କରିବାକୁ ନିଷ୍ପତ୍ତି ନେଇଛି ।

## ମାହାଙ୍ଗା ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତିଙ୍କ ବଦଳି



କଟକ, ୧୫/୦୫ (ନି.ପ୍ର): କଟକ ଜିଲ୍ଲା ମାହାଙ୍ଗା ଥାନା ଆଇଆଇସି ନିହାର ରଞ୍ଜନ ମହାନ୍ତିଙ୍କ ବଦଳି ହୋଇଛି । କଟକ ଗ୍ରାମାଚଂଳ ପୋଲିସ ଜିଲ୍ଲା କାର୍ଯ୍ୟାଳୟକୁ ତାଙ୍କର ବଦଳି ହୋଇଛି । କଟକ ଜିଲ୍ଲା ଏସପିଙ୍କ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି । ତାଙ୍କ ସ୍ଥାନରେ ଭଦ୍ରେଶ୍ୱର ଏସଆଇ ତପନ ନାୟକଙ୍କୁ ଅସ୍ଥାୟୀ ଭାବେ ମାହାଙ୍ଗା ଆଇଆଇସି ଦାୟୀତ୍ୱ ଦିଆଯାଇଛି । ପ୍ରକାଶ ଥାଉକି, ନିହାରଙ୍କ ପତ୍ନୀ ଅବକାରୀ ଅଧିକ୍ଷକ ନିନା ବେଉରା ଭିଜିଲାନ୍ସ ଦ୍ୱାରା ଗିରଫ ହେବା ପରେ ଗତକାଲି ଭିଜିଲାନ୍ସ କାର୍ଯ୍ୟାଳୟରେ ନିହାରଙ୍କୁ ପଚରା ଉଚୁରା ହୋଇଥିଲା ।

# ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେପି ଜାରୀ କଲା ଷ୍ଟାର ପ୍ରଚାରକଙ୍କ ତାଲିକା



ଭୁବନେଶ୍ୱର, ୧୫/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ଉପନିର୍ବାଚନ ପାଇଁ ଭାରତୀୟ ଜନତା ପାର୍ଟି ମଧ୍ୟ ନିଜର ୪୦ ଜଣିଆ ପ୍ରଚାରକ ତାଲିକା ଜାରି କରିଛି । ବ୍ରଜରାଜନଗର ଉପନିର୍ବାଚନ ପ୍ରଚାର ପାଇଁ ୫ ଜଣ କେନ୍ଦ୍ରମନ୍ତ୍ରୀଙ୍କ ନାମ ଏହି ତାଲିକାରେ ରହିଛି । ବ୍ରଜରାଜନଗର ଉପନିର୍ବାଚନ ପାଇଁ ବିଜେପି ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଅଶ୍ୱିନୀ ବୈଷ୍ଣବ, ବିଶ୍ୱେଶ୍ୱର ଟୁଡୁ, ପୀୟୁଷ ଗୋୟଲ, ପ୍ରହଲ୍ଲାଦ ଯୋଶୀ ପ୍ରଚାର କରିବେ। ସେହିପରି ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ, ବିଜେପି ଓଡ଼ିଶା ପ୍ରଭାରୀ ଡି. ପୁରନ୍ଦେଶ୍ୱରୀ, ରାଜ୍ୟ ସଭାପତି ସମୀର ମହାନ୍ତି, ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ରମଣ ସିଂହ, ବୈଜୟନ୍ତ ପଣ୍ଡା, ବିଜୟପାଳ ସିଂହ ତୋମର, ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବରଗଡ଼ ସାଂସଦ ସୁରେଶ ପୂଜାରୀ, କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡା, କନକ ବର୍ଦ୍ଧନ ସିଂହଦେଓ, ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତ ଷଡ଼ଙ୍ଗୀ, ସମ୍ବିତ ପାତ୍ର, ବ୍ରଜମୋହନ ଅଗ୍ରୱାଲ, ସମ୍ବଲପୁର ସାଂସଦ ନୀତେଶ ଗଙ୍ଗଦେବ, ଜୟନାରାୟଣ ମିଶ୍ର, ବିଷ୍ଣୁଚରଣ ମିଶ୍ର, ସୁରମା ପାଢ଼ୀ, ମୋହନ ଚରଣ ମାଝୀ, ଏମ୍‌ଏ ଖାରବେଳ ସ୍ୱାଇଁ, ରବିନାରାୟଣ ନାଏକ, ପ୍ରଦୀପ ପୁରୋହିତ, ନାଉରୀ ନାୟକ, ସୁବାଷ ପାଣିଗ୍ରାହୀ, ଶଙ୍କର ଓରାମ, ଭବାନୀ ଶଙ୍କର ଭୋଇ, କୁସୁମ ଟେଟେ, ମୁକେଶ ମହାଲିଙ୍ଗ, ରଂଜନ ପଟେଲ, ମାନସ କୁମାର ମହାନ୍ତି, ପିଙ୍କି ପ୍ରଧାନ, ଶ୍ରୀତମ ଦାସ, ଅନୁ ଚୌଧୁରୀ ଓ ହରିହର ମହାପାତ୍ରଙ୍କ ନାମ ମଧ୍ୟ ଏଥିରେ ରହିଛି ।

# ନ୍ୟୁୟର୍କର ବୁଫାଲୋ ସୁପରମାର୍କେଟରେ ପ୍ରବଳ ଗୁଳିମାଡ଼ : ୧୦ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୫/୦୫ : ଆମେରିକା ନ୍ୟୁୟର୍କର ବୁଫାଲୋ ସୁପରମାର୍କେଟରେ ପ୍ରବଳ ଗୁଳିମାଡ । ଏଥିରେ ୧୦ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି । ସୂଚନା ଅନୁସାରେ ଗୁଳିମାଡ କରିଥିବା ଯୁବକଙ୍କୁ ଗିରଫ କରାଯାଇଛି । ଗିରଫ ଯୁବକଙ୍କ ବୟସ ୧୮ ବର୍ଷ ହେବ । ସେ ପିନ୍ଧିଥିବା ଏକ ଟେକ୍ଟିକାଲ ହେଲମେଟରେ ଏକ ସ୍ୱତନ୍ତ୍ର କ୍ୟାମେରା ଲାଗିଥିଲା । ଏହି କ୍ୟାମେରା ଦ୍ୱାରା ଗୁଳିମାଡର ଲାଇଭ୍ ଷ୍ଟ୍ରିମିଂ କରାଯାଉଥିଲା । ସେ ସେନାର ପୋଷାକ ପିନ୍ଧିଥିଲେ । ଏଥିରେ ଅନେକ ମାରଣାସ୍ତ୍ର ରହିଥିଲା । ସେ ଗାଡିରୁ ଓହ୍ଲାଇବା ପରେ ଆଖିବୁଜା ଗୁଳିମାଡ କରିଥିଲେ । ଏକ ଗ୍ରୋସରୀ ଷ୍ଟୋର ଭିତରେ ହୋଇଥିବା ଗୁଳିମାଡରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ଜଣେ ବୁଫାଲୋ ▶▶ପୃଷ୍ଠା ୭

## କନଷ୍ଟେବଲଙ୍କ ଜୁଲନ୍ତା ମୃତଦେହ ଉଦ୍ଧାର

ବାଲେଶ୍ୱର,୧୫/୦୫ (ନି.ପ୍ର): ବାଲେଶ୍ୱରରେ ପୁଲିସ କ୍ୱାର୍ଟରରୁ ଜଣେ କନଷ୍ଟେବଲଙ୍କ ଝୁଲନ୍ତା ମୃତଦେହ ରବିବାର ସଂଧ୍ୟାରେ ଉଦ୍ଧାର କରାଯାଇଛି। ମୃତ କନଷ୍ଟେବଲ ହେଲେ ବାଲିଆପାଳ ଅଞ୍ଚଳର କରୁଣାକର ଜେନା (୪୬)। ପିଲାଙ୍କୁ ନେଇ ତାଙ୍କ ଗତକାଲି ବାପଘରକୁ ଚାଲିଯାଇଥିବା ବେଳେ ସେ ରହୁଥିବା ୧୧୦ ନଂ କ୍ୱାର୍ଟର୍ସରେ ଫାଶୀ ଲଗାଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି। ତାଙ୍କ ସାନପୁଅ ମାମୁଁଘରୁ ବସରେ ଆସି କ୍ୱାର୍ଟର୍ସ କବାଟ ଖୋଲିବା ପରେ ବାପାଙ୍କ ଝୁଲନ୍ତା ମୃତଦେହକୁ ପ୍ରଥମେ ଦେଖଥିଲେ। ଖବର ପାଇ ସହଦେବଖୁଣ୍ଟା ପୁଲିସ ଓ କ୍ରାଇମ ଡିଏସପି ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ ସହ ମୃତଶରୀରକୁ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଥିଲେ।

## ଜମି ବିକି ଜଗନ୍ନାଥଙ୍କୁ ଦାନ କଲେ ମହିଳା

ଭୁବନେଶ୍ୱର, ୧୫/୦୫ (ନି.ପ୍ର): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଂପତିକୁ ଚଂଚକତା କରି ହଡପ କରିବା ଭଳି ଖବର ବାରମ୍ବାର ସାମ୍ନାକୁ ଆସୁଛି । ଶ୍ରୀଜଗନ୍ନାଥଙ୍କ ଜମି ଫେରାଇ ଆଣିବାକୁ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଅନେକ ସମୟରେ ▶▶ପୃଷ୍ଠା ୭

# ଭୁବନେଶ୍ୱର ଠାରେ ଅଟଳ ଟିଙ୍କରିଂ ଲ୍ୟାବର ଉଦଘାଟନ କଲେ କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର, ୧୫/୦୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତିକୁ ବଢ଼ାଇବା ପାଇଁ ଦେଶର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରାଯାଉଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଭୁବନେଶ୍ୱର ୟୁନିଟ୍ -୩ ସ୍ଥିତ ଓଡ଼ିଶାର ସର୍ବପୁରାତନ ଶିଶୁ ବିଦ୍ୟା ମନ୍ଦିରରେ ଅଟଳ ଟିଙ୍କରିଂ ଲ୍ୟାବର ଉଦଘାଟନ କରିବା ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି । ସେ କହିଛନ୍ତି ଯେ ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଶତାବ୍ଦୀ । ଏହି ସମୟରେ ନୂଆପିଢିମାନେ ଦେଶର ଖ୍ୟାତିସମ୍ପନ୍ନ ବୈଜ୍ଞାନିକ ସ୍ୱର୍ଗତ ଡ଼.ଏପିଜେ ଅବଦୁଲ କଲାମଙ୍କ ପରି ବାଲ୍ୟକାଳରୁ ଦେଶ ପାଇଁ ସ୍ୱପ୍ନ ଦେଖିବା ଦରକାର । ବର୍ତମାନର ଅଧୁନିକ ସମୟରେ ୬ ବର୍ଷରୁ ୧୨ବର୍ଷ ମଧ୍ୟରେ ଛାତ୍ରଛାତ୍ରୀଙ୍କୁ ନବସୃଜନ ପ୍ରତି ପ୍ରୋତ୍ସାହିତ କରିବା ପ୍ରଧାନମନ୍ତ୍ରୀଙ୍କ କଳ୍ପନା ରହିଛି । ପ୍ରଧାନମନ୍ତ୍ରୀଙ୍କ ▶▶ପୃଷ୍ଠା ୭

# ଆସାମରେ ଭୂ-ସ୍ଖଳନ : ୩ ମୃତ



ନୂଆଦିଲ୍ଲୀ, ୧୫/୦୫ : ଆସାମ ଦିମା ହସାଓ ଜିଲ୍ଲାରେ ଭୂସ୍ଖଳନ ହୋଇଛି । ବର୍ତ୍ତମାନ ସୁଦ୍ଧା ଏଥିରେ ତିନିଜଣଙ୍କର ମୃତ୍ୟୁ ହୋଇସାରିଛି । ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଜାରି ହୋଇଥିବା ସୂଚନା ଅନୁଯାୟୀ ଦିମା ହସାଓ ଅଞ୍ଚଳରେ ଜଣେ ମହିଳାଙ୍କ ସମେତ ତିନି ଜଣଙ୍କର ମୃତ୍ୟୁ ହୋଇଛି । ରାଜ୍ୟର ଅନ୍ୟ ସ୍ଥାନରେ ମଧ୍ୟ ରେଳ ଓ ସଡକପଥରେ ସମ୍ପର୍କ ବିଚ୍ଛିନ୍ନ ହୋଇଛି । ଅନେକ ସ୍ଥାନରେ ହଠାତ ଆସିଥିବା ବନ୍ୟା ପରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ଭୂସ୍ଖଳନ ଯୋଗୁ ପାହାଡିଆ ଅଞ୍ଚଳ ବେସ ପ୍ରଭାବିତ ହୋଇଛି । ଏଏସଡିଏମଏର ସୂଚନା ଅନିଯାୟୀ, କୁଁଜଂଗ, ଫିଆଁଗପୁଇ, ମୌଲହୋଇ, ନାମଜୁରଙ୍ଗ, ଦକ୍ଷିଣ ବଗୋତାର, ମହାଦେବ ଟିଲା, କାଲାବାଡି, ଉତ୍ତର ବଗୋତର, ସିୟୋନ, ଲୋଦି ପଙ୍ଗମୋଲରେ ଭୂସ୍ଖଳନର ସୂଚନା ମିଳିଛି । ଏହି ସମସ୍ତ ଅଞ୍ଚଳରେ ୮୦ ଘର ପ୍ରଭାବିତ ହୋଇଛି । ଆସାମରେ ୫ ଜିଲ୍ଲାରେ ବନ୍ୟାରେ ପାଖାପାଖି ୨୫ ହଜାର ପ୍ରଭାବିତ ହୋଇଛନ୍ତି । କଚ୍ଛାର କ୍ଷେତ୍ର ସବୁଠାର ଅଧିକ ପ୍ରଭାବିତ ହୋଇଛି । ଏଥିରେ ପ୍ରାୟ ୨୧ ହଜାର ପ୍ରଭାବିତ ହୋଇଛନ୍ତି । କାର୍ବି ଓଙ୍ଗଲଙ୍ଗ ପଶ୍ଚିମ ଅଞ୍ଚଳରେ ୨ ହଜାର ପଣ୍ଡିତ ଏବଂ ଧେମାଜିରେ ୬ ଶହରୁ ଅଧିକ ସାଧାରଣ ଲୋକ ବନ୍ୟାରେ ପ୍ରଭାବିତ ହୋଇଛନ୍ତି । ଦୁଇଟି ଜିଲ୍ଲାରେ ୧୦ଟି ବନ୍ୟା ଆଶ୍ରୟସ୍ଥଳୀ କରାଯାଇଛି । ଏସବୁରେ ଲୋକେ ଅନେକ ସଂଖ୍ୟାରେ ଆଶ୍ରୟ ନେଇଛନ୍ତି ।ପ୍ରଭାବିତ ଅଞ୍ଚଳରେ ସେନା, ଅର୍ଦ୍ଧସୈନିକ ବଳ, ଅଗ୍ନିଶମବାହିନୀ ମୁତୟନ ହୋଇଛନ୍ତି । ବର୍ତ୍ତମାନ ସୁଦ୍ଧା ୨ ହଜାର୨ ଶହ ଜଣଙ୍କୁ ଉଦ୍ଧାର କରାଯାଇଛି । ଆଗାମୀ ୧୨ରୁ ୭୨ ଘଣ୍ଟା ପାଇଁ ଅନେକ ଅଞ୍ଚଳକୁ ହାଇ ଆଲର୍ଟରେ ରଖାଯାଇଛି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ: ଧର୍ମେନ୍ଦ୍ରଙ୍କ ପରେ ମୁହଁ ଖୋଲିଲେ ଜୁଏଲ



ନୂଆଦିଲ୍ଲୀ, ୧୫/୦୫ : ଆଇନର ପରିସର ଭିତରେ ପୁରୀ ପରିକ୍ରମା ପ୍ରକଳ୍ପ କାମ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିବା ପରେ ଆଜି ଗଣମାଧ୍ୟମ ଆଗରେ ମୁହଁ ଖୋଲିଛନ୍ତି ବିଜେପିର ବରିଷ୍ଠ ସାଂସଦ ଜୁଏଲ ଓରାମ । ଆଉ ଜୁଏଲଙ୍କ ଏହି ବୟାନ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା, ଯେତେବେଳେ ସେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀଙ୍କ ଅଜାଣତରେ କିଛି ଅଫିସର ଏହି କାମ କରୁଥିବେ । ଆଉ ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀଙ୍କ ମନ୍ତବ୍ୟ ଉପରେ ସଫେଇ ରଖିବାକୁ ଯାଇ ଜୁଏଲ କହିଥିଲେ, ଚାପରେ ଥାଇପାରନ୍ତି ବିଧାୟକ । ପ୍ରଥମେ ଅପରାଜିତା ଷଡଙ୍ଗୀ ପ୍ରକଳ୍ପକୁ ଜୋରଦାର ବିରୋଧ କରିବା ପରେ ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର ପୁରୀ ଆସି ବେଆଇନ କାମ କଥା ଦୋହରାଇଥିଲେ । ଏହାପରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ ଆଇନର ପରିସର ଭିତରେ କାମ କରାଯାଉ । ଏହି କ୍ରମରେ ଆଜି ଜୁଏଲ କହିଛନ୍ତି ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ଘଟଣା ବିଷୟରେ ଅବଗତ ନଥିବେ । ବିଭିନ୍ନ ସମୟରେ ବିଜେପି ନେତାଙ୍କ ଏଭଳି ଭିନ୍ନ ଭିନ୍ନ ମନ୍ତବ୍ୟ ବିଜେଡିକୁ ପ୍ରତିଆକ୍ରମଣ କରିବାକୁ ସୁଯୋଗ ଦେଇଛି । ଏହାରି ଭିତରେ ଶ୍ରୀମନ୍ଦିର ସୁରକ୍ଷା ଅଭିଯାନ ପକ୍ଷରୁ ମଙ୍ଗଳବାର ପରିକ୍ରମା ପ୍ରକଳ୍ପକୁ ବିରୋଧ କରି ସୁପ୍ରିମକୋର୍ଟରେ ମାମଲା ଆଗତ କରାଯିବ ବୋଲି କୁହାଯାଇଛି । ଅପରପକ୍ଷରେ ଉଚ୍ଚତମ ନ୍ୟାୟାଳୟକୁ ମାମଲା ଗଲେ, ବରିଷ୍ଠ ଓକିଲଙ୍କ ସହାୟତା ନେବାକୁ ରାଜ୍ୟ ଆଇନ ବିଭାଗକୁ ଚିଠି ଲେଖିଛି ପୂର୍ତ୍ତ ବିଭାଗ ।

# ନୃସିଂହ ଚତୁର୍ଦ୍ଦଶୀ ହରିଶଙ୍କର ମେଳା ଆରମ୍ଭ

ବଲାଙ୍ଗୀର,୧୫/୦୫ (ନି.ପ୍ର): ଆଜିଠାରୁ ହରିଶଙ୍କର ମେଳା ଆରମ୍ଭ । ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକର ପବିତ୍ର ତୀର୍ଥକ୍ଷେତ୍ର ହରିଶଙ୍କର ଠାରେ ନୃସିଂହ ଚତୁର୍ଦ୍ଦଶୀ ବୈଶାଖ ମେଳା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚି ଯାଇଛି । କୋଭିଡ କଟକଣା ପାଇଁ ଦୁଇ ବର୍ଷ ଧରି ମେଳା ବନ୍ଦ ରହିଥିବା ବେଳେ ଚଳିତ ବର୍ଷ ଦେବୋତ୍ତର ବିଭାଗ ଓ ପ୍ରଶାସନ ତରଫରୁ ଜୋରସୋରରେ ପ୍ରସ୍ତୁତି ଚାଲିଛି । ପ୍ରତିବର୍ଷ ଭଳି ଚଳିତ ବର୍ଷ ହରିଶଙ୍କର ମନ୍ଦିରର ରଙ୍ଗ କରାଯାଇଥିବା ବେଳେ ଗାଢ଼ ହଳଦିଆ ରଙ୍ଗ ଲଗାଯାଇ ଥିବାରୁ ପରିବେଶଟି ସୁନ୍ଦର ଲାଗୁଛି । ସେହିପରି ମନ୍ଦିର ଚାରିପାଖ ରଙ୍ଗ କରାଯାଇଥିବା ବେଳେ ବାଡ଼ରେ ରଙ୍ଗକରି ମନ୍ଦିର କଥାବସ୍ତୁ, କିମ୍ୱଦନ୍ତୀ, ପୁରାଣ ତଥା ଠାକୁର ମାନଙ୍କ ଫଟୋ ଅଙ୍କାଯାଇଛି । ଚଳିତ ବର୍ଷ ଶନିବାର ଠାରୁ ସୋମବାର ଯାଏ ତିନି ଦିନ ଧରି ମେଳା ତଥା ହରିଶଙ୍କର ମହୋତ୍ସବ ହେବାକୁ ଥିବାବେଳେ ପ୍ରଥମ ଦିନ ମନ୍ଦିର ପରିସରରେ ହୋମଯଜ୍ଞ ଅନୁଷ୍ଠିତ ହେବ । ସନ୍ଧ୍ୟାରେ ଦୁଇଟି ମଂଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମନୋରଞ୍ଜନ କାର୍ଯ୍ୟକ୍ରମ ହେବ । ପ୍ରଦର୍ଶନୀ ପଡ଼ିଆରେ ବିଭିନ୍ନ ବିଭାଗର ପ୍ରଦର୍ଶନୀ ହେବାସହ, ମିନବଜାର ଲାଗିବା ମେଳା ପରିଚାଳନା ପାଇଁ ପ୍ରଶାସନ ତରଫରୁ ବିଭିନ୍ନ କମିଟି ଗଠନ କରି ଦାୟିତ୍ୱ ବଣ୍ଟନ କରାଯାଇଛି । ମେଳାର ପ୍ରସ୍ତୁତି ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ପଟଣାଗଡ଼ ଉପଜିଲ୍ଲାପାଳ ଡ ବିଜୟା ନନ୍ଦ ସେଠୀଙ୍କ ନେତୃତ୍ୱରେ ଚାଲିଥିବା ବେଳେ ଖପ୍ରାଖୋଲ ବିଡିଓ ରଶ୍ମିରଞ୍ଜନ ରାଉତ, ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର, ଏଏ ଇ ସୋମ୍ୟକିଶୋର ଜୟପୁରିଆ, ପରିଚାଳନା କମିଟି, ମନ୍ଦିର ପରିଚାଳନା ସବ କମିଟି, ଥାନା ଅଧିକାରୀ ରାମକାନ୍ତ ସାହୁ, ବ୍ଲକ ଅଧକ୍ଷା ନିରୂପମା ପଟେଲ, ମନ୍ଦିର ପରିଚାଳକ ସହ ବିଭିନ୍ନ ବିଭାଗର ଅଧିକାରୀ କର୍ମଚାରୀ ତତ୍ପର ରହିଛନ୍ତି। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା ପାଟଣାଗଡ଼ ଉପଜିଲ୍ଲାପାଳ ଡ. ସେଠୀ ପ୍ରକାଶ କରିଛନ୍ତି।

# ଭଙ୍ଗା ଘରକୁ ଯୋଡିଲେ ବିଚାରପତି

କେନ୍ଦ୍ରାପଡ଼ା,୧୫/୦୫ (ନି.ପ୍ର): କେନ୍ଦ୍ରାପଡା ପରିବାର ଅଦାଲତରେ ବିବାହ ବିଚ୍ଛେଦ ପାଇଁ ମାମଲା ରୁଜୁ ହୋଇଥିବା ଗୋଟିଏ ପରିବାରକୁ ମାନ୍ୟବର ବିଚାରପତି ବିକାଶ ଚନ୍ଦ୍ର ଦେ ପୁନର୍ମିଳନ କରାଇଥିବା ଜଣାଇପଡିଛି । ଘଟଣାରୁ ପ୍ରକାଶ ଯେ, ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ବେଲତଳ ଗ୍ରାମର ସରୋଜ ମଲିକ, ଯାଜପୁର ଜିଲ୍ଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଧାମନଦୀ ଗ୍ରାମର ଝୁନା ମଲିକଙ୍କ ସହିତ ବିବାହ କରିଥିଲେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନୀ ହେବାରୁ ଝୁନା ମଲିକ ନିଜ ବାପଘରେ ରହି ଆସୁଥିଲେ । ତାଙ୍କ ସ୍ୱାମୀ ସରୋଜ ମଲିକ ତାଙ୍କୁ ନିଜ ଘରକୁ ଆଣିବା ପାଇଁ ମାନ୍ୟବର ପରିବାର ଅଦାଲତରେ ସିପି କେସ ନଂ-୬୫/୧୯ ରେ ଏକ ମାମଲା ରୁଜୁ କରିଥିଲେ । ମାମଲା ପରିଚାଳନା ସମୟରେ ବିଚାରପତି ମାନ୍ୟବର ଶ୍ରୀ ଦେ ଉଭୟ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରି ଉଭୟଙ୍କ ସହମତିରେ ପୁନର୍ମିଳନ କରାଇଥିଲେ । ଆଇନଜୀବି ବିଚିତ୍ରାନନ୍ଦ ସାହୁ ମାମଲା ପରିଚାଳନା କରିଥିଲେ ।

# ରାମକୃଷ୍ଣ ମିଶନ ଆଶ୍ରମର ପୁରାତନ ଛାତ୍ରସଂଘର ସମ୍ମିଳନୀ

ପୁରୀ,୧୫/୦୫ (ନି.ପ୍ର): ରାମକୃଷ୍ଣ ମିଶନ ଆଶ୍ରମର ପୁରାତନ ଛାତ୍ରସଂଘର ପଂଚମ ଦ୍ୱିବାର୍ଷିକ ସମ୍ମିଳନୀ ମେ ୧୪ ଓ ୧୫ ତାରିଖ ଦୁଇଦିନ ଧରି ମିଶନ ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଛାତ୍ରସଂଘର ଉପ-ସଭାପତି ପ୍ରମୋଦ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ । ପୁରୀ ମିଶନ ଆଶ୍ରମର ପରିଚାଳନା ସଂପାଦକ ତଥା ସମ୍ମିଳନୀର ମୁଖ୍ୟ ପୃଷ୍ଠପୋଷକ ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜ ଦୀପ ପ୍ରଜ୍ୱଳନ ସହ ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବା ସଙ୍ଗେସଙ୍ଗେ ଆଶ୍ରମର ଅନ୍ତେବାସୀଙ୍କ ଦ୍ୱାରା ଓଁକାର ନିନାଦସହ ବେଦମନ୍ତ୍ର ଗାନ କରାଯାଇଥିଲା । ଏଥିରେ ରାୟଗଡ଼ାସ୍ଥିତ ହାଟ ମୁନିଗୁଡ଼ା ଆଶ୍ରମର ପରିଚାଳନା ସଂପାଦକ ସ୍ୱାମୀ ଗୀତାମ୍ବାନନ୍ଦ ମହାରାଜ ମୁଖ୍ୟ ଅତିଥିରୂପେ ଯୋଗଦାନ କରି ପୁରାତନ ଛାତ୍ରସଂଘ ଗଠନର ତାତ୍ପର୍ଯ୍ୟ ଓ ଉପାଦେୟତା ସହ ୧୯୫୬ ମସିହାରୁ ପ୍ରତିଷ୍ଠିତ ଏହି ଐତିହାସିକ ଅନୁଷ୍ଠାନର ଗର୍ବ ଓ ଗୌରବର ଏକ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ । ଠାକୁର ରାମକୃଷ୍ଣ ପରମହଂସଙ୍କର ପରମଶିଷ୍ୟ ସ୍ୱାମୀ ବିବେକାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ସେବାମୂଳକ ଆଦର୍ଶ ଶିକ୍ଷାନୁଷ୍ଠାନର ଇତିବୃତ୍ତି ଉପସ୍ଥାପନ କରିଥିଲେ । ସ୍ୱାମୀ ଆପ୍ତେଶ୍ୱରାନନ୍ଦ ମହାରାଜ ତାଙ୍କର ବକ୍ତବ୍ୟରେ ପୁରାତନ ଛାତ୍ରସଂଘର କାର୍ଯ୍ୟଧାରା ଉପରେ ଗଭୀର ସନ୍ତୋଷ ପ୍ରକାଶ କରି ଏହାର ଉତରୋତର ଉନ୍ନତି କାମନା କରିଥିଲେ । ସଂପାଦକ ଧନଞ୍ଜୟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ । ଏ ଅବସରରେ ଛାତ୍ରସଂଘର ମୁଖପତ୍ର 'ସ୍ମୃତି-ଦର୍ପଣ' ମୁଖ୍ୟ ଅତିଥ ଉନ୍ମୋଚନ କରିବା ପରେ ମୁଖପତ୍ରର ସଂପାଦକ ଡ. ଭିକାରୀ ଚରଣ ରଥ ଏହାର ସମୀକ୍ଷା କରିଥିଲେ । ପୁରାତନ ଛାତ୍ରସଂଘର ବରିଷ୍ଠ ସଦସ୍ୟ ଅଧ୍ୟାପକ ଆନନ୍ଦ ଚନ୍ଦ୍ର ପଣ୍ଡା ଓ ଇଞ୍ଜିନିୟର ବେଣୁଧର ବିଶ୍ୱାଳ ସମ୍ମିଳନୀର ତାତ୍ପର୍ଯ୍ୟ ସହ ଏହାର ସାଂଗଠନିକ ଦୃଢ଼ତା ପାଇଁ ଛାତ୍ରମାନଙ୍କୁ ନିବେଦନ କରିଥିଲେ । ସଭାପତିଙ୍କ ଅଭିଭାଷଣ ମାଧ୍ୟମରେ ଶ୍ରୀ ମହାନ୍ତି ଏହି ପବିତ୍ର ଅନୁଷ୍ଠାନର ସେବା ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସହସ୍ରାଧିକ ଛାତ୍ର ରାଜ୍ୟ ତଥା ରାଜ୍ୟ ବାହାରେ ନିଜର କର୍ମନିପୁଣତା ପ୍ରତିପାଦନ କରିବାର କେତେକ ଦୃଷ୍ଟାନ୍ତ ପ୍ରଦାନ କରିଥିଲେ । ପରିଶେଷରେ ସଂପାଦକ, ଅତିଥିବର୍ଗ ଓ ସମ୍ମିଳନୀର ସଫଳତା ଓ ଭାଗୀଦାର ପୁରାତନ ଛାତ୍ରମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ପରେ ସଭାସଙ୍ଗ କରାଯାଇଥିଲା । ସଭାର ପ୍ରାରମ୍ଭରେ ନିକଟରେ ବିରବିଦାୟ ନେଇଥିବା ପୁରାତନ ଛାତ୍ର ମଧୁସୂଦନ ସାହୁ, ଦାକ୍ଷିନ କୁମାର ମାର୍ଣ୍ଣ ଓ ପ୍ରହଲ୍ଲାଦମହାନ୍ତିଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ଆବାସ ଯୋଜନା ସାତ ସପନ : ମନ୍ଦିର ବାରଣ୍ଡାରେ ବିତୁଛି ଜୀବନ

ଜୟପୁର, ୧୪ ମଇ (ହି.ସ.)- ୨୦୨୦ ସୁଦ୍ଧା କଚା କୁଡ଼ିଆ ପକ୍କା ହେବ କେହି ଜଣେ ବି ଗୃହହୀନ ହୋଇ ରହିବେ ନାହିଁ ବୋଲି ସରକାରଙ୍କ ଏଭଳି ଘୋଷଣା ପରେ ଗୃହହୀନ ଅଥବା ଦଦରା କୁଡ଼ିଆରେ କୌଣସି ମତେ ମୁଣ୍ଡ ଗୁଞ୍ଜିଥିବା ଗରିବ ଲୋକଙ୍କ ମନରେ ବଡ ଆଶା ସଂଚାର ହୋଇଥିଲା । କିନ୍ତୁ, ସହର ହେଉ କି ଗାଁ ଏବେ ବି ଅନେକ ଗରିବଙ୍କ ସ୍ୱପ୍ନ ସ୍ୱପ୍ନରେ ରହିଯାଇଛି । ପକ୍କା ଘର ତ ଦୂରର କଥା ମୁଣ୍ଡ ଗୁଞ୍ଜିବା ପାଇଁ ମନ୍ଦିର ବାରଣ୍ଡା ପାଲଟିଛି ସାହାରା । କୋରାପୁଟ ଜିଲ୍ଲା ବୋରିଗୁମ୍ମା ଗ୍ରାମର ପି. ମଣି କୁମାରୀ (୪୫ )। ପରିବାର କହିଲେ ଗୋଟିଏ ଭାଣେଜି ସେ ମଧ୍ୟ ମାନସିକ ବିକୃତି । ବାପା ମାଆ ଭାଇ ଆର ପାରିରେ। ନିଜ ମାନସିକ ବିକୃତି ଭାଣଜିକୁ ନେଇ ଜୀବନ କାଟୁଛନ୍ତି ମଣି କୁମାରୀ । ସରକାରଙ୍କ ପକ୍ଷରୁ ୨୫ କେଜି ଚାଉଳ ଏବଂ ବିଧବା ଭତା ୫୦୦ ଟଙ୍କା ଏବଂ ଝିଆରୀକୁ ବିକଲାଙ୍ଗ ଭତା ବାବଦକୁ ୭୦୦ ଟଙ୍କା ଦେଇ କାମ ସାରିଦେଇଛନ୍ତି । ସେହି ଟଙ୍କା ସାହାଯ୍ୟରେ ହାଟ ବଜାରରେ ଅଳ୍ପ ପରିମାଣର ଆଳୁ, ପିଆଜ, ରସୁଣ ବିକ୍ରି କରନ୍ତି । ବୋରିଗୁମ୍ମା ସ୍ଥିତ ଠାକୁରାଣୀ ମନ୍ଦିର ବାହାର ବାରଣ୍ଡରେ ଆଶ୍ରୟ ନିଅନ୍ତି ସେହିଠାରେ ହିଁ ଆଳୁ ପିଆଜ ବିକ୍ରି କରନ୍ତି ଯାହା ରୋଜଗାର ହୁଏ ସେଥିରେ ଦୁଇ ପ୍ରାଣୀ ପେଟ ପୋଷନ୍ତି । ସେହି ମାନସିକ ବିକୃତି ଭାଣଜିକୁ ମଧ୍ୟ ସାଙ୍ଗରେ ନେଇ ଆଶ୍ରୟ ନେଇଥାନ୍ତି । ଦିନ ସାରା ସେହି ଅସ୍ଥାୟୀ କୁଡ଼ିଆରେ ଦିନ କାଟନ୍ତି । ଖରା ବର୍ଷାକୁ ଖାତିର ନ କରି ସେମିତି ଦୁଇ ଜଣ ସେହି ଖୋଲା ମେଲାରେ ପଡି ରହନ୍ତି । ସେହି ସ୍ଥାନରେ କନକ ପରମେଶ୍ୱରୀ ମନ୍ଦିର ରହିଅଛି । ଶେଷରେ ମନ୍ଦିର କମିଟି ମନ୍ଦିର ବାରଣ୍ଡାରେ ରାତିରେ ଆଶ୍ରୟ ନେବା ପାଇଁ ଅନୁମତି ଦେଇଛନ୍ତି । ଦୁଇ ଜଣ ଦିନ ସାରା ମନ୍ଦିର ବାହାରେ ଆଉ ରାତି ହେଲେ ମନ୍ଦିର ବାରଣ୍ଡାରେ ଆଶ୍ରୟ ନେଉଛନ୍ତି । ମୁଣ୍ଡ ଗୁଞ୍ଜିବାକୁ ଘର ଖଣ୍ଡିଏ ନାହିଁ. ଏ ଦୁଆର ସେ ଦୁଆର ହୋଇ ବୁଲୁଛନ୍ତି ଦୁଇ ପ୍ରାଣୀ । ଅସ୍ଥାୟୀ କୁଡ଼ିଆ ହୋଇପାରିନି ପ୍ରଧାନମନ୍ତ୍ରୀ ଆବାସ କି ବିଜୁ ପକ୍କା ଘରର ରୂପ, ଏ ହେଉଛି ଉଦାହରଣ । ଏ ପିଣ୍ଡାରେ ସେ ପିଣ୍ଡାରେ ବର୍ଷ ବର୍ଷ ଧରି ରହିଥିବା ଏହି ଅସହାୟଙ୍କୁ ଏଯାଏଁ ପକ୍କାଘର ସୌଭାଗ୍ୟ ଜୁଟି ନାହିଁ । ଲାଗୁଛି ସତେ ଯେମିତି ଏମାନେ ପକ୍କା ଘର ପାଇବାର ଯୋଗ୍ୟ ନୁହଁନ୍ତି । କୁଡ଼ିଆରେ ଭାଗ୍ୟକୁ ଆଦରି ଜୀବନ କାଟୁଛନ୍ତି । ମଣିକୁମାରୀର ସାନ ଭାଇ ତାଙ୍କର ପୁଅକୁ କୋଉଠି ଛାଡିଛନ୍ତି ସେଇ ପୁଅର ସାହାରା ପାଇବା ଆଶା ଥିଲା କିନ୍ତୁ ସେଇ ପୁଅର ମଧ୍ୟ ସନ୍ଧାନ ମିଳୁନାହିଁ । ତାହା ବୋଝ ଉପରେ ନଳିତା ବିଡା ସଦୃଶ ହୋଇଯାଇଛି ମଣି କୁମାରୀଙ୍କୁ ପାଇଁ । ମଣି କୁମାରୀଙ୍କୁ ଚାଉଳ ୨୫ କିଲୋ ଓ ୫୦୦ ଟଙ୍କା ଭତା ମିଳୁଛି, ହେଲେ ମୁଣ୍ଡ ଗୁଞ୍ଜିବାକୁ ଖଣ୍ଡେ ଭଲ ଘର ନାହିଁ । ଖଣ୍ଡିଏ ଘର ପାଇଁ ଆଜକୁ ୩ ବର୍ଷ ହେବ ପ୍ରଶାସନର ଦ୍ୱାରସ୍ଥ ହୋଇ ଥକି ଗଲେଣି ତଥାପି ପ୍ରଶାସନ ନିରବଦ୍ରଷ୍ଟା ସାଜିଛି । ବ୍ଲକ ପ୍ରଶାସନ ବିଭିନ୍ନ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଏବଂ ବିଭିନ୍ନ ପାର୍କ ନିର୍ମାଣ କାର୍ଯ୍ୟ ଯୋଉଠିକି ମୋଟା ଅଙ୍କର ପିସି ମିଳିବ ସେହି କାର୍ଯ୍ୟ ଏବଂ ଦୁର୍ନୀତି କରି କିଭଳି ଟଙ୍କା ଉପାର୍ଜନ କରାଯାଇପାରିବ ସେଥିପାଇଁ ବ୍ୟସ୍ତ ରହୁଛନ୍ତି ଏବଂ ଗଣମାଧ୍ୟମ ଆଗରେ କୌଣସି ପ୍ରତିକ୍ରିୟା ରଖିବାକୁ ମନା କରୁଛନ୍ତି । ଯଦି, ବୋରିଗୁମ୍ମା ସଦର ମହକୁମାରେ ଏଭଳି ଅବସ୍ଥା ତେବେ ଉପାନ୍ତ ଅଂଚଳରେ ସ୍ଥିତି କେମିତି ଥିବ ତାହା ସହଜେ ଅନୁମେୟ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଭୂତତ୍ୱ ବିଜ୍ଞାନ ବିଭାଗର ଆଲୋଚନା ଚକ୍ର

କେନ୍ଦ୍ରାପଡ଼ା,୧୫/୦୫ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ଭୂତତ୍ୱ ବିଜ୍ଞାନ ବିଭାଗ ଓ ଆଇ.କ୍ୟୁ.ଏ.ସି ପକ୍ଷରୁ ଆଜି ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଦିକବି ସାରଳା ଦାସ, ତିର୍ତୋଲ୍ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର୍ ଶିବେନ୍ ମିତ୍ର ରିସୋର୍ସ ପର୍ସନ ଭାବେ ଯୋଗଦେଇ ଭୂତତ୍ୱ ବିଜ୍ଞାନର ଟପୋସିଟ୍ ଓ ମ୍ୟାପ୍‌କୁ ସଠିକ୍ ଭାବରେ ଆକଳନ କରିବା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ପୌରୋହିତ୍ୟ କରିଥିଲେ । ବିଭାଗୀୟ ମୁଖ୍ୟ ବିଶ୍ୱଜିତ୍ ରାଉତ୍ କାର୍ଯ୍ୟକ୍ରମ ଓ ବିଷୟବସ୍ତୁର ଆଭିମୁଖ୍ୟ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ । ବିଭାଗର ସହ-ଅଧ୍ୟାପକ ସନ୍ଦୀପ କୁମାର ସେଠୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଆଇ.କ୍ୟୁ.ଏ.ସି ସଂଯୋଜକ ପ୍ରଫେସର୍ ଡ଼ଃ ମଥୁରୀ ଚରଣ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପ୍ରାଧାପିକା ଡ଼ଃ ପ୍ରମିଳାରାଣୀ ବେହେରା , ଜ୍ୟୋତ୍ସ୍ନାମୟୀ ପତି ଓ ଭୂତତ୍ୱ ବିଭାଗର ଛାତ୍ରୀମାନେ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଜୟପୁର,୧୫/୦୫ (ନି.ପ୍ର): ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ-୨୦୨୨ ଅନୁଷ୍ଠିତ ହୋଇଛି । ଜିଲ୍ଲା ଆଇନ ସେବା ପ୍ରାଧିକରଣ ତଥା ସ୍ଥାୟୀ ନିରନ୍ତର ଲୋକଅଦାଲତ ମାଧ୍ୟମରେ ବିଭିନ୍ନ ଅଦାଲତରେ ପଡିରହିଥିବା ଭିନ୍ନ ଭିନ୍ନ ମକଦ୍ଦମା ମାମଲା ଗୁଡିକ ଆପୋଷ ମିଳାମିଶା ମାଧ୍ୟମରେ ସମାଧାନ କରାଯାଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେଓ୍ୱାନୀ, ଫୌଜଦାରୀ (ସାଲିସ୍ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ୍ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇଥିଲା । ଏଥିସହ ପ୍ରାକ୍ ମୋକଦ୍ଦମା ସ୍ତରୀୟ (କଚେରୀରେ ଦାୟର ହୋଇନଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ପାରିବାରିକ ବିବାଦ ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇଥିଲା । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା କୋରାପୁଟ ଜିଲ୍ଲାର ଜୟପୁର କୋର୍ଟର ଦୌରାଜଜ ସୌମେନ୍ଦ୍ର କୁମାର ରାଜଗୁରୁ, ଅତିରିକ୍ତ ଜିଲ୍ଲାଜଜ୍, ରାଜେସ୍ ନାୟା ସି.ଜେ.ଏମ ଦିଲ୍ଲୀପ କୁମାର ସାହୁ, ଜିଲ୍ଲା କୋର୍ଟର ରେଜିଷ୍ଟ୍ରାର ଶରତ କୁମାର ଜେନା, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସଚିବ ଶୁଭଗୌତମ ମିଶ୍ର, ବରିଷ୍ଠ ଦେଓ୍ୱାନୀ ବିଚାରପତି ଏସ୍.ଡି.ଜେ.ଏମ୍. ଶ୍ରୀମତୀ ରେଖାରାଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଚରଣ ଜେନା, ଶ୍ରୀମତୀ ପଲ୍ଲବି ପ୍ରିୟଦର୍ଶନୀ ଦାସ ଉପସ୍ଥିତ ରହି ମୋକଦ୍ଦମା ସମାଧାନ କରିଥିଲେ । ଏହା ବ୍ୟତୀତ ଜୟପୁର ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଶଶାନନ୍ଦ ମିଶ୍ର, ଦାଶରଥି ପଟ୍ଟନାୟକ, ତ୍ରିନାଥ ସିଂହ ଲାଲ୍, ମିସ୍ ମନୋଜବାଲା ଦିନବନ୍ଧୁ, ଆନନ୍ଦ ରଥ, କେ.ଦିବାକର ରାଓ, ସୁଧୀର କୁମାର ପାଢୀ, ଜ୍ୟୋତୀରନ୍ଜନ ପୁଜାରୀ, ଜେ. ସତ୍ୟନାରାୟଣ ଆଚାରୀ, ତାରିଣୀ ପାଣୀଗ୍ରାହି, ପି. ବ୍ରହ୍ମାନନ୍ଦମ, ସୁନିଲ କୁମାର ମହାନ୍ତି, ବିନମୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ କେଶ ଗୁଡିକର ସମାଧାନ କରିବାରେ ସହଯୋଗ କରିଥିଲେ ।

# ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ କାର୍ଯ୍ୟାଳୟ ଉଦ୍‌ଘାଟନ

ବଲାଙ୍ଗିର,୧୫/୦୫ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ବ୍ଲକରେ ଅବସ୍ଥିତ ପବିତ୍ର ଶୈବ ପୀଠ ହରିଶଙ୍କର ଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦର କାର୍ଯ୍ୟାଳୟ ଉଦଘାଟନ ହୋଇଛି । ଏହି ଉଦଘାଟନୀ ଉତ୍ସବରେ ସ୍ୱାମୀ ସୋମବେଶ ସରସ୍ୱତୀ ପୂଜାପାଠ କରିବା ସହ ଉଦଘାଟନ କରିଛନ୍ତି । ଗନ୍ଧମାର୍ଦ୍ଦନ ସୁରକ୍ଷା ପରିଷଦ ଗାଁ ଗାଁ ରେ ଲୋକମାନଙ୍କୁ ସଚେତନ କରିବା ପାଇଁ ଆଲୋଚନା କରାଯାଇଥିଲା । ଏହି ଅବସରରେ ସଭାପତି ଅଭିଳାଷ ଭୋଇ, ପ୍ରଶାନ୍ତ ମାଝୀ, ଶ୍ରୀମତୀ ସଂଯୁକ୍ତା ମାଝୀ, ବସନ୍ତ ନାଗ, ଧବଳେଶ୍ୱର ପାତ୍ର, ବୁଲୁ ବେହେରା, କୈଳାସ ସାହୁ, ସତ୍ୟ ନାରାୟଣ ବନପ୍ରସ୍ଥ ପ୍ରମୁଖ ଉପସ୍ଥିତ ଥିବାବେଳେ ଟେକେନ୍ଦ୍ର ଜାଲ ସଭା ପରିଚାଳନା କରିଥିଲେ ଓ କୈଳାସ ଆର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାସ୍ତା ସହ କଲଭର୍ଟ ନିର୍ମାଣ ଶେଷ ପାଇଁ ଦାବି

ଜୟପୁର, ୧୪ ମଇ (ହି.ସ.)- ପକ୍କା ରାସ୍ତା ସହ କଲଭର୍ଟ ନିର୍ମାଣ ପାଇଁ ଗ୍ରାମବାସୀଙ୍କ ଦାବୀ ପରେ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିଲା । ଲୋକଙ୍କ ଯାତାୟାତ ସୁବିଧା ପାଇଁ କଲଭର୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା କିନ୍ତୁ ସେହି ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇନାହିଁ । ଏହିପରି ଏକ ଚିତ୍ର ଦେଖିବାକୁ ମିଳିଛି କୋରାପୁଟ ଜିଲା ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଟିପାଗୁଡା ଡାଳଭଟା ରାସ୍ତାରେ । ଜୟପୁର ଉପଖଣ୍ଡ ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ମାଠପୋଡ଼ା ପଂଚାୟତର ବଣୁଆଗୁଡା, ଡାଳଭଟା, ବୋରାଗୁଡା, କଡିକିଆଗୁଡା, ସିରାଗୁଡା ଗାଁ ଲୋକଙ୍କ ଯାତାୟତ ସୁବିଧା ପାଇଁ ପ୍ରଶାସନ ପକ୍ଷରୁ ରାସ୍ତା ସହ କଲଭର୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ, କିନ୍ତୁ ଦୁର୍ଭାଗ୍ୟର ବିଷୟ ପ୍ରଶାସନର ଅବହେଳା ଯୋଗୁଁ ଏହି ନିର୍ମାଣ କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଶେଷ ହୋଇପାରୁନି । ଯଦ୍ୱାରା କି ହନ୍ତସନ୍ତ ହେଉଛନ୍ତି ନାଳ ଆରପଟେ ଥିବା ପାଞ୍ଚ ଖଣ୍ଡ ଗାଁର ଲୋକେ । ଅତିଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଗଣମାଧ୍ୟମ ଜରିଆରେ ଅଭିଯୋଗ କରିଛନ୍ତି ଗ୍ରାମବାସୀ । ସେପଟେ ଏହି ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ମତ ରଖିଛନ୍ତି ସ୍ଥାନୀୟ ବିଡ଼ିଓ ଅଭିମନ୍ୟୁ କବି ଶତପଥି । ବର୍ଷାଋତୁ ପୂର୍ବରୁ କଲଭର୍ଟ ସହ ପକ୍କା ରାସ୍ତା ନିର୍ମାଣ ଶେଷ ହେଲେ ପାଂଚ ଖଣ୍ଡ ଗ୍ରାମବାସୀ ଉପକୃତ ହେବେ ବୋଲି ସାଧାରଣ ଦାବୀ ହେଉଥିବା ବେଳେ ପ୍ରଶାସନ କେବେ ପଦକ୍ଷେପ ନେବେ ତାହା ଦେଖିବାକୁ ବାକି ରହିଲା ।

# ଗଞ୍ଜେଇ ମାଫିଆକୁ ଧରିବାକୁ ଯାଇ ହଟହଟା ହେଲା ମାଲକାନଗିରି ପୋଲିସ

ମାଲକାନଗିରି,୧୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ପୋଲିସ ରାତିଅଧିଆ ଗଞ୍ଜେଇ ମାଫିଆକୁ ଧରିବାକୁ ଯାଇ ହଟହଟା ହୋଇଥିବାର ଖବର ମିଳିଛି । ମିଳିଥିବା ସୂଚନା ଅନୁଯାୟୀ, କୋରାପୁଟ ଜିଲ୍ଲା ମାଛକୁଣ୍ଡ ଥାନା ମାଟିଖାଲରେ ଗଞ୍ଜେଇ ଚୋରାଚାଲାଣ ହେଉଥିବାର ମାଲକାନଗିରି ଏସଡିପିଓ ଶୁଭେନ୍ଦୁ ପାତ୍ର ଖବର ପାଇଥିଲେ । ସେ ବିଳମ୍ବିତ ରାତିରେ ମାଟିଖାଲ ଗାଁକୁ ଏକ ୩୦ ଜଣିଆ ପୁଲିସ୍ ଟିମ୍ ପଠାଇଥିଲେ । ପୁଲିସ୍ ମାଫିଆକୁ ଧରିବା ଲାଗି ଜଣେ ଲୋକଙ୍କ ଘରେ ଚଢ଼ଉ କରିଥିଲା । ତାପରେ ଗ୍ରାମବାସୀମାନେ ଏଥରେ ଉତକ୍ଷିପ୍ତ ହୋଇ ପୁଲିସ୍ କର୍ମୀମାନଙ୍କୁ ନିସ୍ଥୁକ ମାଡ଼ ମାରିଥିଲେ । ହେଲେ ଏହି ଘଟଣା ପରେ ଫାଙ୍କା ଗୁଳି ଚାଳନା କରି ପୁଲିସ୍ କର୍ମୀମାନେ ଛତ୍ରଭଙ୍ଗ ଦେଇଥିଲେ । କିନ୍ତୁ, ପ୍ରଦୀପ ନାୟକ ନାମକ ଜଣେ କନେଷ୍ଟବଳ ଗାଁ ଲୋକଙ୍କ ଦ୍ୱାରା ଅଟକ ରହିଥିଲେ । ତାଙ୍କୁ ଗ୍ରାମବାସୀମାନେ ନିସ୍ଥୁକ ମାଡ଼ ମାରିଥିବାର ଅଭିଯୋଗ ହୋଇଛି । ତେବେ ପରେ ମାଛକୁଣ୍ଡ ଥାନା ପୁଲିସ୍ ପ୍ରଦୀପ ନାୟକଙ୍କୁ ଉଦ୍ଧାର କରିଥିଲେ । ଗ୍ରାମବାସୀଙ୍କ ଆକ୍ରମଣ ଯୋଗୁଁ ୩୦ ଜଣିଆ ପୁଲିସ୍ ଟିମ୍ ଘଟଣାସ୍ଥଳରୁ ଖାଲି ହାତରେ ଫେରିଥିବା ଜଣାଯାଇଛି ।

# ବେକେରିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସମ୍ପତି ନଷ୍ଟ

ମାଲକାନଗିରି,୧୫/୦୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମା ପୁରୁଣା ମେଡିକାଲ ଛକ ନିକଟରେ ଥିବା ଦେବନାଥ ବେକେରିରେ ନିଆଁ ଲାଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି । ସୂଚନା ଯୋଗ୍ୟ ଯେ, କୌଣସି ଏକ କାରଣରୁ ଆଜି ସକାଳେ ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା ଆଉ ଏହା ଧୀରେ ଧୀରେ ସମ୍ପୂର୍ଣ୍ଣ ଦୋକାନରେ ମାଡି ଯାଇଥିଲା । ନିଆଁ ଲାଗିବା ସମୟରେ ଦୋକାନରେ ଥିବା ଦୁଇଟି ଗ୍ୟାସ ଟାଙ୍କି, ସ୍କୁଟିରେ ନିଆଁ ଲାଗି ସମ୍ପୂର୍ଣ୍ଣ ନଷ୍ଟ ହେବା ସହ ଦୋକାନରେ ଥିବା ସାମଗ୍ରୀ ମଧ୍ୟ ପୋଡିନଷ୍ଟ ହୋଇଯାଇଛି । ତେବେ ତୁରନ୍ତ ଅଗ୍ନିଶମ ବିଭାଗକୁ ଫୋନ କରିବା ଦ୍ୱାରା ଅଗ୍ନିଶମ ବିଭାଗର କର୍ମଚାରୀ ସେଠାରେ ପହଂଚି ନିଆଁକୁ ଆୟତ କରିଥିଲେ ।

# ଆନ୍ତର୍ଜାତିକ ଯୋଗ ଦିବସ ପାଇଁ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ

କନ୍ଧମାଳ,୧୫/୦୫ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ଜ଼ିଲ୍ଲା କ୍ରୀଡା କାର୍ଯ୍ୟାଳୟ ଫୁଲବାଣୀ ଠାରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀ ତରଫରୁ ଆନ୍ତର୍ଜାତିକ ଯୋଗ କାର୍ଯ୍ୟକ୍ରମ ପାଇଁ ଯୋଗ ଅଭ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏସଡିପିଓ ମହେନ୍ଦ୍ରନାଥ ମୁର୍ମୁ ଯୋଗଦେଇଥିବା ବେଳେ ସମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଆର୍ମି ଅଫିସର ବିଷ୍ଣୁ ପ୍ରସାଦ ମିଶ୍ର, କ୍ରୀଡା ଅଧିକାରୀ ଜିତେନ୍ଦ୍ର କୁମାର ମହାକୁଡ଼, ପୂର୍ବତନ ବ୍ଲକ ଅଧକ୍ଷ ବୀରେନ୍ଦ୍ର କହ୍ନର, ଖେଳ ଶିକ୍ଷକ ତପନ ଚନ୍ଦ୍ର ଧଳ, ରାକେଶ ବିଶୋଇ, ଶିକ୍ଷକ ସୁନିତା ଡିଗାଲ, ସନ୍ତୋଷ କୁମାର ମିଶ୍ର, ପାର୍ଥସାରଥି ମଲ୍ଲିକ, ଏବଂ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ କୁମାର, ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ ।

ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଫୁଲବାଣୀ ବ୍ଲକର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଏବଂ ଯୁବକ ସଙ୍ଘର ସଭ୍ୟ ସଭ୍ୟା, ନେହରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଦିବସରେ ଯୋଗ ଉପରେ ଏକ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏଥିରେ ପ୍ରଥମ ପ୍ରବୀଣ କୁମାର କହ୍ନର ସତ୍ୟସାଇ ହାଇସ୍କୁଲ, ଦ୍ୱିତୀୟ ଶିବ ପ୍ରସାଦ ପଣ୍ଡା ଏ ଜେ ଓ ହାଇସ୍କୁଲ ଏବଂ ତୃତୀୟ ଚିକୁନୁ ନାୟକ ସତ୍ୟସାଇ ହାଇସ୍କୁଲ ହୋଇ ଥିଲେ । ବିଜୟୀ ପ୍ରତିଯୋଗୀ ମାନଙ୍କୁ ଟ୍ରଫି, ପ୍ରମାଣ ପତ୍ର ଦେଇ ମୁଖ୍ୟ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ମୁଖ୍ୟ ଅତିଥି ଅନୁଷ୍ଠିତ ଦିବସର ମୂକ୍ଷ ଲକ୍ଷ୍ୟ ଓ ଉଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀଙ୍କୁ ଅବଗତ କରିଥିଲେ । ଯୋଗକାର୍ଯ୍ୟକୁ ଯୋଗ ଗୁରୁ ଭାବରେ ପ୍ରଶାନ୍ତ ଦାଶ ଯୋଗଦେଇ ଛାତ୍ରଛାତ୍ରୀ ଓ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଯୋଗ ତାଲିମ ପ୍ରଦାନ କରିଥିଲେ । ବୈଠକରେ ନେହରୁ ଯୁବ କେନ୍ଦ୍ର ଫୁଲବାଣୀର ସହକର୍ମୀ ସତ୍ୟବାନ ଦଳବେହେରା ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଛାତ୍ରଛାତ୍ରୀ, ଯୁବକ ଭାଇ ଓ ଭଉଣୀ ମାନଙ୍କୁ ସ୍ୱାଗତ କରିଥିବା ବେଳେ ସ୍ୱେଚ୍ଛାସେବୀ ସୋନାଲି ଡିଗାଲ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟରେ ସମାଜ ବିଜ୍ଞାନ ବିଭାଗ ତରଫରୁ ସେମିନାର ଓ ୱେବିନାର୍

କେନ୍ଦ୍ରାପଡ଼ା,୧୫/୦୫ (ନି.ପ୍ର): କେନ୍ଦ୍ରାପଡ଼ା ତୁଳସୀ ମହିଳା ମହାବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗ ଓ ଆଇ.କ୍ୟୁ.ଏ.ସି ତରଫରୁ ତା ୧୩.୦୫.୨୦୨୨ ରିଖ ଦିନ ଏକ ଉଚ୍ଚକୋଟିର ସେମିନାର୍ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ମିଜୋରାମ୍ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର୍ ରବିନ୍ଦ୍ର କୁମାର ମହାନ୍ତି ରିସୋର୍ସ ପର୍ସନ ଭାବେ ଯୋଗଦେଇ ସମାଜ ବିଜ୍ଞାନର ଇତିହାସ ଓ ଲକ୍ଷ୍ୟ ଉପରେ ଆଲୋକପାତ କରିଥିଲେ । ସେହିଭଳି ତା ୧୪.୦୫.୨୦୨୨ରିଖରେ ପଣ୍ଡିଚେରୀ କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ସମାଜ ବିଜ୍ଞାନର ପ୍ରଫେସର୍ ତଥା ବିଭାଗୀୟ ମୁଖ୍ୟ ଡ଼ଃ ସି. ଅରୁଣା ଓ ତାମିଲ୍‌ନାଡୁର ଏମ୍. ଏସ୍. ବିଶ୍ୱ ବିଦ୍ୟାଳୟର ପ୍ରଫେସର୍ ଆର୍ . ମାରୁଥା କୁଟ୍ଟି ବାର୍ଦ୍ଧକ୍ୟ ଜନିତ ସମସ୍ୟାଗୁଡିକୁ ସାମାଜିକ ଦୃଷ୍ଟିଭଙ୍ଗୀରେ ଆଲୋଚନା କରିଥିଲେ ।

# ମାଉସୀମା ମନ୍ଦିରରେ ଜଳଶାୟୀ ଉତ୍ସବ

ପୁରୀ,୧୫/୦୫ (ନି.ପ୍ର): ବୈଶାଖ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ବା ନୃସିଂହ ଜନ୍ମଦିନ ବଡ଼ଦାଣ୍ଡ ବଳଗଣ୍ଡି ଛକ ନିକଟ ମା ମାଉସୀମା ମନ୍ଦିରରେ ଜଳଶାୟୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମାଉସୀମା ଅର୍ଦ୍ଧଶୋଷନୀ ଭାବେ ଆବିର୍ଭୂତା । ଶ୍ରୀକ୍ଷେତ୍ରରେ ପ୍ରଳୟ ସମୟରେ ମା ଜଳଶୋଷଣ କରି ଶ୍ରୀକ୍ଷେତ୍ରକୁ ରକ୍ଷା କରିଥିଲେ ବୋଲି ସ୍କନ୍ଦ ପୁରାଣରେ ବର୍ଣ୍ଣିତ ହୋଇଛି । ଗ୍ରୀଷ୍ମ ଉତାପରୁ ରକ୍ଷା ପାଇବା ପାଇଁ ଶୀତଳତା ପ୍ରଦାନ ଉପଲକ୍ଷେ ଏହି ଜଳ ଅଭିଷେକ ନୀତି ଅନୁଷ୍ଠିତ ହୋଇଥିଲା । ଶ୍ରୋତୀୟ ବ୍ରାହ୍ମଣମାନେ କୂଅରୁ ଶୁଦ୍ଧଜଳ ଆଣି ସେଥିରେ ସୁଗନ୍ଧିତ ଅର୍ଗ ମିଶାଇ ମା ଭଗବତୀଙ୍କ ମୁହଁର ଅଧର ପର୍ଯ୍ୟନ୍ତ ଜଳଲାଗି କରାଯାଇଥିଲା । ସମସ୍ତ ନୀତି ଶେଷପରେ ମାଙ୍କ କବାଟ ବନ୍ଦ କରାଯାଇଥିଲା କିଛି ସମୟ ପରେ ଦ୍ୱାର ଖୋଲାଯାଇଥିଲା । ସେହି ଜଳରାଶି ମାଙ୍କ ମହିମାରୁ ଶୋଷିତ ହୋଇଯାଇଥିବା ଦେଖିବାକୁ ମିଳିଥିଲା । ମା ପ୍ରଳୟବାରି ଶୋଷଣକାରିଣୀ । ସଂନ୍ଧ୍ୟାରେ ଭୋଗ, ବେଶ, ଆଳତି କାରାଯାଇଥିଲା । ମା'ଙ୍କ ଏହି ଜଳଶାୟୀ ନୀତି ଦର୍ଶନ କଲେ ମହାପୂଣ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ସମସ୍ତ କାର୍ଯ୍ୟକ୍ରମକୁ ମାଙ୍କ ସେବାୟତ ବିଶ୍ୱନାଥ ମିଶ୍ର ପରିଚାଳନା କରିଥିଲେ ।

# ୨୦ ତାରିଖରେ ହେବ କ୍ଷୁଦ୍ର ନିଯୁକ୍ତି ମେଳା-୨୦୨୨

କେନ୍ଦ୍ରାପଡ଼ା,୧୫/୦୫ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ କେନ୍ଦ୍ରାପଡା ଜିଲ୍ଲା ପ୍ରଶାସନର ମିଳିତ ଉଦ୍ୟମରେ ଚଳିତ ମାସ ୨୦ ତାରିଖ ଶୁକ୍ରବାର ଦିନ କେନ୍ଦ୍ରାପଡାରେ କ୍ଷୁଦ୍ର ନିଯୁକ୍ତି ମେଳାର ଆୟୋଜନ କରାଯାଇଛି । ତିନିମୁହାଣୀ କଲେଜ ରୋଡରେ ଥିବା ଜନ ଶିକ୍ଷଣ ସଂସ୍ଥାନ ପରିସରରେ ସେହିଦିନ ସକାଳ ୯ରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ନିଯୁକ୍ତି ମେଳା ପାଇଁ ସାକ୍ଷାତକାର ଅନୁଷ୍ଠିତ ହେବ । ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଂଚଳର ଯୁବତୀ ମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ । ଅଷ୍ଟମ ପାସ ଠାରୁ +୩ ପାସ ଓ ଆଇଟିଆଇ, ଡିପ୍ଲୋମା ପାସ କରିଥିବା ୧୮ ବର୍ଷରୁ ୩୨ ବର୍ଷ ବୟସ୍କ ପର୍ଯ୍ୟନ୍ତ ଯୁବକ ଯୁବତୀ ମାନେ ଏଥିରେ ଅଂଶ ଗ୍ରହଣ କରିପାରିବେ । ଇଚ୍ଛୁକ ପ୍ରାର୍ଥୀମାନେ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରମାଣପତ୍ର ଓ ଆଧାରକାର୍ଡ ସହିତ ଉକ୍ତ ମେଳାରେ ଯୋଗ ଦେଇ ବେସରକାରୀ ସ୍ତରରେ ଥିବା ନିଯୁକ୍ତିର ସୁଯୋଗ ନେବାକୁ କେନ୍ଦ୍ରାପଡା ଜିଲ୍ଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।



# ବେଲ୍ଟ ବ୍ୟାଗ୍

## ଷ୍ଟାଇଲ୍



ବ୍ୟାଗ୍ ପ୍ରତ୍ୟେକ ମହିଳାଙ୍କର ଏକ୍ସେସରିଜର ଏକ ଅଂଶ । ବଜାରରେ ଅନେକ ଡିଜାଇନ୍‌ର ବ୍ୟାଗ୍‌ସ ଯେପରି ଛୋଟ ପାର୍ଟି ୱିଅର୍ କ୍ଲଚ୍‌ରୁ ଆରମ୍ଭ କରି ଓଭରସାଇଜ୍‌ଡ ହ୍ୟାଣ୍ଡବ୍ୟାଗ୍ ଉପଲବ୍ଧ । ବେଳେବେଳେ ଦେଖାଯାଏ ମହିଳାମାନେ ବିଭିନ୍ନ ଆକେଜନ ଅନୁସାରେ, ବିଭିନ୍ନ ଷ୍ଟାଇଲ୍‌ର ବ୍ୟାଗ୍ କିଣିଥାନ୍ତି । ଏକ ଭିନ୍ନ ଲୁକ୍ ପାଇବା ପାଇଁ ଏହା ଏକ ଭଲ ଅପ୍‌ସନ । କିନ୍ତୁ ଏତେ ଗୁଡ଼ାଏ ବ୍ୟାଗ୍ କିଣିଲେ ତା' ପାଇଁ ଯତ୍ନର ଆବଶ୍ୟକତା ଥାଏ । ତେଣୁ ଏହାର ବିକଳ୍ପରେ ଗୋଟିଏ ବ୍ୟାଗ୍‌କୁ ଅଲଗା ଅଲଗା ଷ୍ଟାଇଲ୍‌ରେ କ୍ୟାରି କରି ଲୁକ୍‌ରେ ପରିବର୍ତ୍ତନ କରିପାରିବେ । ଏପରି ଏକ ବ୍ୟାଗ୍ ହେଲା ବେଲ୍ଟ ବ୍ୟାଗ୍ ।



କେତେକ ବେଲ୍ଟ ବ୍ୟାଗ୍‌ର ଷ୍ଟାଇଲ୍ ନିମ୍ନରେ ଦିଆଗଲା-

**କ୍ରସ୍ ବଡି ଷ୍ଟାଇଲ୍:**
ବେଲ୍‌ଟ ବ୍ୟାଗ୍‌କୁ ଅନ୍ୟ ପ୍ରକାରରେ କ୍ୟାରି କରିବାକୁ ଚାହୁଁଥିଲେ ତାହାକୁ କ୍ରସ୍ ବଡି ବ୍ୟାଗ୍ ପରି କ୍ୟାରି କରିବା ଏକ ଭଲ ଆଇଡିଆ । ଏହା ଆପଣଙ୍କୁ ଏକ ଫଙ୍କି ଲୁକ୍ ଦେବ । କ୍ରସ୍ ବଡି ବ୍ୟାଗ୍ ପରି ବେଲ୍‌ଟ ବ୍ୟାଗ୍ ପିନ୍ଧିବା ସମୟରେ ଆପଣ ଏହାକୁ ୱାନ ଶୋଲ୍ଡରରେ କ୍ରସ୍ କରି ପିନ୍ଧିପାରିବେ । ଯଦି ଟି-ସାର୍ଟ ସହିତ ଜିନ୍ସ ବା ୱେଷ୍ଟର୍ଣ୍ଣ ୱିଅର୍ ପିନ୍ଧୁଛନ୍ତି ତେବେ ଏପରିସ୍ଥଳେ ବେଲ୍ଟ ବ୍ୟାଗ୍‌କୁ କ୍ରସ୍ ବଡି ଷ୍ଟାଇଲ୍‌ରେ କ୍ୟାରି କରି ପାରିବେ ।

**ଶୋଲ୍ଡର ବ୍ୟାଗ୍ ଷ୍ଟାଇଲ୍:**
ବେଲ୍ଟ ବ୍ୟାଗ୍‌କୁ କ୍ୟାାରି କରିବା ଏକ ସାଧାରଣ ଷ୍ଟାଇଲ୍ । ଏହିପରି ଭାବରେ ଆପଣ ବ୍ୟାଗ୍‌କୁ କାଜୁଆଲ୍‌ରୁ ଅଫିସ୍ ପର୍ଯ୍ୟନ୍ତ କ୍ୟାରି କରିପାରିବେ । କଲେଜରେ ଆପଣ ରେଗୁଲାର ବ୍ୟାଗ୍‌କୁ ୱାନ୍ ଶୋଲ୍ଡରରେ କ୍ୟାରି କରୁଥିଲେ ତେଣୁ ବେଲ୍ଟ ବ୍ୟାଗ୍‌କୁ ମଧ୍ୟ ଶୋଲ୍ଡର ବ୍ୟାଗ୍ ଷ୍ଟାଇଲ୍‌ରେ କ୍ୟାରି କରିପାରିବେ ।

**କ୍ଲଚ୍ ଷ୍ଟାଇଲ୍:**
ଯଦି ଆପଣର ବାହାର ପାର୍ଟିକୁ ଯାଉଛନ୍ତି ବା ଡେ ଟାଇମ୍‌ରେ ଡେଟ୍ ପାଇଁ ମନ ବଳାଉଛନ୍ତି, ତେବେ ବେଲ୍ଟ ବ୍ୟାଗ୍‌କୁ କ୍ଲଚ୍ ଷ୍ଟାଇଲ୍‌ରେ କ୍ୟାରି କରନ୍ତୁ । ଏହିପରି ଯଦି ବେଲ୍ଟ ବ୍ୟାଗ୍‌କୁ କ୍ୟାରି କରୁଛନ୍ତି ତେବେ ବ୍ୟାଗ୍‌କୁ ବେଲ୍ଟରୁ ବାହାର କରିଦିଅନ୍ତୁ । ଯଦି ଏହା ବାହାର କରି ହେଉନାହିଁ ତେବେ ବେଲ୍ଟକୁ ଆଡଜଷ୍ଟ କରିହେବ ଓ ଏହା ଭଲ ଦେଖାଯିବ । ଯଦି ଏହିପରି ଭାବରେ ବେଲ୍ଟ ବ୍ୟାଗ୍ କ୍ୟାରି କରୁଛନ୍ତି ତେବେ ଏହା ଆପଣଙ୍କୁ ଷ୍ଟାଇଲିଶ୍ ଲୁକ୍ ଦେବ ।

**ୱେଷ୍ଟ ବ୍ୟାଗ୍ ଷ୍ଟାଇଲ୍:**
ସାଧାରଣତଃ ବେଲ୍ଟ ବ୍ୟାଗ୍‌କୁ ଏହି ଷ୍ଟାଇଲ୍‌ରେ କ୍ୟାରି କରାଯାଇଥାଏ । ସକାଳୁ ରନିଙ୍ଗ୍‌ରେ ଯାଉଥିଲେ ବା ଏୟାରପୋର୍ଟ ଲୁକ୍‌ରେ ଏହିପରି ୱେଷ୍ଟ ବ୍ୟାଗ୍ ଷ୍ଟାଇଲକୁ ଫଲୋ କରିପାରିବେ । ବ୍ୟାଗ୍‌କୁ ସାମ୍ନାରେ ରଖନ୍ତୁ ଓ ବେଲ୍ଟକୁ ଅଣ୍ଟାରେ ବାନ୍ଧନ୍ତୁ । ଏହା ବ୍ୟତୀତ ଆପଣ ଏହାକୁ ସାଇଡ୍‌ରେ ରଖିପାରିବେ । ଏହା ଦେଖିବାକୁ କ୍ଲାସି ଲାଗିବ ।

# ଜାଇଫଳ ବଢ଼ାଏ ଯୌନକ୍ଷମତା



ଜାଇଫଳ ଏକ ପ୍ରାକୃତିକ ମସଲା, ଯାହା ସର୍ବତ୍ର ବ୍ୟବହୃତ । ଏହା ବିଭିନ୍ନ ରୋଗର ଘରୋଇ ଉପଚାର ପାଇଁ ବ୍ୟବହାର କରାଯାଇଥାଏ । ଜାଇଫଳରେ ଆଣ୍ଟି-ଇନଫ୍ଲାମେଟୋରୀ ଗୁଣର ଭରି ରହିଛି । ଏହା ଜନନାଙ୍ଗକୁ ରକ୍ତ ପ୍ରବାହଜନିତ ସମସ୍ୟା ଦୂର କରିଥାଏ, ଯାହାଫଳରେର ଯୌନ ଜୀବନରେ ଶାନ୍ତି ଆସିଥାଏ । ସେହିପରି ଜାଇଫଳର ତେଲ ମଧ୍ୟ ଔଷଧ ରୂପେ ବ୍ୟବହାର ହୋଇଥାଏ । ଜାଇଫଳ ଗଛର ପତ୍ର ଓ ଗଣ୍ଡିରୁ ମଧ୍ୟ ଆବଶ୍ୟକୀୟ ତୈଳ ବାହାରିଥାଏ, ଯାହାର ଉପଯୋଗ ସୌନ୍ଦର୍ଯ୍ୟ ଓ ସ୍ୱାସ୍ଥ୍ୟ ପାଇଁ କରାଯାଇଥାଏ । ଏହି ତେଲ ରଙ୍ଗହୀନ କିମ୍ବା ହାଲ୍‌କା ହଳଦିଆ ହୋଇଥାଏ । କିନ୍ତୁ ଏହା ଖୁବ୍ ବାସ୍ନାଯୁକ୍ତ ଓ ସ୍ୱାଦଯୁକ୍ତ ମଧ୍ୟ । ଏହାକୁ ମୁଖ୍ୟତଃ ସିରପ୍, ପାନୀୟ ଓ ମିଠା ଆଦିରେ ବ୍ୟବହାର କରାଯାଇଥାଏ । ଯଦି ନିୟମିତ ଚା' ବା କଫିରେ ସାମାନ୍ୟ ଜାଇଫଳ ଗୁଣ୍ଡ ମିଶାଇ ପିଅନ୍ତି, ତେବେ ଯୌନ ଜୀବନରେ ଉନ୍ମାଦନା ଭରିଯାଏ । ଜାଇଫଳରେ ସେରୋଟୋନିନ୍ ତତ୍ତ୍ୱ ରହିଛି, ଯାହା ପ୍ରଭାବରେ ଆକର୍ଷଣର ବଢ଼ିଥାଏ । ଏହାର ବାସ୍ନା ବିଶ୍ରାମ ପାଇଁ ପ୍ରେରିତ କରୁଥିବାବେଳେ ସ୍ୱାଦ ମଦହୋସ କରିଦେଇଥାଏ । ଶାନ୍ତିରେ ବିଶ୍ରାମ ମଧ୍ୟ ଯୌନକ୍ଷମତା ବଢ଼ାଇବାରେ ସହଯୋଗ କରିଥାଏ ।

# ପନିର କୁଲ୍‌ଚା



**ଆବଶ୍ୟକୀୟ ସାମଗ୍ରୀ:**
ମଇଦା-୨ କପ୍, ଲୁଣ- ୧/୨ ଚାମଚ, ଦହି-୧ ଚାମଚ, ଖାଇବା ସୋଡ଼ା-୧/୪ ଚାମଚ, ଚିନି-୧ ଚାମଚ, କ୍ଷୀର-୧/୨ କପ୍ ।

**ଷ୍ଟଫିଙ୍ଗ:**
କଦ୍ଦୁକଷ କରାଯାଇଥିବା ପନିର୍-୨୦୦ ଗ୍ରାମ୍, ଲୁଣ- ସ୍ୱାଦ ଅନୁସାରେ, ଲଙ୍କା ଗୁଣ୍ଡ- ୧ ଚାମଚ, ଚାଟ ମସଲା- ୧/୨ ଛୋଟ ଚାମଚ ।

**ପ୍ରଣାଳୀ:**
ଏକ ପାତ୍ରରେ ମଇଦା ନେଇ ସେଥିରେ ଲୁଣ, ଦହି, ଖାଇବା ସୋଡ଼ା, ଚିନି ଓ କ୍ଷୀର ମିଶାଇ ଅଳ୍ପ ନରମ ହେବା ପରି ଦଳି ଦିଅନ୍ତୁ । ଦଳା ଯାଇଥିବା ମଇଦାକୁ ଏକ ଓଦା କପଡ଼ାରେ ଘୋଡ଼େଇ ରଖାଯିବ । ଓଭେନକୁ ଗରମ କରି ମଇଦା ଗୁଳାକୁ ପେଡ଼ା ଆକାର କରି ୫ ମିନିଟ୍ ପର୍ଯ୍ୟନ୍ତ ସେଥିରେ ରଖନ୍ତୁ । ଅନ୍ୟ ଏକ ପାତ୍ରରେ ପନିର, ଲୁଣ, ଅଧ ଛୋଟ ଚାମଚ ଲଙ୍କା ପାଉଡର ଓ ଚାଟ୍ ମସଲା ନେଇ ଭଲ ଭାବରେ ମିଶାଇ ଦିଅନ୍ତୁ । ମଇଦା ଗୁଳାକୁ ଛୋଟ ଛୋଟ ପୁରି ପରି ବେଲି ସେଥିରେ ପନିର୍ ମିଶ୍ରଣକୁ ରଖି ଚାରିପଟୁ ବନ୍ଦ କରି ଗୋଲ ଗୋଲ ବଲ୍ ପରି କରିବାକୁ ହେବ । ଏହି ବଲ୍‌ଗୁଡ଼ିକୁ ୫ ମିନିଟ୍ ପର୍ଯ୍ୟନ୍ତ ରଖି ପ୍ରତ୍ୟେକ ବଲ୍‌କୁ ବେଲି ୬ ଇଞ୍ଚର କୁଲ୍‌ଚା ତିଆରି କରନ୍ତୁ । ଏହାକୁ ବେକିଙ୍ଗ୍ ଟ୍ରେରେ ରଖନ୍ତୁ । ସବୁ ଉପରେ ପାଣି ହାତ ମାରି ଲଙ୍କାଗୁଣ୍ଡ ଛିଞ୍ଚି ଦିଅନ୍ତୁ । ୫-୭ ମିନିଟ୍ ପର୍ଯ୍ୟନ୍ତ ବେକ୍ ହେବାକୁ ଦିଅନ୍ତୁ । ପ୍ରତ୍ୟେକ କୁଲ୍‌ଚାରେ ବଟର୍ ଲଗାଇ ଗରମ ଗରମ ପରଷନ୍ତୁ ।

# ସେଲ୍ସମ୍ୟାନ ସାଜିଲା କୁକୁର




ମଣିଷ ପରି କୁକୁର ଏବେ ସେଲ୍‌ସ ମ୍ୟାନ ସାଜିଛି । ତାହାପୁଣି ଏକ ପ୍ରତିଷ୍ଠିତ କାର କମ୍ପାନୀରେ । ଶୁଣିବାକୁ ଏହା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ । କୁକୁର ବେକରେ ଆଇଡି କାର୍ଡ ମଧ୍ୟ ଝୁଲୁଛି । ଏଥିପାଇଁ କୁକୁରଟି ଏବେ ଷ୍ଟାର ପାଲଟିଯାଇଥିବା ବେଳେ ସୋସିଆଲ ମିଡିଆରେ ତା'ର ଅନେକ ଫଟୋ ଭାଇରାଲ ହେବାରେ ଲାଗିଛି । ବ୍ରାଜିଲର ହ୍ୟୁଣ୍ଡାଇ ଶୋ' ରୁମ୍ ସମ୍ମୁଖରେ ଏହି କୁକୁରଟି ପ୍ରତିଦିନ ବୁଲୁଥିଲା । ଧୀରେ ଧୀରେ ସେ ଶୋ'ରୁମ୍‌ର କର୍ମଚାରୀଙ୍କ ସହ ମିଶିଗଲା । କର୍ମଚାରୀମାନେ ତା'ର ନାମ ରଖିଲେ ଟକ୍ସନ । ପରେ ଟକ୍ସନ ଶୋ' ରୁମ୍‌ର ଅନ୍ୟ କର୍ମଚାରୀଙ୍କ ପରି କାମ କରିବାକୁ ଲାଗିଛି । ଏଥିପାଇଁ ତା'ର ଏକ ଆଇଡି କାର୍ଡ ମଧ୍ୟ ତିଆରି କରାଗଲା । ପ୍ରତିଦିନ କାର୍ଡଟି ତା'ର ବେକରେ ଝୁଲିଥାଏ । ଗ୍ରାମର ନାଜି ନାମକ ଜଣେ ବ୍ୟକ୍ତି ନିଜ ଟୁଇଟର ଆକାଉଣ୍ଟରେ ଟକ୍ସନ ସହ ଅନ୍ୟ ଏକ କର୍ମଚାରୀଙ୍କ ଫଟୋ ଶେୟାର କରିଛନ୍ତି ।

## ଅଣ୍ଟାବିନ୍ଧା ହେଉଥିଲେ..

# କରନ୍ତୁ ମାର୍ଜାରୀ ଆସନ

ଅଣ୍ଟାବିନ୍ଧାକୁ ନେଇ ଆପଣ ଚିନ୍ତାରେ ? ବ୍ୟସ୍ତ ହୁଅନ୍ତୁ ନାହିଁ । ସାମାନ୍ୟ ଧୈର୍ଯ୍ୟର ସହ ମାର୍ଜାରୀ ଆସନ କରନ୍ତୁ ଦେଖିବେ ଆରାମ ମିଳିବ । ଏହି ଆସନ ମେରୁଦଣ୍ଡ ହାଡ଼ର ନମନୀୟତା ବଢ଼ାଇଥାଏ । ଯେଉଁମାନେ ସ୍ୱାଭାବିକ ଭାବେ ଶାରୀରିକ ପରିଶ୍ରମ କରୁଥାନ୍ତି, ସେମାନେ ବ୍ୟାୟାମ ନ କଲେ କମ୍ ସମସ୍ୟା ଉପୁଜିଥାଏ । କିନ୍ତୁ ଯେଉଁମାନେ କମ୍ ଶାରିରୀକ ପରିଶ୍ରମ କରିଥାନ୍ତି, ସେମାନେ ନିୟମିତ ଯୋଗ କରିବା ଆବଶ୍ୟକ । ଏ ସମ୍ପର୍କରେ ଅଭିନେତ୍ରୀ ଶିଲ୍ପା ଶେଟ୍ଟୀ କୁନ୍ଦ୍ରା ଟ୍ୱିଟ୍ କରିଛନ୍ତି, 'ମୋର ଅନେକ ସମୟରେ ମାଂସପେଶୀରେ ଯନ୍ତ୍ରଣା ଓ ପିଠିରେ ଷ୍ଟିଫ୍‌ନେସ୍ ଦେଖା ଦେଉଥିଲା । ସେତେବେଳେ ମୁଁ ଯୋଗ ଓ ବ୍ୟାୟାମ ଆରମ୍ଭ କରିଥିଲି । ଆଉ ଅନେକ ଜଟିଳ ଆସନ କରିପାରିବି ବୋଲି ମୋତେ ସନ୍ଦେହ ଥିଲା । କିନ୍ତୁ ଆଜି ମୁଁ ବିଭିନ୍ନ ପ୍ରକାରର ଷ୍ଟ୍ରେଚ୍ ଓ ଫ୍ଲେକ୍ସବଲ୍ ଯୋଗ କରିବାରେ ବେଶ୍ ଅଭ୍ୟସ୍ତ ।' ସେହିଭଳି ଫ୍ଲେକ୍ସବଲ୍ ଆସନ ହେଲା କ୍ୟାଟ୍ କ୍ୟାମେଲ୍, ଯାହା ଉଭୟ ପୁରୁଷ ଓ ମହିଳାଙ୍କ ପାଇଁ ଉପଯୋଗୀ ।

**କ୍ୟାଟ୍ କ୍ୟାମେଲ୍‌ର ପ୍ରକ୍ରିୟା:**

୧. ଆଣ୍ଠୁ ମୋଡ଼ିକି ବସି ଯାଆନ୍ତୁ । ଧୀରେ ଧୀରେ ଦୁଇ ହାତକୁ ଭୂଇଁ ଉପରେ ରଖନ୍ତୁ ଏବଂ ପୁଣି ହାତକୁ ଆଗକୁ ସଂପ୍ରସାରଣ କରନ୍ତୁ । ଏଥିସହିତ ନିଜ ଚାରିପଟକୁ ବିଲେଇ ପରି ଦେଖିବାକୁ ପ୍ରୟାସ କରନ୍ତୁ ।
୨. ଆଣ୍ଠୁ ଓ ନିତମ୍ବର ଚଉଡ଼ା ଭିନ୍ନ ଭିନ୍ନ ରଖନ୍ତୁ । ନିଜ ମୁଣ୍ଡକୁ ତଟସ୍ଥ ଅବସ୍ଥାରେ ରଖନ୍ତୁ ।
୩. ନିଜ ଥୋଡ଼ି ଓ ଛାତିକୁ ଉପରକୁ ଉଠାଇ ଛାତ ଆଡ଼କୁ ଦେଖନ୍ତୁ ।
୪. କାନ୍ଧକୁ ଚଉଡ଼ା କରି ବିଲେଇ ପୋଜ୍‌ରେ ରୁହନ୍ତୁ । ନିଜ ନିଶ୍ୱାସ ଛାଡ଼ିବା ସହ ଆଗକୁ ବଢ଼ନ୍ତୁ ।
୫. ପେଟକୁ ମେରୁଦଣ୍ଡ ଆଡ଼କୁ ଟାଣନ୍ତୁ । ସେହିପରି ପିଠିକୁ ଛାତ ଆଡକୁ ରଖି ଗୋଲ ଗୋଲ କରି ବୁଲନ୍ତୁ ।
୬. ଏବେ ଇନ୍‌ହେଲ କରି କାଓ ପୋଜ୍‌କୁ ଫେରିଆସନ୍ତୁ । ପୁଣି କ୍ୟାଟ୍‌ପୋଜ୍‌କୁ ଫେରିବା ସମୟରେ ନିଶ୍ୱାସ ଛାଡ଼ନ୍ତୁ ।
୭. ଏହି ପ୍ରକ୍ରିୟାକୁ ୫ରୁ ୨୦ ଥର ଯାଏ ଦୋହରାନ୍ତୁ ।

**ସାବଧାନ:**

୧. ଏହି ଆସନର ଲାଭ ପାଇବା ପାଇଁ ହେଲେ ଠିକ୍ ଶୈଳୀ ଅନୁସରଣ କରିବା ବହୁତ ଜରୁରୀ ।
୨. ବ୍ୟକ୍ତିର ଆଣ୍ଠୁ ସିଧା ଭାବେ ନିତମ୍ବ ତଳେ ଓ ହାତ କାନ୍ଧ ତଳେ ରଖିବା ଦରକାର ।
୩. ଆଣ୍ଠୁ ଓ ମଣିବନ୍ଧରେ ଯନ୍ତ୍ରଣା ହେଉଥିଲେ ଆପଣ ଏହି ଆସନ ଚୌକିରେ ବସି ମଧ୍ୟ କରିପାରିବେ ।





# ଶରୀରକୁ ହିଟ୍ ଆଣ୍ଡ ଫିଟ୍ ରଖିବ ଅମୃତଭଣ୍ଡା

ଅମୃତଭଣ୍ଡାରେ ବହୁ ମାତ୍ରାରେ ପୋଷକ ତତ୍ତ୍ୱ ରହିଛି, ଯାହା ପାଚନ ପ୍ରକ୍ରିୟାକୁ ତୀବ୍ର କରି ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ଆଉ ମୋଟାପଣ କମାଇବା ସହ ହୃଦ୍‌ରୋଗର ଆଶଙ୍କାକୁ କମ୍ କରିଥାଏ । ଏହା ସ୍ୱାସ୍ଥ୍ୟ ସହ ସୌନ୍ଦର୍ଯ୍ୟ ପାଇଁ ମଧ୍ୟ ଉପକାରୀ । ଏହା ବ୍ୟତୀତ ଆହୁରି ଅନେକ ଫାଇଦା ମଧ୍ୟ ରହିଛି । ଯେମିତି..



**ଆଖି ପାଇଁ ବରଦାନ:**
ଅମୃତଭଣ୍ଡାରେ ଭିଟାମିନ୍-ଏ ଭରି ରହିଛି, ଯାହା ଆଖି ପାଇଁ ବରଦାନ । ଭିଟାମିନ୍-ଏ ଆଣ୍ଟିରେଟିନାକୁ ସୁରକ୍ଷିତ ରଖିଥାଏ । ନିୟମିତ ଅମୃତଭଣ୍ଡା ଖାଇବା ଦ୍ୱାରା ଆଖିକୁ ଝାପ୍‌ସା ଦେଖାଯିବା ସମସ୍ୟା ଦୂରେଇ ଯାଇଥାଏ । ଆଖି ସମସ୍ୟା ଦେଖା ଦେବା ପୂର୍ବରୁ ନିୟମିତ ଅମୃତଭଣ୍ଡା ଖାଇଲେ ସମସ୍ୟା ଆସିନଥାଏ ।

**ପାଚନ କ୍ରିୟା ତୀବ୍ର ହେବ:**
ଅମୃତଭଣ୍ଡା ପାଣି ଓ ଫାଇବରରେ ଭରପୂର । ତା' ସହିତ ଏଥିରେ କେତେକ ଏନ୍‌ଜାଇମ୍ ରହିଛି, ଯାହା କବ୍ଜ ସମସ୍ୟାକୁ ଦୂର କରିଥାଏ । ଖାଦ୍ୟ ଖାଇବାର ଏକ ବା ଅଧା ଘଣ୍ଟା ପୂର୍ବରୁ ଅମୃତଭଣ୍ଡା ଖାଇବା ଖୁବ୍ ଉପକାରୀ ।

**ବୟସକୁ ବାନ୍ଧି ରଖେ:**
ଚେହେରା ହିଁ ସୁସ୍ଥତାର ପରିଚୟ ଦେଇଥାଏ । ତେଣୁ ତ୍ୱଚାକୁ ସୁସ୍ଥ ରଖିବା ପାଇଁ ଆମେ ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଉତ୍ପାଦ ଉପରେ ନିର୍ଭର କରିଥାଉ । କିନ୍ତୁ ଅମୃତଭଣ୍ଡା ଖାଇବା ଦ୍ୱାରା ତ୍ୱଚାରେ ପ୍ରାକୃତିକ ଉଜ୍ଜ୍ୱଳତା ଆସିଥାଏ । ଅମୃତଭଣ୍ଡାରେ ଥିବା ଭିଟାମିନ୍-ଏ, ଭିଟାମିନ୍-ଇ ଓ ଭିଟାମିନ୍-ସି ତ୍ୱଚାର ରିଙ୍କଲ୍ସ ସମସ୍ୟା ଆସିବାକୁ ଦିଏନା । ତା' ସହିତ ମୃତ କୋଷିକା ଦୂର କରି ତ୍ୱଚାକୁ ଭାଙ୍ଗହୀନ କରିଥାଏ ।

**ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ:**
ଏଥିରେ ଥିବା ପୋଷକ ତତ୍ତ୍ୱ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ । ଏଥିରେ ଥିବା ଭିଟାମିନ୍-ସି ଋତୁ ଅନୁସାରେ ହେଉଥିବା ସଂକ୍ରମଣକୁ ରୋକି ଶରୀରକୁ ହିଟ୍ ଆଣ୍ଡ ଫିଟ୍ ରଖିଥାଏ ।

**ଓଜନ କମାଏ:**
ଅମୃତ ଭଣ୍ଡାରେ କମ୍ କ୍ୟାଲେରୀ ସହ ଉଚ୍ଚ ମାତ୍ରାରେ ଫାଇବର ରହିଥାଏ । ଏହାକୁ ଖାଇବା ପରେ ସହଜରେ ଭୋଗ ଲାଗି ନଥାଏ । ତା' ସହିତ ଏଥିରେ ଥିବା ଫାଇବର ଶରୀରରୁ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସାହାଯ୍ୟ କରିଥାଏ । ତେଣୁ ଏହାକୁ ଖାଇବା ଦ୍ୱାରା ଶରୀରର ଓଜନ ବଢ଼ି ନଥାଏ ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ମାନସିକତାର ପରିବର୍ତ୍ତନ...

ହିନ୍ଦୁ ଧର୍ମଶାସ୍ତ୍ର ବିବାହକୁ ଏକ ପବିତ୍ର ବନ୍ଧନର ମାନ୍ୟତା ପ୍ରଦାନ କରିଛି । ପରନ୍ତୁ, ବିବାହ ସବୁ କ୍ଷେତ୍ରରେ ସଫଳ ହୋଇଥିବା ଦେଖା ଯାଇନଥାଏ; କେତେକ କ୍ଷେତ୍ରରେ ପତି ପତ୍ନୀଙ୍କ ମଧ୍ୟରେ ମନୋମାଳିନ୍ୟ, ବିଶେଷକରି ଯୌନ ସମ୍ପର୍କକୁ ନେଇ ହେଉଥିବା ମତାନ୍ତର ପାରିବାରିକ ଶାନ୍ତି ଓ ସୌହାର୍ଦ୍ଦିପୂର୍ଣ୍ଣ ବାତାବରଣକୁ ନଷ୍ଟ କରି ଦେଇଥାଏ। ସାମ୍ପ୍ରତିକ ସମୟରେ ତେଣୁ ପତ୍ନୀର ଇଚ୍ଛା ବିରୁଦ୍ଧରେ ପତିର ସହବାସ କରିବାକୁ ବୈବାହିକ ବଳାତ୍କାର ଭାବରେ ବିବେଚନା କରାଯାଉଛି । ବିଶ୍ୱର ଶତାଧିକ ଦେଶ ଏଇ ବୈବାହିକ ବଳାତ୍କାରକୁ ବେଆଇନ ଘୋଷଣା କରି ସାରିଥିବା ବେଳେ ଭାରତରେ ଏହା ଆଇନଗତ ଅନୁମୋଦନ ଲାଭ କରି ଚାଲିଛି । ନିକଟରେ ବୈବାହିକ ବଳାତ୍କାରକୁ ବେଆଇନ ଘୋଷଣା କରିବା ଉପରେ ଏକ ବିଭାଜିତ ରାୟ ପ୍ରଦାନ କରିଛନ୍ତି ଦିଲ୍ଲୀ ହାଇକୋର୍ଟ- ଦୁଇଜଣ ବିଚାରପତି ପରସ୍ପରର ବିରୁଦ୍ଧାଚରଣ କରୁଥିବା ମତ ପ୍ରଦାନ କରିବା ପରେ ବୁଧବାର ଦିନ ଦିଲ୍ଲୀ ହାଇକୋର୍ଟର ଏ ବାବଦରେ ଗଠିତ ଖଣ୍ଡପୀଠର ନେତୃତ୍ୱ ନେଉଥିବା ନ୍ୟାୟମୂର୍ତ୍ତି ରାଜୀବ ସାର ଆଇପିସିର ଧାରା ୩୭୫ର ବ୍ୟତିକ୍ରମ ୨, ଯାହା ଉଲ୍ଲେଖ କରେ ଯେ ୧୮ ବା ତଦୂର୍ଦ୍ଧ ବୟସର ନିଜ ପତ୍ନୀଙ୍କ ସହିତ ତାଙ୍କ ବିନା ସହମତିରେ ସୁଦ୍ଧା ତାଙ୍କ ପତି ସହବାସ କଲେ ତାକୁ ବଳାତ୍କାର ଭାବରେ ବିବେଚନା ନ କରାଯିବାକୁ ଅସାମ୍ବିଧାନିକ କହିଥିବା ବେଳେ ନ୍ୟାୟମୂର୍ତ୍ତି ସି ହରି ଶଙ୍କର ବୈବାହିକ ବଳାତ୍କାରକୁ ଅପରାଧ ଭାବରେ ବିବେଚନା କରିବା ନେଇ ହୋଇଥିବା ଆବେଦନକୁ ଖାରଜ କରି ଦେଇଥିଲେ । ଦିଲ୍ଲୀ ହାଇକୋର୍ଟଙ୍କ ଦ୍ୱନ୍ଦ୍ୱ ନିକଟ ଅତୀତରେ ପ୍ରକାଶିତ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଏସ୍)-୫ରୁ ଉପଲବ୍ଧ ତଥ୍ୟଗୁଡ଼ିକ ପରିପ୍ରେକ୍ଷୀରେ ଗୁରୁତ୍ୱ ବହନ କରିଥାଏ । ଏହି ସର୍ଭେ ଉଲ୍ଲେଖ କରିଛି ଯେ ଭାରତରେ ପ୍ରତି ପାଞ୍ଚ ଜଣରେ ଜଣେ ମହିଳା ତାଙ୍କ ସ୍ୱାମୀଙ୍କ ସହିତ ସହବାସ କରିବାକୁ ମନା କରି ପାରି ନଥାନ୍ତି ଏବଂ ୩୪ ପ୍ରତିଶତ ପୁରୁଷ ସେମାନଙ୍କ ପତ୍ନୀ ଯଦି କ୍ଲାନ୍ତ ହୋଇ ପଡ଼ିଥିବା ଯୋଗୁଁ ସହବାସ ନିମନ୍ତେ ସହମତି ପ୍ରଦାନ ନ କରିଥାନ୍ତି, ତା'ହେଲେ ତାକୁ ସହଜରେ ଗ୍ରହଣ କରିପାରି ନଥାନ୍ତି । କେବଳ ଏତିକିରେ ସବୁ କଥା ସରୁନାହିଁ । ସର୍ଭେ ଜାଣିବାକୁ ପାଇଥିଲା ଯେ ସବୁ ଭାରତୀୟ ମହିଳାଙ୍କ ମଧ୍ୟରୁ ଏକ-ତୃତୀୟାଂଶଙ୍କ ନିକଟରେ ଶାରୀରିକ ବା ଯୌନଗତ ହିଂସାର ଶିକାର ହୋଇଥିବାର ଅନୁଭୂତି ରହିଛି । ସର୍ବାଧିକ ପରିତାପର ବିଷୟ ହେଉଛି, ସେମାନଙ୍କ ମଧ୍ୟରୁ ୭୭ ପ୍ରତିଶତ ଏଥିପାଇଁ ଆଦୌ କାହାର ସାହାଯ୍ୟ ଲୋଡ଼ି ନାହାନ୍ତି କି କାହାକୁ ଏ ବିଷୟରେ କହି ନାହାନ୍ତି । ଏଭଳି ନିରବତାର କାରଣ ଜାଣିବା ମଧ ସେତେ କଷ୍ଟକର ନୁହେଁ । ଆମ ସମାଜରେ ସଂଗଠନିକ ଭାବରେ ବୈବାହିକ ବଳାତ୍କାରଜନିତ ହିଂସା ଓ ଏହାକୁ ଗ୍ରହଣ କରିନେବାର ମାନସିକତା ଭର୍ତ୍ତି ହୋଇ ରହିଛି । ୩୦ ପ୍ରତିଶତରୁ ଅଧିକ ମହିଳା ସେମାନଙ୍କ ସ୍ୱାମୀ ସେମାନଙ୍କୁ ମାଡ଼ ମାରିଥିବା ମଧ ପ୍ରକାଶ କରିଛନ୍ତି । ଜୀବନ ସାଥୀଙ୍କ ଭିତରେ ହିଂସା ସଂଘଟିତ ହେଉଥିବାର ଏଭଳି ତଥ୍ୟଗୁଡ଼ିକ ସମାଜରେ ପିତୃ-କୈନ୍ଦ୍ରିକତା ବଜାୟ ରହିଥିବାକୁ ଦର୍ଶାଇ ଥାଏ । ଅଳ୍ପ କେତେକ ମହିଳା ଏହି ଧରଣର ହିଂସା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର ପଥ ବାଛି ନେଇଥିଲେ, କିନ୍ତୁ ସେମାନେ ଆନୁଷ୍ଠାନିକ ଉଦାସୀନତାର ଶିକାର ହୋଇଥିବା ଜଣାପଡ଼ିଥିଲା । ମହିଳାମାନଙ୍କ ପ୍ରତି ଦ୍ୱେଷ ଭାବ ତଥା ସେମାନଙ୍କ ମର୍ଯ୍ୟାଦା ପ୍ରତି ସମାଜରେ ରହି ଆସିଥିବା ଭ୍ରାନ୍ତ ଧାରଣା ସେମାନଙ୍କ ଅଧିକାର ଏବଂ ଦୁର୍ଗତିରୁ ଉଦ୍ଧାର ପଥରେ ଗୁରୁତ୍ୱପୂର୍ଣ୍ଣ । ପ୍ରତିବନ୍ଧକଗୁଡ଼ିକ ଭାବରେ ରହି ଆସିଛି । ଏନ୍‌ଏଫ୍‌ଏଚ୍‌ଏସ୍-୫ ଅନୁସାରେ ଶିକ୍ଷା ଗ୍ରହଣ ଏବଂ ସମ୍ବଳ ସଂଗ୍ରହ ବା ରୋଜଗାରରେ ଦ୍ରୁତ ବୃଦ୍ଧି ଘଟିବା ଫଳରେ ମହିଳାମାନଙ୍କ ପ୍ରତି ହିଂସା ଆଚରଣରେ ହ୍ରାସ ଘଟିଥିବା ପ୍ରକାଶ କରିଛନ୍ତି ମହିଳାମାନେ । ତେଣୁ ପିତ୍ର-କେନ୍ଦ୍ରିକ ଭାବନାର ଦୂରୀକରଣ କ୍ଷେତ୍ରରେ ଶିକ୍ଷା ଓ ଅର୍ଥନୀତିକ ସ୍ୱାୟତ୍ତତାର ଭୂମିକାକୁ ଅଣଦେଖା କରାଯାଇ ପାରିବ ନାହିଁ । ପରିତାପର ବିଷୟ, ମହାମାରୀ କୋଭିଡ୍-୧୯ ଅନେକ ମହିଳାଙ୍କୁ ଘରର ଚାରିକାନ୍ଥ ଭିତରେ ବାନ୍ଧି ହୋଇ ରହିବା ସହିତ ଘରୋଇ ଏବଂ ବୃତ୍ତିଗତ କର୍ତ୍ତବ୍ୟ କରିବାର ଅବସ୍ଥା ଭିତରେ ପକାଇ ଦେଇଥିବା ବେଳେ ଅନେକ ସଂଖ୍ୟକ ମହିଳାଙ୍କୁ କର୍ମଶକ୍ତିରୁ ବିଦାୟ ନେବାକୁ ବାଧ କରିଛି । ତ୍ରୈମାସିକ କର୍ମନିଯୁକ୍ତି ସର୍ଭେଗୁଡ଼ିକ ଅନୁସାରେ ପାରିଶ୍ରମିକଜନିତ ବାଧବାଧକତା ଯୋଗୁଁ ଏହି ଅବଧିରେ ପୁରୁଷମାନଙ୍କ ଅପେକ୍ଷା ଅଧିକ ସଂଖ୍ୟକ ମହିଳାଙ୍କୁ କର୍ମକ୍ଷେତ୍ରରୁ ବହିଷ୍କାର କରାଯାଇଛି । ସର୍ବୋପରି, ଉଭୟ ଭାବଗତ ତଥା ମାନସିକ ହିଂସାର କେତେକ ଅସ୍ପଷ୍ଟ ରୂପ ସମାଜରେ ଏବେ ବି ଅଦୃଶ୍ୟ ଭାବରେ ବଜାୟ ରହିଛି । କିନ୍ତୁ କେବଳ ଆଇନ ପ୍ରଣୟନ କରିଦେବା ଏହାକୁ କଦାଚିତ୍ ଦୂର କରି ପାରିବ । ଉଦାହରଣ ଭାବରେ ନିଆଯାଇପାରେ ଘରୋଇ ହିଂସା-ବିରୋଧୀ ଆଇନକୁ। ମହିଳାମାନଙ୍କର ସାମଗ୍ରିକ କଲ୍ୟାଣ ପାଇଁ ଯାହା ଆବଶ୍ୟକ, ତାହା ହେଉଛି- ମହିଳାମାନଙ୍କ ଶରୀରକୁ ଏକ ଅଧିକାରର ସାମଗ୍ରୀ ଭାବରେ ବିବେଚନା କରିବାର ମାନସିକତାରେ ପରିବର୍ତ୍ତନ ଏବଂ ମହିଳାମାନଙ୍କ 'ଅକର୍ମଣ୍ୟତା'କୁ ବୈବାହିକ ବଳାତ୍କାର ଭଳି ପାଶବିକ ରୂପ ପ୍ରଦାନ କରି ଦଣ୍ଡ ବିଧାନ କରିବା ।

# ବୁଦ୍ଧଂ ଶରଣଂ ଗଚ୍ଛାମି



ଡକ୍ଟର ମନୋରଞ୍ଜନ ବିଷୋୟୀ

ମହାଭାରତୀୟ ସଂସ୍କୃତି ବିବିଧତା ମଧ୍ୟରେ ଏକତ୍ୱର ଦୃଷ୍ଟିଭଙ୍ଗୀକୁ ନେଇ ବିଶ୍ୱକୁ ଦେଇଛି ଅଭିନବ ପରିଚିତି । ବହୁଚିନ୍ତା, ବହୁ ବିଶ୍ୱାସ ଓ ଆଚରଣର ସମନ୍ୱୟ ଭିତରେ; ଭାରତୀୟ ସଂସ୍କୃତିର ମହାନତାକୁ ଅନୁଭବ କରିହୁଏ । ନୈତିକ ସଂହତି ଓ ମୂଲ୍ୟବୋଧ ପ୍ରତି ଆନୁଗତ୍ୟ; ଭାରତୀୟ ବ୍ୟକ୍ତିମାନସରେ ସାମାଜିକ ଆବଶ୍ୟକତା ଏବଂ ବ୍ୟକ୍ତିଗତ ଆକାଂକ୍ଷା ଭିତରେ ସମନ୍ୱୟ ରକ୍ଷା କରିଥାଏ । ଇତିହାସକୁ ଲକ୍ଷ୍ୟକଲେ ଦେଖାଯାଏ ଯେ, ଭାରତୀୟ ଜୀବନଧାରା ପ୍ରାଣସତ୍ତାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ମାନବକୁ ମାଧବରେ ରୂପାନ୍ତରିତ କରିବା ଲକ୍ଷ୍ୟରେ ଅନ୍ଧାରରୁ ଆଲୋକ ଦିଗକୁ ଯାତ୍ରା ଥାଏ ଜୀବନର ଲକ୍ଷ୍ୟ ।

ବସ୍ତୁତଃ କହିବାକୁ ଗଲେ ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଲୋକର ସନ୍ଧାନ । ଏହା କୌଣସି ଧର୍ମର ପ୍ରଚାର କରେନାହିଁ । ଭାରତୀୟତା ହେଉଛି ଏହାର ମୂଳମନ୍ତ୍ର । ଜୀବନକୁ ଶୃଙ୍ଖଳିତ କରି ଏକ ମହତ୍ତର ପଥରେ ଅବସ୍ଥାପିତ କରିବା ଏଠାରେ ବେଶ୍ ଲକ୍ଷଣୀୟ । ଏଣୁ ଭାରତୀୟ ଦର୍ଶନରେ ବେଦର ଆଧିପତ୍ୟକୁ ଅସ୍ୱୀକାର କରି ବୌଦ୍ଧ ଓ ଜୈନ ଦର୍ଶନ ଯେଭଳି ଜନାଦୃତ; ଅନୁରୂପ ଭାବରେ ସାଂଖ୍ୟ, ନ୍ୟାୟ, ବୈଶେଷିକ ଓ ଯୋଗ ସେହିପରି ପ୍ରାଧାନ୍ୟଲାଭ କରିଥାଏ । ବିଶ୍ୱକଲ୍ୟାଣ ହେଉଛି ଏହାର ମୂଳମନ୍ତ୍ର। 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖେ ।

ଏ ପରିପ୍ରେକ୍ଷୀରେ କହିରଖେ; ଯେତେବେଳେ ଧାର୍ମିକ ତଥା ସାଂସ୍କୃତିକ ଭାବଧାରାକୁ ନେଇ ବିଭିନ୍ନ ବାଦାନୁବାଦ ଓ ମତବାଦ ମୁଣ୍ଡ ଟେକି ଉଠିଥିଲା, ସେତେବେଳେ ବୌଦ୍ଧଧର୍ମ ଓ ସଂସ୍କୃତିର ଆବିର୍ଭାବ ହୋଇଥିଲା । ମସ୍କରୀ ଗୋପଳ ନାମକ ଧର୍ମଗୁରୁଙ୍କ 'ସଂସାର ବିଶୁଦ୍ଧି ମାର୍ଗ' ଠାରୁ ଆରମ୍ଭ କରି ପୂର୍ଣ୍ଣ କାଶ୍ୟପଙ୍କ 'ଅକ୍ରିୟାବାଦ', ପକୁଧ କାଚ୍ଚାୟନଙ୍କ 'ଅଶ୍ୱାଶତବାଦ', ଚାର୍ବାକ୍‌ଙ୍କ 'ବିକ୍ଷେପବାଦ' ଭଳି ଦର୍ଶନ ଆମ ସାଂସ୍କୃତିକ ପୃଷ୍ଠଭୂମିକୁ ଆଚ୍ଛନ୍ନ କରି ରଖିବା ସହ ସନାତନବାଦୀ ବ୍ରାହ୍ମଣ ପଣ୍ଡିତମାନଙ୍କ ବୈଦିକ ପରମ୍ପରା ମାନବ ସମାଜକୁ ଜଟିଳତର କରି ରଖିଥିଲା । ଏସବୁ ଧର୍ମ ଓ ମତବାଦ ପରସ୍ପର ବିରୋଧି ଥିଲେ ହେଁ; ପ୍ରତ୍ୟେକ ଆର୍ଯ୍ୟ ପରମ୍ପରାଭିତ୍ତିକ ବୋଲି ଯୁକ୍ତ ବାଢ଼ିବା ଫଳରେ ଏକ ସାଂସ୍କୃତିକ ସଂକଟର ସମୟ ଆସି ଉପନୀତ ହୋଇଥିଲା । ଏଭଳି ଏକ ସଂକଟର ସନ୍ଧିକ୍ଷଣରେ ଗୌତମବୁଦ୍ଧଙ୍କର ଆର୍ବିଭାବ ।

ଏ ପରିପ୍ରେକ୍ଷୀରେ କହିରଖେ, ସେ ସମୟରେ ଭାରତବର୍ଷରେ ପ୍ରଚଳିତ ସଂସ୍କୃତ ଭାଷା ଜନସାଧାରଣଙ୍କ ଭାଷା ନଥିଲା । ସଂସ୍କୃତ ଭାଷାକୁ ସାଧାରଣ ଲୋକଙ୍କ ସ୍ତରକୁ ଆଣିବା ନିମନ୍ତେ ଆର୍ଯ୍ୟ ପଣ୍ଡିତମାନେ ମଧ ତତ୍ପର ନଥିଲେ । ତେଣୁ ଲୋକମୁଖରେ କଥିତ ପ୍ରାକୃତ ଭାଷା ଏଠାରେ ପ୍ରଚଳିତ ଥିଲା । ଗୌତମ ବୁଦ୍ଧ ମଧ ପ୍ରାକୃତ ଭାଷାକୁ ଧର୍ମପ୍ରଚାରର ମାଧମ ଭାବରେ ଗ୍ରହଣ କରିଥିଲେ । ଫଳସ୍ୱରୂପ ଗୌତମ ବୁଦ୍ଧଙ୍କ ଲବ୍ଧ ସତ୍ୟ ଲୋକାନୁଭବର ସ୍ତରକୁ ଆସି ପାରିଥିଲା ।



କ୍ରମେ ଗୌତମ ବୁଦ୍ଧ ପ୍ରତିଷ୍ଠିତ ହେଲେ । ପ୍ରାକୃତ ଭାଷା ମଧ ପ୍ରତିଷ୍ଠିତ ହେବା ସହ ବୁଦ୍ଧଙ୍କ ପ୍ରଚାରିତ ଧର୍ମ ମଧ ରାଜଧର୍ମ ହେବାକୁ ଆରମ୍ଭ କରିଥିଲା । ଅଙ୍ଗୁଳିମାଳା ଦସ୍ୟୁ, ଶାକ୍ୟ ରାଜପରିବାରର ନାପିତ ଉପାଳି, ବୈଶାଳୀର ଜନପଦ-ବଧୂ, ନର୍ତ୍ତକୀ ଅମ୍ବାପାଲି, ସମ୍ରାଟ ପ୍ରସେନଜିତ ଓ ବିମ୍ବିସାର ଆଦି ସମସ୍ତେ ଏ ଧର୍ମ କୋଳରେ ଆଶ୍ରୟ ନେଇଥିଲେ ।

ବହୁ ଧର୍ମରେ ପ୍ରଚଳିତ ଥିବା ଜଟିଳ ତତ୍ତ୍ୱରୁ ବୁଦ୍ଧ ଚାରୋଟି ସତ୍ୟ ଆବିଷ୍କାର କରିଥିଲେ । ଯଥା- (୧) ଦୁଃଖ ସତ୍ୟ (୨) ଏହାର କାରଣ ସତ୍ୟ (୩) ଏହାର ନିରୋଧ ହୋଇପାରିବା କଥାଟା ସତ୍ୟ (୪) ଏହି ଦୁଃଖ-ନିରୋଧର ଉପାୟ ମଧ ସତ୍ୟ ।

ଏଠି ପ୍ରଶ୍ନ ଉଠେ ଦୁଃଖ ପୁଣି କ'ଣ ? ଏହାର ମଧ ଉତ୍ତର ଦେବାକୁ ଯାଇ ଗୌତମ ବୁଦ୍ଧ ଉଲ୍ଲେଖ କରିଛନ୍ତି- ସଂସାର ସହିତ ସମ୍ପର୍କରୁ ଦୁଃଖର ଜାତ । ଯଥା- ଜନ୍ମ, ବୃଦ୍ଧାବସ୍ଥା, ରୁଗ୍‌ଣାବସ୍ଥା, ମୃତ୍ୟୁ, ଇପ୍‌ସିତ ବସ୍ତୁଟିର ଅପ୍ରାପ୍ତି । କାରଣ ଇନ୍ଦ୍ରିୟ ଜନିତ ସୁଖର ବସ୍ତୁଟି ଅପସରି ଗଲେ ଦୁଃଖ ଆସିଥାଏ ।

ବୁଦ୍ଧଙ୍କ ମତରେ - ଜୀବନ ପ୍ରତି ଅତ୍ୟଧିକ ମୋହ ମଣିଷକୁ ସଂସାର ପ୍ରତି ଆକୃଷ୍ଟ କରାଏ । ତେଣୁ ସେ ବାରମ୍ବାର ଏ ସଂସାରରେ ଜନ୍ମ ନେଇ ଦୁଃଖ ଭୋଗ କରିଥାଏ । ଅତଏବ ଦୁଃଖ ହେଉଛି- ମଣିଷର ନିଜର ସୃଷ୍ଟ କାମନା ଓ ବାସନାରୁ ସମ୍ଭୁତ । ଏହାର ବିନାଶରେ ଦୁଃଖର ବିନାଶ । ଏହି କାମନା ଓ ବାସନାର ବିନାଶ ଲାଗି ଗୌତମ ବୁଦ୍ଧ ଏକ ପନ୍ଥା ଦେଖାଇଥିଲେ । ଯାହା ଅଷ୍ଟାଙ୍ଗ ମାର୍ଗ ଭାବେ ପ୍ରସିଦ୍ଧ । ଏଥିରେ ସମ୍ୟକ ଦର୍ଶନ, ଉତ୍ତମ ଅଭୀପ୍‌ସା, ଉତ୍ତମ କଥା, ଉତ୍ତମ ସ୍ୱଭାବ, ଉତ୍ତମ ମାର୍ଗ, ଉତ୍ତମ କର୍ମ, ଉତ୍ତମ ଚିନ୍ତା, ଉତ୍ତମ ସମାଧିସ୍ଥ ଆନନ୍ଦ ଲାଭ କରିବାକୁ ହୋଇଥାଏ ।

ଏହି ଅଷ୍ଟାଙ୍ଗ ମାର୍ଗରେ ଗତି କଲେ ସତ୍ୟର ସନ୍ଧାନ ପାଇବା ସହ ଦୁଃଖକୁ ଚିହ୍ନଟ କରି ସେଥିରୁ ମୁକ୍ତି ପାଇବାର ପଥ ପରିଷ୍କାର ହେବ । ଏହି ମୁକ୍ତି ହିଁ ହେଉଛି ନିର୍ବାଣ । ଏହି ନିର୍ବାଣ ପାଇବାକୁ ବୁଦ୍ଧ ଚାରିଗୋଟି ମାର୍ଗ ଦର୍ଶାଇଥିଲେ । ଯଥା- ୧. ସୋତାପତ୍ତିମାର୍ଗ, ୨. ସକଦାଗାମି ମାର୍ଗ, ୩. ଅନାଗାମି ମାର୍ଗ, ୪. ଅର୍ହତ ମାର୍ଗ । ଅର୍ଥାତ୍ ଯେଉଁ ବ୍ୟକ୍ତି ବୁଦ୍ଧଙ୍କ ବାଣୀ ଓ ଅନୁଶାସନକୁ ଶ୍ରଦ୍ଧା ଓ ଭକ୍ତିର ସହିତ ଗ୍ରହଣ କରନ୍ତି; ସେମାନେ ହେଲେ ସୋତାପତ୍ତି ମାର୍ଗ । ଯେଉଁମାନେ ସକଦାଗାମି ମାର୍ଗର ଅନୁବର୍ତ୍ତୀ ସେମାନଙ୍କୁ ଅତି କମ୍‌ରେ ସାତଥର ଜନ୍ମଗ୍ରହଣ ପରେ ନିର୍ବାଣ ମିଳିଥାଏ । ଅନାଗାମି ମାଗ୍‌ଗ ଅନୁବର୍ତ୍ତୀ ବ୍ୟକ୍ତିଙ୍କୁ ଆଉ ଏ କାମ, କ୍ରୋଧମୟ ସଂସାରକୁ ଆସିବାକୁ ପଡ଼ିନଥାଏ । ଅର୍ହତମାର୍ଗ ହେଉଛି ସର୍ବଶ୍ରେଷ୍ଠ । ସେମାନଙ୍କ ସକଳ କାମନାର ବିନାଶ ଘଟିଥାଏ । ସେମାନେ ଦେହତ୍ୟାଗ ପରେ ନିର୍ବାଣ ଲାଭ କରିଥାନ୍ତି ।

ଏ ପରିପ୍ରେକ୍ଷୀରେ କହିରଖେ କୌଣସି ଏକ ନିର୍ଦ୍ଦିଷ୍ଟ ପନ୍ଥା ଗ୍ରହଣ କରିବାକୁ ବାଧ୍ୟବାଧକତା ନଥିଲା । ଯାହାକୁ ଯେଉଁ ପନ୍ଥା ସୁବିଧା ହେଲା ସେ ନିର୍ବାଣ ନିମନ୍ତେ ସେହି ପନ୍ଥା ଚୟନ କରିପାରୁଥିଲା । ଫଳତଃ ଏହି ଧର୍ମ ବାସ୍ତବବାଦୀ ଦୃଷ୍ଟିକୋଣ ଯୋଗୁଁ ଅଳ୍ପ ସମୟ ଭିତରେ ଜନପ୍ରିୟ ଧର୍ମର ମାନ୍ୟତା ଲାଭ କରିପାରିଥିଲା । ଏହି ଧର୍ମ ବା ବୌଦ୍ଧ ସଂସ୍କୃତିର ଭିତ୍ତି ଥିଲା- ବୁଦ୍ଧ, ଧର୍ମ ଓ ସଂଘ । ଏହାକୁ ତ୍ରିରତ୍ନ ବୋଲି କୁହାଯାଏ । ପ୍ରତ୍ୟେକ ଉପାସକଙ୍କୁ ଏହି ତିନୋଟିର ଶରଣ ନେବାକୁ ହୋଇଥାଏ । ସେମାନେ କହିଥାନ୍ତି- 'ବୁଦ୍ଧଂ ଶରଣଂ ଗଚ୍ଛାମି, ଧର୍ମଂ ଶରଣଂ ଗଚ୍ଛାମି, ସଂଘଂ ଶରଣଂ ଗଚ୍ଛାମି'

ଖୁବ୍ ଲୋକପ୍ରିୟତା ହାସଲ କରିଥିବା ବୌଦ୍ଧଧର୍ମର ଶୃଙ୍ଖଳାରେ ଅବକ୍ଷୟ ବିଶେଷକରି ବୁଦ୍ଧଙ୍କ ମୃତ୍ୟୁ ପରେ ପରିଲକ୍ଷିତ ହୋଇଥିଲା । ସଂଘ ମଧ୍ୟରେ ବିଭାଜନର ସୂତ୍ରପାତ ଘଟିଥିଲା । ଶେଷରେ ବୌଦ୍ଧମାନେ ଥେରବାଦୀ ଓ ମହାସାଙ୍ଘିକ ଭାବେ ଦୁଇଟି ଗୋଷ୍ଠୀ ହୋଇଗଲେ । ପରବର୍ତ୍ତୀ ପର୍ଯ୍ୟାୟରେ ବୌଦ୍ଧଧର୍ମର ବିଧିବଦ୍ଧ ଭାବେ ହୀନଯାନ ଓ ମହାଯାନ ନାମକ ଦୁଇ ଗୋଷ୍ଠୀ ଗଢ଼ି ଉଠିଥିଲା । ଶେଷରେ ଏତିକି କହିଲେ ଯଥେଷ୍ଟ ହେବ, ବିଶ୍ୱ କଲ୍ୟାଣ ହିଁ ଥିଲା ଏହି ବୌଦ୍ଧ ସଂସ୍କୃତିର ମୂଳମନ୍ତ୍ର । 'ସର୍ବଜନ ହିତାୟ, ସର୍ବଜନ ସୁଖାୟ' ସତ୍ୟରେ ଏ ସଂସ୍କୃତି ବିଶ୍ୱାସ ରଖିଥିଲା ।


❤ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ମୋ: ୮୮୯୫୧୪୧୭୨୭


# ତଥାଗତ ବୁଦ୍ଧ : କରୁଣାର ଅବତାର



ଅଜୟ କୁମାର ବେହେରା



ପୁଣ୍ୟଭୂମି ଭାରତବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ । ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କ ଜୀବନକୁ ସଂଯତ ଓ ପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିବା ମହାପରାକ୍ରମୀ ଚଣ୍ଡାଶୋକ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ । ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳ ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା । କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା । ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ । ବୁଦ୍ଧଦେବ ଶ୍ରୀବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ । ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା । କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାନରେ ଛିଡ଼ା ହୋଇସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣ' । ଉତ୍ତରରେ ବୁଦ୍ଧ କହିଲେ - ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ । ଅତଏବ ତୁମେ ସ୍ଥିର ହୁଅ' । ଅଙ୍ଗୁଳିମାଳା କହିଲା - 'ଶ୍ରମଣ ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ ?' ବୁଦ୍ଧ ଦେବ କହିଲେ - 'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର ।


(ଅବଶିଷ୍ଟାଂଶ ପୃଷ୍ଠା-୭ରେ)


# ବାଲେଶ୍ୱର ଜିଲ୍ଲାରେ ସ୍ୱାସ୍ଥ୍ୟ ବିକାଶର ସ୍ଥିତି



ସୁବ୍ରତ କର

ଏବେ କିଛିଦିନ ତଳେ ଫକୀରମୋହନ ମେଡିକାଲ କଲେଜ ପରିସରରେ ଜିଲ୍ଲା ସ୍ୱାସ୍ଥ୍ୟ ବିକାଶ ସମିତିର ୬ମାସିଆ ବୈଠକ ଶେଷ ହେଲା । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ପ୍ରାୟ ସମସ୍ତ ଦରକାରୀ ଲୋକମାନେ ଉପସ୍ଥିତ ଥିଲେ, ତା ସହିତ ଜିଲ୍ଲା ପ୍ରଶାସନ ଏବଂ ଜନ ପ୍ରତିନିଧିମାନେ ମଧ । ପ୍ରାୟ ୨ ଘଣ୍ଟାରୁ ଉପର ଆଲୋଚନା ଚାଲିଲା ଏବଂ ବହୁତ କିଛି ମେଡିକାଲ କଲେଜ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସେବାକୁ ଆଗକୁ ନେବା ପାଇଁ ସ୍ଥିର କରାଗଲା । ଏହି ଆଲୋଚନା ମାଧ୍ୟମରେ କଲେଜ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ବାର୍ଷିକ ରିପୋର୍ଟ ମଧ ସଭ୍ୟସଭ୍ୟାମାନଙ୍କୁ ଦିଆ ହୋଇଥିଲା । ରିପୋର୍ଟକୁ ଦେଖିଲେ ନିଶ୍ଚିତ ଭାବରେ ଆମେ କହିବା ଜିଲ୍ଲାରେ ସ୍ୱାସ୍ଥ୍ୟର ବିକା ନିଶ୍ଚିତ ଭାବରେ ଭଲ ଆଡ଼କୁ ଯାଉଛି ଏବଂ ସରକାରଙ୍କ ଆଉ ଟିକିଏ ସାହାଯ୍ୟ ସହାନୁଭୂତି ମିଳିଲେ ସ୍ୱାସ୍ଥ୍ୟ ବିକାଶ କ୍ଷେତ୍ରରେ ଆମ ଜିଲ୍ଲା ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ ହେବ । ଲୋକମାନଙ୍କ ଜାଣିବା ପାଇଁ ସାରା ବର୍ଷର ଖବର ବିଭିନ୍ନ ବିଭାଗର ଏଇଠି ଉପସ୍ଥାପିତ କରାହେଲା । (ଏପ୍ରିଲ ୨୦୨୧ଠାରୁ ମାର୍ଚ୍ଚ ୨୦୨୨) (୧) ବର୍ହିବିଭାଗରେ ରୋଗୀ ସଂଖ୍ୟା- ୫୪୨୮୮୧, (୨) ଇନଡୋର ରୋଗୀ ସଂଖ୍ୟା- ୧୦୯୭୧୬, (୩) ପାଥୋଲୋଜି- ୬୪୬୧୭୮, (୪) ଏକ୍ସ-ରେ- ୩୫୧୬୧, (୫) ଡେଲିଭରି- ୧୩୦୦୩, (୬) ଆଇସିୟୁ ରୋଗୀ- ୬୦୪, (୭) ସିଆସିୟୁ ରୋଗୀ- ୧୭୩, (୮) ଡାଏଲେସିସ୍- ୯୬୭୫, (୯) ଏମ ଆଇଆଇ- ୮୧୧୮(୧୦) ସିଟି ସ୍କାନ୍- ୧୭୫୩୮, (୧୧) ଇଉଏସ୍‌ଜି- ୩୦୪୭୧ ।

ଏହିସବୁ ରୋଗୀମାନେ ବିନା ମୂଲ୍ୟରେ ଚିକିତ୍ସିତ ହୋଇଥିଲେ । ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଆମ ଡାକ୍ତରଖାନାର (ବାଲେଶ୍ୱର ଠାରେ) ବେଡ୍ ସଂଖ୍ୟା ୪୫୦ କିନ୍ତୁ ପ୍ରତିଦିନ ଏଭାରେଜ୍ ହିସାବକୁ ନେଲେ ପ୍ରାୟ ପାଖାପାଖି ୭୫୦ରୁ ୮୦୦ ରୋଗୀ ହୁଅନ୍ତି । ବହୁତ ରୋଗୀ ବିଛଣା ପାଆନ୍ତି ନାହିଁ ତଳେ ଶୋଇବାକୁ ପଡ଼ିଥାଏ । କିନ୍ତୁ ସଭ୍ୟସଭ୍ୟାମାନଙ୍କ ମତକୁ ନେଇ ସ୍ଥିର କରାହେଲା ସମସ୍ତଙ୍କୁ ୨" ଡନଲପର ବେଡ୍ ଦେବାପାଇଁ । ଏହାଛଡ଼ା ମେଡିକାଲ ସୁପରିଟେଣ୍ଡେଣ୍ଟ୍ ଏବଂ ସି.ଡି.ଏମ.ଓ ଦୁଇଜଣ ଜଣେଇଲେ ଡାକ୍ତରର ଅଭାବ । ଜିଲ୍ଲା ସ୍ତରରେ ଡାକ୍ତରମାନଙ୍କ ପୋଷ୍ଟ ହେଉଛି ୩୮୭ କିନ୍ତୁ ଅଛନ୍ତି ୨୦୦ । ସର୍ବମୋଟ ପି.ଏଚ.ସି ସଂଖ୍ୟା ୮୭ ସେଥିରୁ ୩୦ଟି ପି.ଏଚ.ସିରେ ଏମ୍.ବି.ବି.ଏସ୍ ଡାକ୍ତର ନାହାନ୍ତି ଆଇଭସ ଡାକ୍ତରଙ୍କ ଦ୍ୱାରା ଚଳୁଛି । ସେହିପରି ମେଡିକାଲ କଲେଜର ଅବସ୍ଥା । ଏହିବର୍ଷ ଆମ କଲେଜରୁ ୧୦୦ ପିଲା ଡାକ୍ତର ହୋଇ ବାହାରିଲେ, ସେମାନେ ସମସ୍ତେ ହାଉସ ସର୍ଜନ ହୋଇ ରହିଲେ ଡାକ୍ତରଙ୍କ ଅଭାବ ଦୂରୀଭୂତ ହେବ ବୋଲି ଆଶା । ତେବେ ଏତିକି କହି ହେବ ସ୍ୱାସ୍ଥ୍ୟ ସେବା ଆଗଠାରୁ ଅନେକ ଆଗକୁ ଯାଇଛି ।

## କବିତା କୋଣାର୍କ

### ପ୍ରେୟସୀ

ଧ୍ରୁବ ଚରଣ ବେହେରା

ଅପୂର୍ବତା ଭରା ରୂପ ଅପସରା
ଚମକ ଚାନ୍ଦିନୀ ଗୋରୀ
ଦେଖିଲେ ଲାଗଇ ଜୀବନ୍ତ ସୁନ୍ଦରୀ
ଶୋଭାମୟୀ ଅପସରୀ ।

କୋଟି କନ୍ଦର୍ପ ଯେ ମୋହିତ ହୋଇବେ
ଦେଖି ତୋର ଅପ ରୂପ
ସତେକି ବିଧାତା ଖଞ୍ଜିଛି ତନୁରେ
ହୀରା ମାଣିକ୍ୟର ସ୍ତୁପ ।

ଆଖିର କଜ୍ଜଳ ଲେଖୁଛି କବିତା
ଜୀମୂତ ଉପମା ଭରି
ଘନ କୁନ୍ତଳରେ ବରଷେ ସୁଷମା
ହସେ ଗଭା କେରି କେରି ।

ଗୋରା ତନୁ ମନେ ବିରାଜେ ମାଧୁରୀ
ସତେକି ନବ ତରୁଣୀ
କାନର ଝଲକା ଝିଲି ଝିଲି କରେ
ଆହା କି ସପନ ରାଣୀ ।

ଗୋଲାପି ଗୋଲାପି କୋମଳ ଓଠରେ
ଫଗୁଣ କରିଛି ଘର
ବିରାଜିତ ଲାଗେ ବକ୍ଷ କଟି ଦେଶ
ଆହା ଅତି ମନୋହର ।

ଚାହାଁଣିରେ ଭରା ଅନେକ କାହାଣୀ
ଭାବନାର ସ୍ମୃତି ପୋଥି
ଲେଖି ହୋଇଯାଏ କେତେ କାବ୍ୟ ଛନ୍ଦ
ତୁମକୁ ଯେ ଦେଲେ ଦେଖି ।

ଶାନ୍ତ ସରଳତା ସ୍ନେହୀ ଶୋଭାମୟୀ
ଅଳସୀ ଭବ୍ୟ ତରୁଣୀ
ରୂପ ରାଇଜର ରାଜଜେମା ପରୀ
କାବ୍ୟର ପ୍ରୀତି ମୋହିନୀ ।

ମନରେ ମୋହର କରିଥାଅ ଘର
ଏ ଜୀବନ ଥିବା ଯାଏ
ସାଜିଥିବି ସାଥୀ ତୁମ ପାଇଁ ମୁହିଁ
ଲେଖକ ମୁଁ କବିଟିଏ ।

ତୁମପାଇଁ ହସୁ ଆକାଶର ଜହ୍ନ
ସାଗରେ ଉଠୁ ଜୁଆର
ବେଳା ଗାଉଥାଉ ନିତ୍ୟ ପ୍ରୀତି ଗୀତି
ଖେଳୁଥାଉ ପାରାବାର ?

କି ଲେଖିବି ମୁହିଁ ଆସେ ନାହିଁ କିଛି
ଶବ୍ଦ ନାହିଁ ଆଉ ପାଶେ
ଅନନ୍ୟ ଶୋଭାର ରୂପସୀ ଗୋ ତୁମେ
ଲାବଣ୍ୟତା ନେଇ ହସେ ।

ସାଜି ମୋର ପ୍ରିୟା ହୃଦୟ କୁଟୀରେ
ଭାବେ କରିଥାଅ ଘର
ତୁମ ରୂପ ପାଇଁ ମୋ କବି ପଣିଆ
ଶାନ୍ତ ସ୍ମୃତି ପ୍ରେମ ଝର ।


❤ ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪


### ଶେଷେ ଜୀବ ହେବ ମୁକତ

ଯୋଗୀ କୃପାସିନ୍ଧୁ ମୁନି

କହ କହତ.. ଅ...
କିଏ ତୁ ଆସିଛୁ କେଉଁଠୁ ଆସିଛୁ
କେଉଁଠାକୁ ଯିବ କହତ ।
ଦୁର୍ଲଭ ଜନମ ପାଇ ଦିବ୍ୟଜ୍ଞାନ
ଦେଖିଣ ସନ୍ତୋଷ ହୁନ୍ତି ଭଗବାନ
ତାହାକି ତୁ ଭୁଲିଗଲୁ ତ ।
କାଠ ପଥରକୁ ପାତୁଅଛୁ ହାତ
ଦୀପ ହୋଇ ଜଳୁଥିବି ମୁଁ ହିଁ ନିତ୍ୟ
ନାହିଁଟି ତୋହର ନିଜତ୍ୱ ।
ହଳିଆ ହୋଇ ମୁଁ ଲଙ୍ଗଳ କରିବି
କଲେ ଫୁଲ ଚନ୍ଦନ ମସ୍ତକେ ରହିବି
ହାରି ଦେଇମାନ ମହତ ।
ମାଗିବା ଲୋକର ଅକାରଣ ଜୀବନ
ଜିଜ୍ଞାସା କରି ନିଜକୁ ନିଜେ ତବ
ହୃଦୟୁ ହେବ ଉଦ୍ଭାଷିତ ।
ଗୁରୁ ଦେବେ କହି ହୃଦ ମଧ୍ୟେ ରହି
ସ୍ୱାଧ୍ୟାୟ କରିଣ ନିଜକୁ ଜାଣଇ ?
ଜାଣିବ ସେ ନିଜେ କିଏ ତ ।
କହେ କୃପାସିନ୍ଧୁ ଜୀବନର ତତ୍ତ୍ୱ
ନିଜକୁ ଜାଣି ରଖ ମାନ ମହତ
ଶେଷେ ଜୀବ ହେବ ମୁକତ ।


❤ କୁଣବଳଦା,
ଗୋଡ଼ିଖାଳ ଆଶ୍ରମ, ବାଲେଶ୍ୱର


### ବୁଦ୍ଧ ପୂର୍ଣ୍ଣିମା

ରାମ ଚନ୍ଦ୍ର ପ୍ରଧାନ

ଚିନ୍ତା ଚେତନାରେ ଧର୍ମ ଦର୍ଶନରେ
ଯାହାଙ୍କ ଅନ୍ତର ଶୁଦ୍ଧ
ଜ୍ଞାନର ଆଲୋକେ ମୋକ୍ଷର ଝଲକେ
ସେ ପୂଜ୍ୟ ଗୌତମ ବୁଦ୍ଧ ।
ଗୌତମ ବୁଦ୍ଧଙ୍କ ପରିନିର୍ବାଣରେ
ବୌଦ୍ଧଧର୍ମ ପ୍ରସାରିତ
ବୈଶାଖ ମାସର ପୂର୍ଣମୀ ତିଥିରେ
ବୁଦ୍ଧ ଜୟନ୍ତୀ ପାଳିତ ।
କେବେ ଭୀମଭୋଇ ଏ ବୁଦ୍ଧ ଜୟନ୍ତୀ
ନିର୍ବାଣର ସାରେଗାମା
କେବେ ସେ ବୈଶାଖ କେବେ ସେ ଚନ୍ଦନ
କେବେ ସେ ବୁଦ୍ଧ ପୂର୍ଣ୍ଣିମା ।
ପିତା ଶୁଦ୍ଧୋଦନ ମାତା ମାୟାଦେବୀ
କୋଳକୁ କରି ମଣ୍ଡନ
କପିଳବାସ୍ତୁର ଲୁମ୍ବିନି ଉଦ୍ୟାନେ
ବୁଦ୍ଧ ହୋଇଥିଲେ ଜନ୍ମ ।
ବିମାତା ଗୌତମୀ ଲାଳନେ ପାଳନେ
ଜୀବନର ରଙ୍ଗ ମାଖି
ଗୋପା ନାମ୍ନୀ ଏକ ରାଜକନ୍ୟାକୁ ସେ
ବାଛିଲେ ଜୀବନ ସାଥି ।
ପ୍ରାର୍ଥନା ସାଧନା ଧ୍ୟାନ ଉପାସନା
ବିଶ୍ୱାସର ବୀଜ ବୁଣି
କାମନା ବିନାଶେ ଦୁଃଖର ବିନାଶ
ଅଟେ ବୁଦ୍ଧ ମର୍ମବାଣୀ ।
ଆତ୍ମା ଶୁଦ୍ଧି ପାଇଁ ବୁଦ୍ଧଙ୍କ ତ୍ରିରତ୍ନ
ମୁକ୍ତିର ମହା ନିର୍ବାଣ
ସଦାଚାରଶୀଳ ତାଙ୍କରି ଆଶିଷ
ଅଟଇ ବିଶ୍ୱକଲ୍ୟାଣ ।




❤ ଶିକ୍ଷକ
ସାନ୍ତରାପଲ୍ଲୀ, ଗଞ୍ଜାମ
ମୋ:୯୮୬୧୬୩୮୭୩୬


### ଆଶା ଓ ଆଶଙ୍କା

କୁନା ସେଠୀ

ଆଶା ଅସୁମାରୀ ରହିଥାଏ ପୁରି
ଜନ୍ମ ଠାରୁ ମୃତ୍ୟୁ ଯାଏ
ଶେଷ ନାହିଁ ତାର ସମୟ ଇତିରେ
ଅମର ପରିକା ପ୍ରାୟେ ।

ଆଶା ସିନା ଅଟେ ସ୍ୱପ୍ନର ନାୟିକା
ରଙ୍ଗ ରସ ଭରା ମଧୁ
ପଛରେ ତାହାର ଯେତେ ଗୋଡାଇବ
ନ ମେଣ୍ଟିବ ଇଚ୍ଛା ବିନ୍ଦୁ ।

ଆଶା ରେ ଜଡିତ ଆଶଙ୍କା ଗୋଟିକ
ସଫଳରେ ବିଫଳତା
ସେହି ବିଫଳତା ଆଶଙ୍କା ମଣ୍ଡିତ
ଜିତାରେ ହାରିବା ଚିନ୍ତା ।

ହାରିବା ଜିତିବା ଦୁଇ ଭାଇ ପରା
ଥରକରେ ଜଣେ ଆସେ
ଆଶଙ୍କା ଜଡିତ ହାରିବା ପଣଟା
ଜିତିବା ଆଶାରେ ମିଶେ ।

ଧନ ଜନ ଗୋପ ଲକ୍ଷ୍ମୀ ରେ ପୁରିତ
ହେଇଥାଉ ଯେତେ ନର
ହରାଇବା ଶଙ୍କା ରହିଛି ରହିବ
ଆଶଙ୍କା ନ ହେବ ଦୂର ।

କର୍ମ ଭକ୍ତି ଶକ୍ତି ଯେତେ ଥିଲେ ମଧ
ବିଫଳର ଭୟ ଥାଏ
ଆଶଙ୍କା ମଣ୍ଡିତ ମନ ଯେ ଆମର
ଜନ୍ମରୁ ମରଣ ଯାଏ ।

ମେଧାବୀ ଛାତ୍ର ବି ସଫଳ ତା ଆଶା
ଆଶଙ୍କାରେ ଲୁଚି ଥାଏ
ପିତା ମାତା ତାର କେତେ ପୂଜା ପାଠେ
ଶୁଭ ତା ମନାସି ଯାଏ ।

କେତେ ବୁଝାଇଲେ ମନକୁ ଆମର
ଆଶଙ୍କା କି ଦୂର ହୁଏ
ଆଶା ସହ ପରା ବାଇ ଅଟେ ସିଏ
ସାଥେ ସାଥେ ଘୁରୁଥାଏ ।

ଛାତି ଧଡ଼ ଧଡ଼ ମନ ଖଡ଼ ଖଡ଼
ଆଶଙ୍କାରେ ମରେ ନର
ଆଶାର ଭିତରେ ଆଶଙ୍କା ରହିଛି
ଏ କଥାଟି ବୁଝିବାର ।

ଯେତେ ବୃଦ୍ଧିମାନ ଯେତେ ଜ୍ଞାନବାନ
ହୋଇଥିଲେ ମଧ ଯିଏ
ଆଶଙ୍କା ଛାଡେନା ଭୟ ବି ଛାଡେନା
ହାରିବାର ଭୟ ଥାଏ ।

ଆଶା ଓ ଆଶଙ୍କା ଦୁଇ ଭାଇ ପରା
ଜୀବନେ ଜଡିତ ଦୁହେଁ
ଜଣେ ହସ ଭରା ଆନନ୍ଦ ପସରା
ଅନ୍ୟଟି ଦୁଃଖରେ ଧାଏଁ ।

ଆଶଙ୍କାକୁ ଧରି ଆଶା ସାଥେ ମାଡି
କରିଲେ ନିଜର କାମ
ସଫଳ ଆସିବ ବାଟ ମିଳିଯିବ
ରହିବ କର୍ମର ନାମ ।


❤ ଭୁତସରସିଙ୍ଗି, ଗଞ୍ଜାମ



# ଗୋଟା ଆକାଶ ଉଡାଣ ଓ ଥକ୍କା ଡେଣାର ପକ୍ଷୀ




ପ୍ରଫୁଲ୍ଲ ବାରିକ

+ୟୁ.ଏନ ଅଟୋନମସ କଲେଜ,
ଆଡାଶପୁର, କଟକ
ମୋ: ୯୯୩୮୪୪୦୯୪୯


ଯାହା ଏକପ୍ରକାରେ ଚାଲିଥିଲା । କରୋନା ସବୁ ସାରିଦେଇ ଗଲା । ସକାଳୁ ଉଠି ପ୍ରାତଃ ଭ୍ରମଣରେ ଦି'ଚାରି ଜଣ ସମବୟସ୍କ ଯାଉଥିଲେ । ହଉପଛେ ବାଟ ଦୁଇ କିଲୋମିଟର, କଥା ବାର୍ତ୍ତାରେ ଜଣା ପଡୁନଥିଲା ଆସିବା ଯିବା । ଫେରି ବସୁଥିଲେ ସାହୁଙ୍କ ଚା'ଦୋକାନରେ । ବସୁ ବସୁ ସାହୁଏ ଧରେଇ ଦିଅନ୍ତି ଚା । ପିଇ ଫେରନ୍ତି ଆପଣା ଆପଣା ଘରକୁ । ସନ୍ଧ୍ୟାରେ ବି ହାଜିରା ପଡେ ଚାରି ବନ୍ଧୁଙ୍କର ସାହୁଙ୍କ ଦୋକାନରେ । ରାତି ଆଠ ଯାକେ ଚାଲେ ଗପସପ । ସବୁ ଥିଲା ଠିକ । କରୋନା ଦି'ବର୍ଷ ଗୃହ ବନ୍ଦୀରେ ସବୁ ହେଇଗଲା ବେଠିକ । ଚାହିଁଲେବି ଯିବାକୁ ନା ଜୁଟୁଛି ଶକ୍ତି, ନା ହଉଚି ସାହାସ । କମର ଆଣ୍ଠୁରେ ଏକାସାଙ୍ଗେ ସମସ୍ୟା । ବସିଲେ ଉଠିବା କଷ୍ଟ, ତ ଠିଆ ହେଇଥିଲେ ବସିବା କଷ୍ଟ । ଅଧା ସମୟ ଯାଉଛି ବିଛଣାରେ । ଏତେ ଶୀଘ୍ର ଇମିତି ପରିସ୍ଥିତି ଆସିବ ବୋଲି ଆଶା କରି ନଥିଲେ । କରୋନା ସିନା ଦୁରେଇ ଗଲା, କରି ଦେଇ ଗଲା ସବୁଦିନ ପାଇଁ ତାଙ୍କୁ ଗୃହ ବନ୍ଦୀ ।

ଢେରଦିନ ପରେ ଅଚାନକ ତିନିବନ୍ଧୁ ପହଁଚିଲେ । ତାଙ୍କୁ ଦେଖି କମରରେ ସିଂହର ବଳ ପାଇଲେ କୃପାସିନ୍ଧୁ । ଆନୁସଙ୍ଗିକ କଥାବାର୍ତ୍ତା ଭିତରେ କୃପାସିନ୍ଧୁ ସୁରମାଙ୍କୁ ଡାକିଲେ । ସୁରମା ଉପସ୍ଥିତ ହେବାରୁ କୃପାସିନ୍ଧୁ କହିଲେ, ବୋହୁଙ୍କୁ କହି ଚା ଚାରିକପ ବନେଇବ । ପାଣି ବୋତଲ ସହ ତମେ ନିଜେ ପହଞ୍ଚେଇ ଦେଇ ଯିବ । ସୁରମା ଆଦେଶ ଶୁଣି ମୁହଁକୁ ମୋଡିଦେଇ ବିନା ଉତ୍ତରରେ ପ୍ରସ୍ଥାନ କଲେ ।

କଥା ସରି ସରି ଆସୁଥାଏ । ସମୟ ଗଡି ଗଡି ଯାଉଥାଏ । କୃପାସିନ୍ଧୁ ବାର ବାର ଅନଉଥାଆନ୍ତି ଚା ପାଣିକୁ । ମନେମନେ ବିରକ୍ତି, କେତେ ସମୟ ଲାଗୁଚି ଚା ଚାରିକପ କରିବାକୁ ? ସୁରମା ପାଣି ବୋତଲ ଥୋଇ ଦେଇ ଯିବାକୁ ବାହାରିଛନ୍ତି, କୃପାସିନ୍ଧୁ କହିଲେ, ଚା କାଇଁ ?

-- ଚୁଲିରେ ଭାତ ବସିଚି । ଚା ଫା ହେଇ ପାରିବନି । ଥଣ୍ଡା ପାଣିରେ ଚଳେଇ ନିଅ । ବାହାରେ ଖରା ବହୁତ ।

ସୁରମା ଯିବା ପରେ ତିନି ବନ୍ଧୁ ଉଠି ବାହାରିଲେ ଯିବାକୁ । କୃପାସିନ୍ଧୁଙ୍କ କଣ୍ଠରେ ଅବଶୋଷ ଭରା ଅନୁନ୍ୱୟ -ଭାଇ, ଚା କପେ ଦେଇ ପାରିଲିନି । କ୍ଷମା କରିବ । ଦୁଃଖିତ ମୁଁ ।

ନାଇଁ ନାଇଁ, ଆମେ ଆସୁଛୁ ।

ଚାଲିଗଲେ ସେମାନେ ।

କୃପାସିନ୍ଧୁଙ୍କୁ ଲାଗିଲା ତାଙ୍କ ଗଳାକୁ ଧରି ଧକ୍କାଟିଏ ମାରିଲେ ସୁରମା ସର୍ବସମ୍ମୁଖରେ । ଘରେତ ଯାହା କରୁଥିଲେ, ଏବେ ବ୍ୟବହାର ପଦାରେ ପଡି ଶୋଭିଲା ସାଧାରଣରେ ।

ମାଆ ପୁଅ ବୋହୁ ଏକୁକାରେକ । ଏକମନ ହେଇଛନ୍ତି । ସିଏ ପରଲୋକ ଘରେ । ବୋଝ ହେଇ ନଦା ହେଇଛନ୍ତି ତାଙ୍କ ଉପରେ । ହାୟରେ ସମୟ, କି ପରିବର୍ତ୍ତନ ତୋର ! ସ୍ୱାର୍ଥରେ ବନ୍ଧା ମଣିଷ । ସ୍ୱାର୍ଥ ନାଇଁ ତ ଚାହିଁବେନି କେହି । ସରକାରୀ ଚାକିରୀ କରିଥିଲେ ଅଧାଦରମା ପାଉ ଥା'ନ୍ତେ ପେନସନ ବାବଦକୁ । ଟଙ୍କା ସାଥିରେ ପାଉଥାଆନ୍ତେ ପରିବାର ଆଦର । ଚାକିରୀ ଥିଲା ଗୋଟେ ଘରୋଇ କମ୍ପାନୀରେ । ସ୍ୱଳ୍ପ ଦରମାରେ ପରିବାର ଚଳେଇବାରେ କି'ଯେ ଯନ୍ତ୍ରଣା, ସିଏ ଜାଣନ୍ତି । କାହାର ରଖି ନଥିଲେ ଅଭାବ । ଉପଯୁକ୍ତ ପାତ୍ରରେ ଦେଇଛନ୍ତି ଝିଅକୁ । ପୁଅକୁ ଉଚ୍ଚ ଶିକ୍ଷିତ କରି ଠିଆ କରିଛନ୍ତି ସମାଜରେ । ଭାବିଥିଲେ ପିତୃତ୍ୱ ତାଙ୍କର ପୂର୍ଣାଙ୍ଗ ହେଇଚି । ଅନ୍ୟ ଡେଣାରେ ଶକ୍ତିଭରି ନିଜେ ସିଏ ହେଇଛନ୍ତି ଶକ୍ତି ଶୁନ୍ୟ । ଦୁଃଖ କରୁ ନଥିଲେ ବରଂ ଗର୍ବ କରୁଥିଲେ । ଏବେ ସେମାଙ୍କ ଉଡାଣ ଆଗରେ ତାଙ୍କ ଧାଉଡି କାହିଁ କେତେ ପଛରେ ।

ଦଶବର୍ଷ ହବ ଅବସର ନବାର । କାଇଁକି ଏ ଜୀବନଟା ଯେ ଯାଉନି, କୋଉ ଅପୂରଣୀୟକୁ ପୁର୍ଣ୍ଣ କରିବାକୁ ରହିଛି, ନିଜେ ସିଏ ଜାଣି ପାରୁନାହାନ୍ତି । ଏକପ୍ରକାରେ ଜିଅନ୍ତା ଶବ ହେଇ ପଡିଛନ୍ତି ଘରେ । ଆଦର ସମ୍ମାନତ ଦୂର, ଛ'ପଇସାରେ ପଚାରୁ ନାହାନ୍ତି କେହି । ଅଣଦେଖା ସବୁ କଥାରେ । ନକହୁଥିଲେବି ସେମାନଙ୍କ ଆଚାର କହୁଛି - ତମର ଆଉ ଆବଶ୍ୟକତା ନାଇଁ ପରିବାରରେ । ଆରେ ଭାଇ, ମରିବାଯାକେତ ବଞ୍ଚିବାକୁ ଦିଅ । ନା ଆତ୍ମହତ୍ୟା କରିବି ? ମରଣ ମୋ ହାତରେକି ?

ଚାକିରୀ ଥିବା ବେଳର ସୁରମା, ଆଉ ଏବେର ସୁରମା ଭିତରେ ଆକାଶ ପାତାଳ । ଡାକ ନ ସରୁଣୁ ହାଜର ହଉଥିଲା । ଖିଆପିଆ, ଦେହ ପାଆକୁ ଜଗିଥିବ ଗୋଡ଼େ ଗୋଡ଼େ । ମଇଳା ନ ହେଇଥିବା ପୋଷକ ଧୁଆ ହଉଥିବ ସପ୍ତାହରେ ଦି'ଥର । ଫି'ସପ୍ତା ମାଛ, ମାସରେ ଥରେ ମାଂସ ନିର୍ଣ୍ଣିତ । ନହେଲେ ନଚଳେ । ତାଙ୍କୁ ଆଣିବାକୁ ଅବଶ୍ୟ ପଡ଼େନି । ନିଜେ ସିଏ ମଗେଇ ନିଅନ୍ତି ବଜାରରୁ । ଛତ୍ରପତି ପରି ଚଳୁଥିଲେ । ସମୟ ବିତୁଥିଲା ଫୁଲସବାରୀରେ ।

କୁଆଡେ ଗଲା ସେ ଦିନ ? ପିଲାମାନେ ପରପିଢ଼ି । ତାଙ୍କ ଦୋଷ ଦେଇ ହେବନି । ତମେ ପରା ସହ ଧର୍ମିଣୀ । ଜୀବନ ଗୋଟା ରହିଆସିଛ ସାଥିରେ । ଭାଗିଦାର ହେଇଚ ସୁଖ ଦୁଃଖରେ । କୁଆଡେ ଗଲା ସେ ସୁହାଗ, ସେ ଆତ୍ମିୟତା ? ଯାହା ସବୁ ଥିଲା, ସେସବୁ କଣ ମିଛ, ଦେଖାଣିଆଁ ?

ଆଜି ତିନି ବନ୍ଧୁଙ୍କ ସାମ୍ନାରେ ଅପମାନିତ ହେଇ ଯାହାତ ସିଏ ଅନୁଭବୁଛନ୍ତି, ସାରା ପରିବାରର ଅପସଂସ୍କାର ପଦାରେ ପଡିଲା । କଣ ଭାବୁଥିବେ ସେମାନେ ? ସେମାନେ ଦେଖିଛନ୍ତି ପରିବାରର ହସନ୍ତ ଦିନକୁ । ଆଉ ଏବେର ଅବସ୍ଥାର କଣଯେ ପ୍ରଭାବ ପଡ଼ିଥିବ ତାଙ୍କ ମାନସିକତାରେ, ଭାବୁଛନ୍ତି ବସି । କାଲି କିମିତି ମୁହଁ ଦେଖେଇବେ ତାଙ୍କୁ ?

ସକାଳ ସଂଜେ ଦି'ଦି'ଟା ରୁଟି, ଦ୍ୱିପହରକୁ ମୁଠେ ଭାତ । ପଞ୍ଜୁରୀ ଭିତରେ ପକ୍ଷୀକୁ ଦେବା ପରି ଦିଆଯାଉଛି ତାଙ୍କୁ । ତା'ଠୁ ଅଧିକ ଆଶା ନକରିବାକୁ ସିଧା ଶୁଣେଇଛନ୍ତି ସୁରମା । ଆଦେଶକୁ ଶିରୋଧାର୍ଯ୍ୟ କରି ବଞ୍ଚି ଚାଲିଛନ୍ତି ସିଏ । କେତେଦିନ ବଂଚିବେ ଈଶ୍ୱର ଜାଣନ୍ତି । କରୋନା ପୂର୍ବର ଶକ୍ତି ଆଉ ନାଇଁ । ବାହାରେ ଯାଇ ଘେରେ ବୁଲି ଆସିବାକୁ ଅକ୍ଷମ ଏବେ । ଚବିଶ ଘଣ୍ଟା ଘର ଭିତରେ ସଢୁଛନ୍ତି ବସି । କାହାକୁ କହିବେ, କିଏ ବୁଝିବ ? କୃପାସିନ୍ଧୁ ଦୀର୍ଘଶ୍ୱାସ ଛାଡି ଅନେଇଲେ ଆକାଶକୁ । ଖୁବ ଶିଖରରେ ଉଡୁଥିବାର ପକ୍ଷୀ ଯୋଡ଼େ ନଜରକୁ ଆସିଲେ । ଅନେଇ ରହିଲେ ତାଙ୍କ ଉଡାଣକୁ । ମନରେ ଭାବନା - ଯେତେପାର ଉଡ଼ । ପରିକ୍ରମା କର ତମାମ ଆକାଶ । ଦିନ ଆସିବ, ଥକିପଡିବ ଡେଣା । ଉଡିବାତ ଦୂର, ଡେଣା ଖୋଲିବାକୁ ସେତେବେଳେ ଶକ୍ତି ଅକୁଳାଣ ହେବ । ଡର ଲାଗିବ ଆକାଶର ଉଚ୍ଚତାକୁ । ଶେଷ ସମୟକୁ ଅଛି ଏଇ ମାଟି । ମିଶେଇ ନେବାକୁ ତମ ଶକ୍ତିଶୂନ୍ୟ ଅବଶ ଶରୀରକୁ । ଏବେ ଉଡିବାର ସମୟ । ଯେତେପାର ଉଡ଼ । ଉଡ଼ ଆକାଶର ଶେଷ ସୀମାଯାକେ । ହେଲେ ମାଟିକୁ କରନା ଆଦୌ ଅଣଦେଖା । ଶେଷ ସେଇଠି ଯେ.... !ଈଈଈଈଈଈଈଈ


+ଚନ୍ଦନବିନ୍ଧା, ଚାନ୍ଦବାଲି, ଭଦ୍ରକ
ମୋ:୯୨୩୮୯୨୦୪୦୫.


# ସୂତ୍ରଧର




ଘନଶ୍ୟାମ ପଲେଇ




ନୀତି ଆଦର୍ଶରେ ଜିଉଁଥିବା ମଣିଷ ଶମ୍ଭୁନାଥ ବାବୁ । ସମୟକୁ ଜଗିରଖି ଚଳନ୍ତି ସେ । ଠିକ୍ ଟାଇମରେ ଖିଆପିଆ ସବୁକିଛି । ସେଥିପାଇଁ ତୋ ଆଜି ରିଟାର୍ଡର ଦଶବର୍ଷ ପରେ ବି ପୁରା ଫିଟ୍ । ଏକା ଟ୍ରେନରେ ଫେରୁଛନ୍ତି କଲିକୋତାରୁ ଝିଅଜୋଇଁକୁ ଦେଖାକରି । ରାତି ଦଶଟା ହେବ । ସଭିଏଁ ରେଡି ହେଉଥିଲେ ନିଜ ନିଜ ବର୍ଥରେ ଶୋଇବାକୁ । ଶମ୍ଭୁନାଥବାବୁ ବି ବେଡସିଟ୍ ? ପାରୁଥିଲେ, କାନରେ ବାଜିଲା ମଧୁର ବଚନ । ଦୟା, ଧର୍ମ, ମାନବିକତାର ସୁନ୍ଦର ଆଲୋଚନା । ଦୁଇ ଯୁବକଙ୍କ ପାଖକୁ ଚୁମ୍ବକପରି ଆକର୍ଷିତ ହେଇ ଯାଇ ବସିଲେ ତାଙ୍କ ପାଖରେ । ପରିଚୟରୁ ଜାଣିଲେ ସେମାନେ ଦୁହେଁ ଭଲ ଭଲ ପୋଷ୍ଟରେ ଚାକିରି କରୁଛନ୍ତି ରାଉରକେଲାରେ । ଶମ୍ଭୁନାଥଙ୍କ ପରିଚୟ ତଥା ରିଟାର୍ଡ ଶିକ୍ଷକ ଜାଣି ସମ୍ମାନ ଦେଲେ ଯଥେଷ୍ଟ । ବହୁ ଡେରି ଯାଏଁ ଶୁଣିଲେ ସେମାନଙ୍କଠୁ ଭାରତୀୟ ଦର୍ଶନ ତଥା ଶାସ୍ତ୍ରର ଭାବଗର୍ଭକ ତତ୍ତ୍ୱ । ମନର ଅନେକ ପ୍ରଶ୍ନର ଉତ୍ତର ବି ପାଇଲେ ସେମାନଙ୍କଠୁ ।

ମଣିଷ ବେଳେବେଳେ ଶୋଇ ବି ସ୍ୱପ୍ନ ଦେଖି ପାରେନା, ମାତ୍ର ମେଞ୍ଚାମେଞ୍ଚା ସ୍ୱପ୍ନ ଦେଖେ ଆଖି ଖୋଲି । ଯିମିତି ଖୁସିରେ ରାତିର ବିଳମ୍ବିତ ପହର ଯାଏଁ ଦୁଇ ଯୁବକଙ୍କୁ ନେଇ ସ୍ୱପ୍ନରେ ବିଭୋର ଥିଲେ ଶମ୍ଭୁନାଥ । ତାଙ୍କ ଧାରଣା ଭୁଲ ସାବ୍ୟସ୍ତ ହେଇଛି ଆଜି । ଭାବୁଥିଲେ ତାଙ୍କପରେ ନୂଆପିଢି ବୁଝି ପାରିବେ ତ ଆମ ମହାନ ସଂସ୍କୃତି ପରମ୍ପରାକୁ । କିଏ ହେବ ପରପିଢୀର ସୂତ୍ରଧର ? ଏମାନଙ୍କୁ ଭେଟି ଆଜି ପୁରି ଉଠିଚି ମନପ୍ରାଣ ।

ଆସି ସାରିଥିଲା ଛୋଟ ଷ୍ଟେସନଟିଏ । ମାଘମାସର ଶୀତୁଆ ସକାଳରେ କବାଟ ଦେଇ ପଶିଆସୁଥିଲା କାଲୁଆ ପବନ । ବ୍ରସ କରୁଥିଲେ ଶମ୍ଭୁନାଥ ଟ୍ରେନ ଦ୍ୱାରପାଖ ବେସିନରେ । ବୁଢୀଟିଏ ଆତ ଝୁଡିଟି ଧରି ଦ୍ୱାର ମୁହଁରେ ଛିଡାହୋଇ ସାହାଯ୍ୟ ମାଗିଲା ଟ୍ରେନରେ ଚଢିବାକୁ । ହାଡ କଙ୍କାଳ ସବୁ ଗଣି ପଡୁଥିଲା ତା'ର । ଦେଖିଲେ ବାରି ପଡୁଥିଲା ବୟସର ଅପରାହ୍ନରେ ବି ଜୀବନ ସହ ସଂଘର୍ଷ କରୁଛି ବଞ୍ଚିବାକୁ । ବିକିଭାଂଗି ଗୁଜୁରାଣ ମେଣ୍ଟଉଛି । ହାତଗୋଡର ଲୁମ ଟାଙ୍କୁରା ଶୀତରୁ ସ୍ୱଷ୍ଟ ଅନୁମେୟ, ତା' ଦେହରେ ପଡିଥିବା ସାତସିଆଁ ଚିରା ଚାଦର ଖଣ୍ଡକ ଥଣ୍ଡା ରଖିବାକୁ ଅସମର୍ଥ ।

ଆତ ଝୁଡି ଥିଲା ଭାରି । ଶମ୍ଭୁନାଥ ଦେଇ ଏକା ସମସ୍ତ ନୁହଁ, ତେଣୁ ଅନ୍ୟ ଲୋକଙ୍କ ସାହାଯ୍ୟରେ ଉଠେଇ ଦେଲେ ଝୁଡି ସହ ବୁଢୀକୁ । ଆତ ଝୁଡି ସହ ବସିଲା ଦ୍ୱାରା ମୁହଁକୁ ଲାଗି ।

ବଡ ବଡ ସୁନ୍ଦର ଆତ ଦେଖି ଲୋଭ ଲାଗିଲା । ଶମ୍ଭୁନାଥ ପଚାରିଲେ--ଆତ ଗୋଟାକୁ କେତେ ?

- ବାବୁ ପାଞ୍ଚ ଟଙ୍କା ଦେବ । ବାଛି ବାଛି କିଣିଛି ।

ଶମ୍ଭୁନାଥ ଚାରି ପାଞ୍ଚଟି ଆତ କିଣି ବସିଲେ ଯାଇ ନିଜ ସିଟରେ ।

କିଛି ସମୟ ପରେ ବୁଢୀର କରୁଣ ସ୍ୱର ତାଙ୍କ କାନରେ ବାଜିଲା । ଶମ୍ଭୁନାଥ ଦେଖିଲେ ବୁଢୀ କାକୁତି ମିନତି ହେଉଥିଲା ଆଗାମୀ ପିଢିର ସୂତ୍ରଧରଙ୍କ ପାଖରେ ।

- ନାଇଁ ବାବୁ କିଣା ନାଇଁ, ମୋର ଭେଳା ବୁଡିଯିବ । ପଇସା ନ ବଳିଲେ କାଲି କେଉଁଠୁ ଆଣିବି !

- ହଁ ! ତୁ ବୁଢୀ ଭାବିଛୁ ଏକା ଚାଲାଖ । ଟଙ୍କାଟେ ଲେଖା ତ ନେବୁ । କହି ଜବରଦସ୍ତି କୋଡ଼ିଏ ଦେଇ କୋଡିଏଟି ଆତ ଉଠେଇ ନେଲେ ।

ନିରୁପାୟ ବୁଢୀ ଖାଲି କାକୁତିମିନତି ହେଉଥିଲା । ହେଲେ କହାର ନିଘା ନଥିଲା ତା' ପ୍ରତି ।

ମହାଆନନ୍ଦରେ ବସି ଖାଉଥିଲେ ଆତ । ଶମ୍ଭୁନାଥ ଯାଇ ପଚାରିଲେ----- ଫଳ, କେମିତି ହେଇଛି ।

ପିଲାମାନେ ଏକା ସଙ୍ଗେ କହି ଉଠିଲେ---- ବହୁତ ମିଠା ! ବଡ ବଡ ବି । ଆପଣ କିଛି କିଣି ଘରକୁ ନେଇଯାଆନ୍ତୁ । ଶସ୍ତାରେ ବି ଦେଉଛି ।

-କେତେ କଣ ରେଟ୍ ଦେଲ ।

ଜଣେ କହିଲା---- ବୁଢୀ ତ ଏକବାର କହୁଥିଲା ଗୋଟା ପାଞ୍ଚ, ଧମକେଇଲାରୁ ଦେଉଛି ଟଙ୍କାରେ ଗୋଟେ ।

ଶମ୍ଭୁନାଥ ଟିକେ ନିରବି ପୁଣି କହିଲେ-- ବାବୁମାନେ ! ତମକୁ ଦେଖି ମୁଁ କେତେ ସ୍ୱପ୍ନ ଦେଖିଥିଲି ରାତିସାରା । ଭାବିଥିଲି ପର ପିଢିର ମଙ୍ଗ ଧରିବ । ସଂସ୍କୃତି, ପରମ୍ପରାକୁ ଆଗଇ ନେବ । ମାନବିକତା, ଦୟା, ଧର୍ମ କଥା ଅନୁଭବିଛ । କିନ୍ତୁ ବୁଢୀଠୁ ଆତ ଜୁଲମ କରି ଠକି ନେବା ପରେ ମନରେ ଥିବା ଧରଣାଟା ଭାଙ୍ଗି ଚୁରମାର୍ ହୋଇଗଲା ମୋର । ଧୂଳିସାତ୍ ହେଇଗଲା ସବୁ ସ୍ୱପ୍ନ ।

ଏପଟେ ଦି'ଯୁବକଙ୍କ ମୁହଁ କଳାକାଠ ପଡିସାରିଥିଲା କେତେବେଳୁଁ ।


+ବଡ ଆମୁଁଣି, ହାଣ୍ଡିଭଙ୍ଗା, ଝୁମ୍ପୁରା,
କେନ୍ଦୁଝର,୭୫୮୦୩୧
ମୋ:୯୪୩୭୭୧୮୫୦୦


# ଜୀବନ ଯନ୍ତ୍ରଣା




ସୁଦର୍ଶନ ମହାପାତ୍ର




ସକାଳୁ ସକାଳୁ ଟିଭିରେ ଗୋଟିଏ ଖବର ଏବଂ ତା' ସହିତ ହୃଦୟ ବିଦାରକ ଦୃଶ୍ୟଟିଏ ଉପରେ ନଜର ପଡିଗଲା ସୁଶାନ୍ତର । ମୁଜାଫରପୁର ରେଲୱେ ଷ୍ଟେସନରେ ଶିଶୁଟିଏ ତା' ମାଆର ମୃତ ଶରୀର ଉପରେ ଘୋଡେଇ ଦିଆ ଯାଇଥିବା ଲୁଗା ଖଣ୍ଡିକ ସହିତ ଲୁଚକାଳି ଖେଳ ଖେଳୁଛି ଆଉ ତା' ଠାରୁ ଟିକେ ବଡ଼ ପିଲାଟି ଜୁଳୁଜୁଳୁ ଆଖିରେ ଚାହିଁ ରହିଛି କେବଳ । କେମିତି ସେମାନେ ବୁଝନ୍ତେ ଜୀବନ-ମୃତ୍ୟୁର ଖେଳକୁ ଏଇ ଛୋଟ ବୟସରେ ! ସେହିଦିନ ବି ସେହି ଷ୍ଟେସନରେ ଚାରି ବର୍ଷର ଛୁଆଟିଏ ମରିଛି, ଖରା ଆଉ ଭୋକ ତାତିରେ । ଟ୍ରେନଟି ସୁରତ ଫେରନ୍ତା... । ପତ୍ନୀ ଆସି ଥରେ ଡାକି ଗଲେଣି । ହେଲେ ଆଦୌ ଖାଇବାକୁ ଇଛା ହେଉ ନଥିଲା ସୁଶାନ୍ତର । ଗଲା ଦୁଇ ମାସ ପାଖାପାଖି ହେବ, ଦେଶର ଖଟିଖିଆ ଶ୍ରମିକ ମାନଙ୍କର ଦୁଃଖ କଷ୍ଟର କଥା ନିତି ଶୁଣୁଛି । ଟିଭି ଖୋଲିଲେ ପିମ୍ପୁଡ଼ି ଧାର ପରି ରାଜରାସ୍ତାରେ ଦାଦନ ମାନଙ୍କର ଧାର ଦିଶୁଛି । ଖରା ବର୍ଷାକୁ ଖାତିରି ନକରି ସେମାନେ ନିଜ ଭିଟାମାଟିକୁ ଫେରୁଛନ୍ତି ଗୁଜରାଟ, କୋଲକାତା, ତାମିଲନାଡୁ , ମହାରାଷ୍ଟ୍ର କିମ୍ବା କର୍ଣ୍ଣାଟକରୁ । ଆଗରେ ସ୍ୱାମୀ, ପଛରେ ସ୍ତ୍ରୀ । ଦିହିଁଙ୍କ ମୁଣ୍ଡରେ ଗୋଟିଏ ଗୋଟିଏ ବୁଜୁଳା । ସାଙ୍ଗରେ ଗୋଟିଏ କି ଦୁଇଟା ଛୁଆ । ଯେଉଁ କାରଖାନା ଅବା ଇଟାଭାଟିରେ କାମ କରୁଥିଲେ, ସେଇଠି ଆଉ କାମ ନାହିଁ । ଏଣେ ଘରକୁ ଫେରିବା ଲାଗି ଗାଡ଼ି ମଟର ନାହିଁ । କୋଉଠି ରାସ୍ତା ଉପରେ କୁନି ପିଲା ରୁଟି ଖଣ୍ଡେ ଚୋବାଉଛି ତ କେଉଁଠି ରେଳ ଧାରଣା ଉପରେ ଶୋଇଥିବା ଅବସ୍ଥାରେ କଟି ମୃତ୍ୟୁବରଣ କରିଥିବା ଦାଦନ ମାନଙ୍କ ଶେଷ ଐଶ୍ୱର୍ଯ୍ୟ ରୁଟି ଖଣ୍ଡମାନ ହୋଇ ବିଛାଡି ପଡିଛି । ତିନି ଶହ କିଲୋମିଟର ଦୂରରୁ କଷ୍ଟେମଷ୍ଟେ ବାପା ମା'ଙ୍କ ସାଙ୍ଗରେ ଆସିଥିବା ପୁଅଟି ଗାଁରେ ପହଞ୍ଚିବାର ଅଧ ଘଣ୍ଟା ଏ ଆଗରୁ ମରିପଡୁଛି । ଭୋକ ବିକଳରେ ଆଉଟୁ ପାଉଟୁ ହେଉଥିବା ଛୁଆ ମୁହଁରେ ଟିକେ ଆହାର ଦେବାଲାଗି ମଝିରାସ୍ତା ଉପରେ ଚିତ୍କାର କରୁଛି ଅସହାୟ ମାଆଟିଏ । ନିଜ ପାଖରେ ଥିବା ପର୍ସ, ଟଙ୍କା, ଘଣ୍ଟା, ମୋବାଇଲ ବିନିମୟରେ ଭାତ ମୁଠାଏ କି ରୁଟି ଦି'ପଟ ପାଇଁ ଆକୁଳ ହେଉଛି ଘର ଫେରନ୍ତା ଦାଦନ ଶ୍ରମିକ । ଶ୍ରମିକ ସ୍ପେଶାଲ୍ ଟ୍ରେନରେ ବାଥରୁମରୁ ବାହାରୁଛି ଅନାହାରରେ ଥିବା ଶ୍ରମିକର ମୃତଦେହ । ଏସବୁ ଦେଖି ଆଖିରେ ଆପେ ଆପେ ଲୁହ ଘୋଟି ଆସେ । ଟିପୟ ଉପରେ ଗତକାଲିର ପେପର ଥୁଆ ହୋଇଛି ଏପର୍ଯ୍ୟନ୍ତ । ହାଇଦ୍ରାବାଦରୁ ଆଠଶହ କିଲୋମିଟର ଦୂର ମଧ୍ୟପ୍ରଦେଶର ନିଜ ଗାଁ ବାଲାଘାଟକୁ ହାତ ତିଆରି ଟଣା ଗାଡିଟିରେ ଗର୍ଭବତୀ ପତ୍ନୀ ଏବଂ ପୁଅକୁ ବସେଇ ଟାଣି ଟାଣି ଆଣୁଥିବା ଦାଦନ ଶ୍ରମିକ ରାମୁର ଚିତ୍ର ପ୍ରଥମ ପୃଷ୍ଠାରେ ଛପା ଯାଇଛି । ଆଉ ସେହି ପୃଷ୍ଠାରେ ସବା ଉପରେ ଛପା ଯାଇଛି ଦେଶକୁ ସଜାଡ଼ିବା ଲାଗି ପ୍ରଧାନମନ୍ତ୍ରୀ କୋଡ଼ିଏ ଲକ୍ଷ କୋଟି ଟଙ୍କାର ବନ୍ଦୋବସ୍ତ କରୁଥିବାର ଚମତ୍କାର ସମ୍ବାଦ । ଆହୁରି ଛପା ଯାଇଛି ଭଦ୍ରକରୁ ମୟୂରଭଞ୍ଜର ନିଜ ଗାଁକୁ ଶିକାଭାରରେ ନିଜ ପିଲାଙ୍କୁ ବସେଇ ଶହେ କୋଡ଼ିଏ କିଲୋମିଟର ଯାଉଥିବା ଜଣେ ବାପାର କାହାଣୀ ଓ କୋଲକାତାରୁ ଚାଲି ଚାଲି ଆସୁଥିବା କାକଟପୁରର ଲୋକଟି ଲକ୍ଷ୍ମଣନାଥ ଟୋଲ୍ ଗେଟ୍ ପାଖରେ ଟଳି ପଡିବାର ଖବର । -କ'ଣ ପାଇଁ ସେଠି ଠିଆ ହୋଇଛ ? ଦିନରାତି ଖାଲି ଟିଭି ଦେଖି, ପେପର ପଢି ତୁମ ମୁଣ୍ଡ ଖରାପ ହୋଇ ଗଲାଣି ।' ରୋଷେଇ ଘରୁ ପତ୍ନୀଙ୍କର ପାଟି ଶୁଭିଲା । -ଯାଉଛି, ଯାଉଛି ଟିକିଏ ରୁହ ।' ତାଙ୍କୁ ଶୁଭିଲା ଭଳି ନରମ ସ୍ୱରରେ କହିଲା ସୁଶାନ୍ତ ।

-ମୁଁ ଜାଣେ, ତୁମେ ସେଇଠି ଠିଆ ହୋଇଛ ଆଜିର ପେପର ପାଇଁ । ସେ ପିଲାଟିକୁ ମନା କରି ଦେଇଛି ପେପର ଦେବାକୁ । ତିନି ମାସ ହେବ ଟିଉଟୋରିଆଲ୍ ବନ୍ଦ । ଘରୋଇ ଟିଉସନ୍ ବି ବନ୍ଦ । ଘର କେମିତି ଚଳିବ ଆଗ ଚିନ୍ତା କର । ଶୀଘ୍ର ଆସ, ସେ ଚୁଡା ଗଣ୍ଡାକ ବତୁରି ଫୁଲି ଗଲାଣି ।' ପତ୍ନୀଙ୍କର ଏତିକି କଥାରେ ସୁଶାନ୍ତ ଚୁପ୍ ଚାପ୍ ଖାଇ ବସିଲା । ଏ ମାସରେ ସଉଦା ଆସିନି ବୋଲି ମନେ ପଡିଲା ସୁଶାନ୍ତର । ଘରେ ଆଉ ଟଙ୍କା ନାହିଁ । ସଉଦା ଲିଷ୍ଟ ସେଥିପାଇଁ ବୋଧହୁଏ ହୋଇନାହିଁ... ! ଖାଉ ଖାଉ ଚିନ୍ତା କଲା କାହାକୁ ଟଙ୍କା ଉଧାର ମାଗିବ ? ଏ ସମୟରେ କେହି ଟଙ୍କା ଦେବେ କି ? ଯଦି ମନାକରି ଦିଅନ୍ତି ! ପୁଣି ସେହି ସ୍ୱାଭିମାନ ସାମ୍ନାରେ ଆସି ଠିଆ ହେଲା । ଅଜାଗା ଘା', କାହାକୁ ଦେଖାଇବାର ଯୁ' ନାହିଁ । ନିମ୍ନ ମଧ୍ୟବିତ୍ତ ପରିବାର ପାଇଁ ସରକାରଙ୍କର କିଛି ଯୋଜନା ନଥାଏ, ଆହା ପଦ ବି ନଥାଏ । ଉଚ୍ଚବର୍ଗର ଲୋକମାନେ ଗରିବ ଥିଲେ ବି ଚିରଦିନ ଅବହେଳିତ । ନା ଥାଏ ସଂରକ୍ଷଣ,ନା ଥାଏ ଅନ୍ୟାନ୍ୟ ସୁବିଧା ସୁଯୋଗ । ଧନ୍ୟ ଏ ଶାସନ ବ୍ୟବସ୍ଥା.... ! ସୁଶାନ୍ତ ଭାବନା ରାଜ୍ୟରୁ ଫେରି ଆସିଲା ରୋଷେଇ ଘରୁ ଆସୁଥିବା ପତ୍ନୀଙ୍କ ସ୍ୱରରେ । -କିଛି ଗୋଟାଏ ବ୍ୟବସ୍ଥା କରିବାକୁ ହେବ । ଗୋଟିଏ ଦିନ ପରେ ଆଉ ଚାଉଳ ନାହିଁ ଘରେ ।' ମନରେ ଆସିଲା ପତ୍ନୀଙ୍କର ଗହଣା କଥା । ସାଇତା ହୋଇଥିବା ସୁନା କିଛି କାମରେ ଲାଗିଲେ କ୍ଷତି କ'ଣ ? ଝିଅ ବାହାଘର ପାଇଁ ସାଇତି ଥିବା ହାରଟି ବିକି କିମ୍ବା ବନ୍ଧକ ରଖି ଏ ଅସମୟରେ ଚଳିଗଲେ, ପରେ କିଛି ଚିନ୍ତା କରିବା ଠିକ୍ ହେବ । ଅବଶ୍ୟ ପତ୍ନୀଙ୍କୁ ଟିକିଏ ବୁଝାଇବାକୁ ପଡ଼ିବ.. ! ବିପଦରୁ ମୁକୁଳି ଆସିବାର ଉପାୟ ବାହାର କରି ସାରି ମନେ ମନେ ଉଲ୍ଲସିତ ଅନୁଭବ କରୁଥିବା ଅବସ୍ଥାରେ ସୁଶାନ୍ତ ଭିଜା ଚୁଡାତକ ଖାଇ ସାରିଥିଲା.. ! !


+କୁଞ୍ଜବିହାରୀ ଲେନ୍ ,କଟକ

# ପ୍ରତ୍ୟକ୍ଷ ବିକ୍ରୟ କ୍ଷେତ୍ରରେ ଉପଭୋକ୍ତାଙ୍କ ସ୍ୱାର୍ଥକୁ ପ୍ରାଥମିକତା ପ୍ରଦାନ କରାଯିବା ଉଚିତ : ଖାଉଟି କଲ୍ୟାଣ ମନ୍ତ୍ରୀ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଉପଭୋକ୍ତାଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ପ୍ରାଥମିକତା ପ୍ରଦାନ କରୁଥିବା ପରିପ୍ରେକ୍ଷୀରେ ସିଧାସଳଖ ବିକ୍ରୟ ବ୍ୟବସାୟରେ ଉପଭୋକ୍ତାଙ୍କୁ ପର୍ଯ୍ୟାପ୍ତ ସୁରକ୍ଷା ପ୍ରଦାନ କରାଯିବା ଉଚିତ । ପ୍ରତ୍ୟକ୍ଷ ବିକ୍ରେତାଙ୍କ ଉତ୍ପାଦର ଯାଂଚ ପାଇଁ ଗ୍ରାହକଙ୍କୁ ପର୍ଯ୍ୟାପ୍ତ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି । ଆଜି ଭୁବନେଶ୍ୱରରେ ଇଣ୍ଡିଆନ୍ ଡାଇରେକ୍ଟ ସେଲିଂ ଆସୋସିଏସନ୍ ଦ୍ୱାରା ଆୟୋଜିତ ଓଡିଶା ପ୍ରତ୍ୟକ୍ଷ ବିକ୍ରୟ ସମ୍ମିଳନୀକୁ ସମ୍ବୋଧିତ କରି ଶ୍ରୀ ସ୍ୱାଇଁ କହିଛନ୍ତି ଯେ ସିଧାସଳଖ ବିକ୍ରୟ ସଂସ୍ଥା ତଥା ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରତ୍ୟକ୍ଷ ବିକ୍ରେତାଙ୍କ ସମ୍ପର୍କରେ ସେମାନଙ୍କର ଠିକଣା, କର୍ମଚାରୀ ଏବଂ ଉତ୍ପାଦ ବିଷୟରେ ସବିଶେଷ ତଥ୍ୟ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ ଯଦ୍ଦ୍ୱାରା ଅସାଧୁ ଏବଂ ପ୍ରକୃତ ବିକ୍ରେତାଙ୍କ ମଧ୍ୟରେ ପାର୍ଥକ୍ୟ କରିବାକୁ ଉପଭୋକ୍ତା ସକ୍ଷମ ହେବେ । ପ୍ରତ୍ୟକ୍ଷ ବିକ୍ରୟକାରୀ ସଂସ୍ଥା ତଥା ପ୍ରତ୍ୟକ୍ଷ ବିକ୍ରେତାଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିବା ଏବଂ ଗ୍ରାହକଙ୍କ ସ୍ୱାର୍ଥରକ୍ଷା କରିବା ପାଇଁ ନିକଟରେ ଭାରତ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ପ୍ରତ୍ୟକ୍ଷ ବିକ୍ରୟ ନିୟମ ଅନୁଯାୟୀ ରାଜ୍ୟରେ ଏହାର ପ୍ରୟୋଗାତ୍ମକ ପଦ୍ଧତି ପ୍ରଣୟନ ଦିଗରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଗ୍ରାହକମାନେ ଉତ୍ପାଦ ନେଇ ସବୁକିଛି ଯାଞ୍ଚ କରିବା ଉଚିତ ଏବଂ ବିଭ୍ରାନ୍ତିକର ପ୍ରତିଶ୍ରୁତିରୁ ଦୂରେଇ ରହିବା ଉଚିତ । ସିଧାସଳଖ ବିକ୍ରୟ ବ୍ୟବସାୟରେ ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘ ଉତ୍ପାଦର ଗୁଣବତା ଏବଂ ନୈତିକ ମାନଦଣ୍ଡ ସୁନିଶ୍ଚିତ କରିବ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ ଦୋହରାଇଛନ୍ତି । ସିଧାସଳଖ ବିକ୍ରୟ ଉଦ୍ଦେଶ୍ୟରେ ଯଦି କୌଣସି ସଂସ୍ଥା କିମ୍ବା ବିକ୍ରେତା ପିରାମିଡ୍ ସ୍କିମ୍ ଗ୍ରହଣ କରନ୍ତି, ତେବେ ଏହାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି । ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି ଯେ ଏହିପରି ସଂସ୍ଥା କିମ୍ବା ବିକ୍ରେତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ଆବଶ୍ୟକ । ଗ୍ରାହକମାନେ କୌଣସି ଠକେଇ କିମ୍ବା ବେଆଇନ ବ୍ୟବସାୟିକ କାର୍ଯ୍ୟକଳାପର ଶିକାର ହେବା ଭଳି କାର୍ଯ୍ୟକଳାପ ପ୍ରତି ରାଜ୍ୟ ସରକାର ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି । ଏହି ସମ୍ମିଳନୀକୁ ସମ୍ବୋଧିତ କରି ଓଡିଶା ବିଧାନସଭା ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ଗ୍ରାହକଙ୍କ ସ୍ୱାର୍ଥ ତଥା ପ୍ରତ୍ୟକ୍ଷ ବିକ୍ରୟ ବ୍ୟବସାୟ ମଧ୍ୟରେ ସମତୁଲ ରହିବା ସହ ଉତ୍ପାଦର ଗୁଣବତା ନିଶ୍ଚିତ ହେବା ଆବଶ୍ୟକ । ରାଜ୍ୟ ସରକାରଙ୍କ ଖାଉଟି କଲ୍ୟାଣ ଉପଦେଷ୍ଟା ପ୍ରଫେସର ବେଜୋନ ମିଶ୍ର କହିଛନ୍ତି ଯେ ପ୍ରତ୍ୟକ୍ଷ ବିକ୍ରୟ ବ୍ୟବସାୟ ନିଶ୍ଚିତ ଭାବରେ ବୃଦ୍ଧି ପାଇବ, କିନ୍ତୁ ସେହି ସମୟରେ ବ୍ୟବସାୟୀମାନେ ଗ୍ରାହକଙ୍କ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ ଜିତିବା ଆବଶ୍ୟକ । ଭାରତୀୟ ପ୍ରତ୍ୟକ୍ଷ ବିକ୍ରୟ ସଂଘର ଅଧ୍ୟକ୍ଷ ରଜତ ବାନାର୍ଜୀ କହିଛନ୍ତି ଯେ ଓଡ଼ିଶା ପ୍ରତ୍ୟକ୍ଷ ବିକ୍ରୟ ଶିଳ୍ପ ପାଇଁ ଏକ ପ୍ରମୁଖ ବଜାର ହୋଇ ରହିଛି । ରାଜ୍ୟରେ ପ୍ରତ୍ୟକ୍ଷ ବିକ୍ରୟ ୧୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇବା ସହିତ ୨୦୨୦-୨୧ ଆର୍ଥିକ ବର୍ଷରେ ଓଡିଶା ଦେଶର ପଂଚମ ବୃହତମ ବଜାର ହୋଇପାରିଛି ବୋଲି ସେ ପ୍ରକାଶ କରିଛନ୍ତି । ସଂଘର ଜେନେରାଲ୍ ମ୍ୟାନେଜର ଚେତନ ଭରଦ୍ୱାଜ କହିଛନ୍ତି ଯେ ଓଡିଶାରେ ପ୍ରତ୍ୟକ୍ଷ ବିକ୍ରୟ ବ୍ୟବସାୟକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ପଦ୍ଧତି ପ୍ରଣୟନ ନିମନ୍ତେ କୌଣସି ପରାମର୍ଶ ଆବଶ୍ୟକ କଲେ ସଂଘ ସହଯୋଗ କରିବାକୁ ସର୍ବଦା ପ୍ରସ୍ତୁତ ।

# ଏବର୍ଷ ଲାଗିବ ୧୦ କୋଟି ଚାରା : ୧.୧୬ ଲକ୍ଷ ହେକ୍ଟର ବନୀକରଣ ଲକ୍ଷ୍ୟ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଆଗକୁ ବର୍ଷା ଋତୁ ଆସୁଛି । ତାହାକୁ ନଜରରେ ରଖି ଓଡ଼ିଶାରେ ବ୍ୟାପକ ବୃକ୍ଷରୋପଣ କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି । ଏବର୍ଷ ଜୁନ୍‌ରୁ ସେପ୍ଟେମ୍ବର ମଧ୍ୟରେ ପାଖାପାଖି ୧୦ କୋଟି ଚାରା ରୋପଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ସେଥିମଧ୍ୟରୁ ଏବେ ସୁଦ୍ଧା ପ୍ରାୟ ସାଢ଼େ ୩ କୋଟି ଚାରା ଲଗାଇବା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ପ୍ରକୃତି ସହ ଯୋଡ଼ି ହେବା ଲାଗି ଏଥର ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ବନ ସଂରକ୍ଷଣ ସମିତି ଗଠନ କରାଯାଇ ଜଙ୍ଗଲ ସୁରକ୍ଷା, ବୃକ୍ଷରୋପଣକୁ ପ୍ରାଥମିକତା ଦିଆଯିବା ସହ 'ଗ୍ରିନ ମହାନଦୀ ମିସନ' ଓ 'ଆମ ଜଙ୍ଗଲ ଯୋଜନା' ମାଧ୍ୟମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇ ଓଡ଼ିଶାରେ ଜଙ୍ଗଲ ସମ୍ପଦର ବୃଦ୍ଧି କରାଯିବ । ବର୍ଷା ସମୟରେ ବିଭିନ୍ନ ସାମାଜିକ ସଙ୍ଗଠନ, ସ୍କୁଲ, କଲେଜ ପରି ଶିକ୍ଷାନୁଷ୍ଠାନ, କର୍ପୋରେଟ ସଂସ୍ଥା, ବ୍ୟକ୍ତିବିଶେଷଙ୍କ ସହ ମିଶି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ । ୨୦୨୧-୨୨ ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନାରେ ୧ ଲକ୍ଷ ୧୦ହଜାର ହେକ୍ଟର ଅଞ୍ଚଳରେ ବନୀକରଣ କରାଯାଇଥିଲା । ୨୦୨୨-୨୩ ଆର୍ଥିକ ବର୍ଷରେ ୧ ଲକ୍ଷ ୧୬ହଜାର ହେକ୍ଟର ଅଞ୍ଚଳରେ ବନୀକରଣ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଜଙ୍ଗଲ ଭିତରେ ବୃକ୍ଷରୋପଣ ଲାଗି ୪ କୋଟି ୮୮ଲକ୍ଷ ଚାରା ଉତ୍ପାଦନ ହେବ । ଜଙ୍ଗଲ ଅଞ୍ଚଳ ବାହାରେ ବୃକ୍ଷରୋପଣ ଲାଗି ବିଭିନ୍ନ ଅନୁଷ୍ଠାନ, ପ୍ରତିଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ୪ କୋଟି ୯୦ ଲକ୍ଷ ଚାରା ବଣ୍ଟନ କରି ବନୀକରଣ ଯୋଜନାକୁ ବ୍ୟାପକ କରିବାକୁ ଲକ୍ଷ୍ୟ ରଖାଯାଇଥିବା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଓ ଆମ ଜଙ୍ଗଲ ଯୋଜନା କାର୍ଯ୍ୟକାରୀ ହେଉଛି । ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ, ବାରିପଦା ଓ ରାଇରଙ୍ଗପୁର ବନଖଣ୍ଡରେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ଦ୍ୱାରା ତିନୋଟି ଶାଳପତ୍ର ଉତ୍ପାଦନ ପୁଞ୍ଜ ଗଠନ କରାଯାଇ ଜଙ୍ଗଲ ନିକଟରେ ଥିବା ଲୋକଙ୍କ ଜୀବିକାର ମାନ ବୃଦ୍ଧି ଲାଗି ବ୍ୟବସ୍ଥା କରାଯାଇଛି । ଆମ ଜଙ୍ଗଲ ଯୋଜନାରେ ରାଜ୍ୟର ୨୦ ଲକ୍ଷ ୪୩ ହଜାରରୁ ଅଧିକ ହିତାଧିକାରୀ ଉପକୃତ ହୋଇଛନ୍ତି । ୧୪ ହଜାର ୨୬୩ଟି ସ୍ୱୟଂ ସହାୟକ ଗୋଷ୍ଠୀର ୧ ଲକ୍ଷ ୫୧ ହଜାରରୁ ଅଧିକ ସଦସ୍ୟ ସାମିଲ ହୋଇଛନ୍ତି । ୨୦୨୧ ତୁଳନାରେ ୨୦୨୨ରେ ଜଙ୍ଗଲ ନିଆଁ ଘଟଣା ୫୦% ହ୍ରାସ ପାଇଛି । ଏହି ସବୁ କାର୍ଯ୍ୟକ୍ରମ ଲାଗି ଚଳିତ ଆର୍ଥିକ ବର୍ଷରେ ୪୦କୋଟି କୋଟି ଟଙ୍କାର ବ୍ୟୟବରାଦ ହୋଇଥିବା ନେଇ ସେ ସୂଚନା ଦେଇଛନ୍ତି । ଭାରତୀୟ ଜଙ୍ଗଲ ସର୍ବେକ୍ଷଣ(ଆଇଏସଏଫସି) ସର୍ଭେ ଅନୁଯାୟୀ, ୨୦୧୭ରେ ରାଜ୍ୟରେ ୫୧ ହଜାର ୩୪୫ ବର୍ଗ କିମି ଅଞ୍ଚଳରେ ଜଙ୍ଗଲ ପରିବ୍ୟାପ୍ତ ଥିଲା । ୨୦୧୯ରେ ଏଥିରେ ଆଉ ୨୭୪ ବର୍ଗ କିମି ଯୋଡ଼ି ହୋଇଥିଲା । ୨୦୧୯ରୁ ୨୦୨୧ ମଧ୍ୟରେ ୮୯୩ ବର୍ଗ କିମି ଜଙ୍ଗଲ ଓ ବନାଞ୍ଚଳ ବୃଦ୍ଧି ହୋଇଛି । ଓଡ଼ିଶାର ଭୌଗୋଳିକ ଅଞ୍ଚଳର ୩୩% ଜଙ୍ଗଲ ଆଚ୍ଛାଦିତ ହୋଇଛି । ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେନ୍ତାଳ ବଣ ବହୁ ପରିମାଣରେ ସହାୟକ ହୋଇଥାଏ । ୨୦୨୧ର ସର୍ବେକ୍ଷଣ ଅନୁଯାୟୀ ହେନ୍ତାଳ ବଣ ଅଭିବୃଦ୍ଧି କ୍ଷେତ୍ରରେ ଓଡ଼ିଶା ଦେଶରେ ପ୍ରଥମ ହୋଇଛି ।

# ଡ୍ୟାନ୍ସବାର ଓ ମଦବିକ୍ରିକୁ ନବୀନ ସରକାର ପ୍ରୋତ୍ସାହନ ଦେଉଛନ୍ତି : ଛାତ୍ର କଂଗ୍ରେସ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ନବୀନ ସରକାର ମଦ ବିକ୍ରିକୁ ପ୍ରାଥମିକତା ଦେଇ ଓଡ଼ିଶାର ଯୁବକ, ଛାତ୍ରମାନଙ୍କୁ ବିପଥଗାମୀ କରି ଚାଲିଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ ଅଭିଯୋଗ କରିଛନ୍ତି । ଡ୍ୟାନ୍ସବାରକୁ ପୁଣିଥରେ ରାତି ୧୨ଟା ପର୍ଯ୍ୟନ୍ତ ଚାଲିବାକୁ ଅନୁମତି ଦେବା ନିଷ୍ପତି ଦୁର୍ଭାଗ୍ୟଜନକ । ଏହା ଓଡ଼ିଶାରେ ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିକୁ ଅଧିକ ଭୟଙ୍କର କରିଦେବ ବୋଲି ସେ କହିଛନ୍ତି । ୟାସିର କହିଛନ୍ତି ଏଠି ମା'ଭଉଣୀ ସୁରକ୍ଷିତ ନୁହଁନ୍ତି । ରାଜଧାନୀରେ ଆଇନ୍ ଶୃଙ୍ଖଳା ବୋଲି କିଛି ନାହିଁ । ମୁଖ୍ୟମନ୍ତ୍ରୀଙ୍କର ସେ ଚିନ୍ତା ନାହିଁ । ତାଙ୍କର ଟିକସ ଦରକାର । ଓଡ଼ିଶା ରସାତଳଗାମୀ ହେଉ, ଓଡ଼ିଆ ବରବାଦ ହୁଅନ୍ତୁ ମୁଖ୍ୟମନ୍ତ୍ରୀ ସେଥିପ୍ରତି ଦୃଷ୍ଟି ଦେବେନି । ଆଜିର ପରିସ୍ଥିତି ପାଇଁ ମଦ ପିଇବାର ବ୍ୟାପକତା ହିଁ ମୁଖ୍ୟ କାରଣ ବୋଲି ଶ୍ରୀ ନୱାଜ କହିଛନ୍ତି । ଡ୍ୟାନ୍ସବାରକୁ ଉତ୍ସାହିତ କରିବା ଅର୍ଥ ମହିଳାମାନଙ୍କୁ ଅପମାନିତ କରିବା । ସେହି ମହିଳାମାନଙ୍କୁ ସରକାର ଅନ୍ୟ କ୍ଷେତ୍ରରେ କର୍ମ ସଂସ୍ଥାନର ବ୍ୟବସ୍ଥା କରନ୍ତୁ । ଆଜି ମଦ ପିଇବା କ୍ଷେତ୍ରରେ ସର୍ଭେର ରିପୋର୍ଟ ଅନୁଯାୟୀ ଓଡ଼ିଶା ଦେଶରେ ପ୍ରଥମ । ଓଡ଼ିଆ ଜାତିକୁ ମଦ ଦେଇ ଶୁଆଇ ଦେବେ, ଓଡ଼ିଶାକୁ ଲୁଟ୍ କରିବେ, କେହି ବିରୋଧ କରିପାରିବେ ନାହିଁ, ଏହା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ଷଡ଼ଯନ୍ତ୍ର । ଗାଁ ଓ ସହରରେ ମଦର ବନ୍ୟା, ମାତ୍ର ଉତ୍କଟ ଜଳାଭାବ । ନବୀନ ବାବୁ ୨୨ବର୍ଷ ହେଲା ଓଡ଼ିଶାର ମଦ ବ୍ୟବସାୟ ବଢାଇ ଚାଲିଛନ୍ତି । ଛାତ୍ର କଂଗ୍ରେସ ଏହା ବିରୁଦ୍ଧରେ ରାଜ୍ୟ ବ୍ୟାପୀ ଆନ୍ଦୋଳନ କରିବ । ଡ୍ୟାନ୍ସ ବାରକୁ ପ୍ରୋତ୍ସାହନ ନ ଦେବାକୁ ଶ୍ରୀ ନୱାଜ ନବୀନ ସରକାରଙ୍କୁ ସତର୍କ କରାଇ ଦେଇଛନ୍ତି ।

# ବାହାର ରାଜ୍ୟର କବ୍‌ଜାରେ ରାଜଧାନୀ ପରିବା ବଜାର : ଲେମ୍ବୁ ପରେ ଟମାଟୋ ୧୦୦ ପାର

ଭୁବନେଶ୍ୱର ,୧୫/୦୫ (ନି.ପ୍ର): କୃଷି ପ୍ରଧାନ ରାଜ୍ୟ ଓଡ଼ିଶା । କିନ୍ତୁ ରାଜ୍ୟ ବାହାରୁ ଆସୁଛି ରାଜଧାନୀ ବଜାରର ସବୁ ପରିବା । ରାଜ୍ୟ ସରକାର ଆଳୁ ଉତ୍ପାଦନ ନାଁରେ କୋଟିକୋଟି ଟଙ୍କାର ଯୋଜନା ପ୍ରସ୍ତୁତ କହୁଥିଲେ ମଧ୍ୟ ଆଳୁ ପଶ୍ଚିମବଙ୍ଗ ଏବଂ ଉତ୍ତରପ୍ରଦେଶରୁ ଆସୁଛି । ସେହିଭଳି ପିଆଜ ଓ ଟମାଟୋ ନାସିକ ଏବଂ ରାୟପୁରରୁ, ପୋଟଳ, ଜହ୍ନି, ବାଇଗଣ କୋଲକାତାରୁ, କଖାରୁ ତାମିଲନାଡୁରୁ, ବିନ୍‌ସ ରାଞ୍ଚିରୁ ଆସୁଛି । ବର୍ତ୍ତମାନ ଆପଣ ବଜାରରୁ ଯେକୌଣସି ପରିବା ଉଠାଇ ଦେଖନ୍ତୁ, ବିକ୍ରେତାଙ୍କୁ ପଚାରିଲେ ସେମାନେ କହିଦେବେ ରାଜ୍ୟ ବାହାରର କେଉଁ ସହରରୁ ଆସିଛି । ପରନିର୍ଭରଶୀଳତା ଯୋଗୁଁ ପ୍ରଥମେ ଲେମ୍ବୁ ଏବଂ ବର୍ତ୍ତମାନ ଟମାଟୋ ଦର ୧୦୦ ଟଙ୍କା ପାର କରିଛି । ଅନ୍ୟ ପରିବା ଦର ମଧ୍ୟ ବାକି ସମୟ ଅପେକ୍ଷା ବୃଦ୍ଧି ପାଇଛି । ପରନିର୍ଭରଶୀଳତା ଯୋଗୁଁ ପେଟ୍ରୋଲ, ଡିଜେଲ ଦର ବୃଦ୍ଧିର ସିଧାସଳଖ ପ୍ରଭାବ ପରିବା ଉପରେ ପଡୁଛି । ଯେଉଁ ପରିବା ଯେତେ ଦୂରରୁ ଆସୁଛି, ତା'ର ଦର ସେତେ ଅଧିକ ରହୁଛି । ଦ୍ୱିତୀୟତଃ ପରିବା ଦର ନିର୍ଦ୍ଧାରଣ ବ୍ୟବସାୟୀଙ୍କ ନିୟନ୍ତ୍ରଣକୁ ଚାଲିଯାଉଛି । ଅନେକ ସମୟରେ ଜାଣିଶୁଣି ଆମଦାନି ହ୍ରାସ କରାଯାଇ କୃତ୍ରିମ ଅଭାବ ସୃଷ୍ଟି କରାଯାଉଛି ଏବଂ ମାତ୍ରାଧିକ ଟଙ୍କା ଗ୍ରାହକଙ୍କ ଠାରୁ ସଂଗ୍ରହ ହେଉଛି । କୃଷି ବିଭାଗର ସୂଚନାନୁସାରେ, ରାଜ୍ୟରେ ୨ ଲକ୍ଷ ୯୬ ହଜାର ୮୪୮ ମେଟ୍ରିକ୍ ଟନ୍‌ର ଆଳୁ, ୩ ଲକ୍ଷ ୫୦ ହଜାର ମେଟ୍ରିକ୍ ଟନ୍‌ର ପିଆଜ, ୪ ଲକ୍ଷ ୬୫ ହଜାର ମେଟ୍ରିକ୍ ଟନ୍‌ର କଖାରୁ, ୧୪ ଲକ୍ଷ ୩୨ ହଜାର ମେଟ୍ରିକ୍ ଟନ୍‌ର ଟମାଟୋ, ୧ ଲକ୍ଷ ୨୭ ହଜାର ମେଟ୍ରିକ୍ ଟନ୍‌ର କଞ୍ଚା କଦଳୀ, ୫୭ ହଜାର ୫୪୨ ମେଟ୍ରିକ୍ ଟନ୍‌ର ବିନ୍‌ସ, ୧ ଲକ୍ଷ ୧୬ ହଜାର ମେଟ୍ରିକ୍ ଟନ୍‌ର କଲରା, ୧ ଲକ୍ଷ ୪୬ ହଜାର ମେଟ୍ରିକ୍ ଟନ୍‌ର ଲାଉ, ୨୧ ଲକ୍ଷ ୨୭ ହଜାର ମେଟ୍ରିକ୍ ଟନ୍‌ର ବାଇଗଣ, ୪୯୬୩ ମେଟ୍ରିକ୍ ଟନ୍‌ର ଗାଜର, ୧୦ ହଜାର ୬୧୧ ମେଟ୍ରିକ୍ ଟନ୍‌ର କୁନ୍ଦୁରି, ୫୪ ହଜାର ୫୭୬ ମେଟ୍ରିକ୍ ? ଟନ୍‌ର କାକୁଡ଼ି, ୬ ଲକ୍ଷ ୬୨ ହଜାର ମେଟ୍ରିକ୍ ଟନ୍‌ର ଭେଣ୍ଡି ଉତ୍ପାଦିତ ହୁଏ । ଏହି ପରିବାଗୁଡ଼ିକ ମଧ୍ୟରୁ ଟମାଟୋ ଭଳି ଅନେକ ପରିବା ବର୍ଷ ତମାମ୍ ଚାଷ ହୋଇ ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିପାରେ । ଚାଷୀ ମଧ୍ୟ ଏଥିପାଇଁ ଆଗ୍ରହ କରନ୍ତି । କିନ୍ତୁ ପ୍ରାପ୍ୟ ନମିଳିବା ଭୟ ଯୋଗୁଁ ସେମାନେ ଧାନକୁ ଗୁରୁତ୍ୱ ଦିଅନ୍ତି । ପ୍ରାକୃତିକ ଦୁର୍ବିପାକରେ ପରିବା ଫସଲ ବେଶି କ୍ଷତିଗ୍ରସ୍ତ ହୁଏ ।

# ରାଜ୍ୟସ୍ତରୀୟ ନବମ ଗଣତନ୍ତ୍ର ଜ୍ଞାନଯଜ୍ଞ ଉଦ୍‌ଘାଟିତ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଦୀର୍ଘ ୫୦ ବର୍ଷ ଧରି ଅନନ୍ତ ବଳିଆ ଟ୍ରଷ୍ଟ ପରିବେଶ, ବୃକ୍ଷରୋପଣ ଓ କୁସଂସ୍କାର ବିରୁଦ୍ଧରେ ସଂଗ୍ରାମ କରିବା ସହ ସାଧାରଣ ଜନତାଙ୍କୁ ଗଣତନ୍ତ୍ର ବିଷୟରେ ସଚେତନତା କରିବା ପାଇଁ ଚେଷ୍ଟା ଅବ୍ୟାହତ ରଖିଛି । ଆଜି ଜଗତସିଂହପୁର ଅରିଲୋ ପରିବାରତୀର୍ଥଠାରେ ଗଣତନ୍ତ୍ର ଜ୍ଞାନଯଜ୍ଞ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ଆଶ୍ରମର ପ୍ରତିଷ୍ଠାତା ତଥା ପଦ୍ମଶ୍ରୀ ଶ୍ରୀମଦ୍ ବାବା ବଳିଆ କହିଲେ ଯେ, ଆମେ ସମସ୍ତେ ଗଣତାନ୍ତ୍ରିକ ବ୍ୟବସ୍ଥା ମଧ୍ୟରେ ଚଳୁଛେ ସତ, କିନ୍ତୁ ଗଣତନ୍ତ୍ରର ବାର୍ତା ତଳେ ପଡ଼ିଥିବା ମଣିଷ ପାଖରେ ପହଂଚିଲେ ତାହା ହିଁ ହେବ ସଫଳ ଗଣତନ୍ତ୍ର । ଗଣତନ୍ତ୍ରର ୪ଗୋଟି ସ୍ତମ୍ଭ ମଜଭୁତ କରିବା ପ୍ରତ୍ୟେକ ନାଗରିକର ଧ୍ୟେୟ ହେବା ଉଚିତ୍ । ପ୍ରଶାସନ ସହଯୋଗର ହାତ ବଢାଇଲେ ନିର୍ବାଚିତ ପ୍ରତିନିଧିମାନେ ସଠିକ୍ କାର୍ଯ୍ୟ କରିବାରେ ସକ୍ଷମ ହୁଅନ୍ତେ । ଏହା ଗଣତନ୍ତ୍ର ପାଇଁ ଏକ ସୁସ୍ଥ ପରମ୍ପରା ହୁଅନ୍ତା । ଅନେକ ସମୟରେ ପୁଲିସ୍ ଗଣମାଧ୍ୟମ ଓ ଓକିଲଙ୍କ ଉପରେ ଆକ୍ରୋଶ ରଖି କାର୍ଯ୍ୟ କରିବାର ଅନେକ ଉଦାହରଣ ରହିଛି ତାହା ମଧ୍ୟ ଗଣତନ୍ତ୍ର ପାଇଁ ବିପଦ । ଆଜିର କାର୍ଯ୍ୟକ୍ରମରେ ସମସ୍ତ ରାଜନୈତିକ ଦଳ, ପ୍ରଶାସନ, ବିଚାର ବିଭାଗ, ସମ୍ବାଦପତ୍ରର ପ୍ରତିନିଧିମାନେ ନିଜ ନିଜ ପକ୍ଷ ରଖିଥିଲେ । ବିଶିଷ୍ଟ ରାଜନେତା ତଥା ସମ୍ବାଦର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଲେ ଯେ, ଗଣତନ୍ତ୍ରର ମୁଖ୍ୟ ଆଧାର ଜନତାଙ୍କୁ ଯିଏ ଯେତେ ପ୍ରଭାବିତ କରିପାରିବ ସେ ସେତେ ସଫଳ ରାଜନେତା ବା ରାଜନୈତିକ ଦଳ । ପୂର୍ବତନ ପ୍ରଶାସକ କିଶୋର କୁମାର ମହାନ୍ତି ପ୍ରଶାସନକୁ ଠିକଣା ମାର୍ଗଦର୍ଶନ ଦେବା ନିର୍ବାଚିତ ପ୍ରତିନିଧି ମାନଙ୍କର ପ୍ରଥମ ଦାୟିତ୍ୱ । କିନ୍ତୁ ସେମାନେ ଯେତେବେଳେ ରାଜନୈତିକ ଦଳ ଦ୍ୱାରା ପ୍ରଭାବିତ ହୁଅନ୍ତି, ସେତେବେଳେ ସେମାନେ ଚାହୁଁନଥିଲେ ମଧ୍ୟ ଭୁଲ୍ କରିଥାନ୍ତି । ବିଜେଡ଼ି ଦଳର ନେତା ତଥା ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି କହିଲେ ଯେ, ବାବା ବଳିଆଙ୍କ ପାଇଁ ଆମ ଜଗତସିଂହପୁର ଜିଲ୍ଲା ଗର୍ବିତ । ଗଣତନ୍ତ୍ର ବେଳେବେଳେ ଜନତନ୍ତ୍ରଷର ପରିଣତ ହୋଇଯାଉଛି ତାହା ଦେଶ ପାଇଁ ବିପଦ । ଶିକ୍ଷିତ ଲୋକମାନେ ଗାଁକୁ ଫେରି ଗଣତନ୍ତ୍ରରେ ଭାଗ ନେଲେ ଆଦର୍ଶ ସୃଷ୍ଟି ହୋଇପାରନ୍ତା । ସମାଲୋଚନା ଦ୍ୱାରା କୌଣସି କାର୍ଯ୍ୟ ସଫଳ ହୁଏନାହିଁ । ସାଂସଦ ରାଜଶ୍ରୀ ମଲ୍ଲିକ ମତରଖି କହିଲେ ଯେ, ରାଜନୀତି ଆଜି ନିମ୍ନସ୍ତରକୁ ଚାଲିଆସିଛି । ବିରୋଧୀ ଦଳକୁ ସମ୍ମାନ ଦେବାକୁ କେହି ପ୍ରସ୍ତୁତ ନୁହଁନ୍ତି । ତେବେ ରାଜନୀତିରେ ଶ୍ରେଷ୍ଠତା ଆସିବ କିଭଳି । ଆଜିର କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଶିଷ୍ଟ ଶ୍ରମିକ ନେତା ରାଜେନ୍ଦ୍ର ପ୍ରସାଦ ସିଂ କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ଭାବେ ବର୍ଣ୍ଣନା କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ବିଶିଷ୍ଟ ସମାଜସେବୀ, କଂଗ୍ରେସ ନେତା ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସଂଯୋଜନା କରିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ କବି ତ୍ରିନାଥ ପଟ୍ଟନାୟକଙ୍କ ଅନନ୍ତାନୁଭୂତି ପୁସ୍ତକ ଓ ବାବା ସତ୍ୟପ୍ରିୟ ଦାସଙ୍କ ଗଣତନ୍ତ୍ର ଜ୍ଞାନଯଜ୍ଞ ଓ ପରିବେଶ ସୁରକ୍ଷା ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ । ସମାଜସେବୀ ଗୋବର୍ଦ୍ଧନ ଧଳଙ୍କୁ ଅନନ୍ତ ବଳିଆ ଟ୍ରଷ୍ଟ ତରଫରୁ ସାମାଜିକ ଓ ସାଂସ୍କୃତିକ ସେବା ପାଇଁ ବିପଦ ବନ୍ଧୁ ସମ୍ମାନ ପ୍ରଦାନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ଡକ୍ଟର ଦାମୋଦର ରାଉତ ଓଜସ୍ୱିନୀ ବକ୍ତବ୍ୟ ରଖିଥିଲେ ଅନ୍ୟମାନଙ୍କ ମଧ୍ୟରେ ଓକିଲ ସୌରୀଚନ୍ଦ୍ର ମହାପାତ୍ର, ନିମାଇଁ ଚରଣ ମହାନ୍ତି, ପାଟକୁରା ବିଧାୟିକା ସାବିତ୍ରୀ ଅଗ୍ରୱାଲଙ୍କ ପୁତ୍ର ସଞ୍ଜୟ ଅଗ୍ରୱାଲ, ପାରାଦ୍ୱୀପ ପୋର୍ଟର ପୂର୍ବତନ ଟ୍ରଷ୍ଟି ପ୍ରତାପ ମିଶ୍ର, ବିଧାୟକ ବିଜୟ କୁମାର ଦାସ ନିଜର ବକ୍ତବ୍ୟ ରଖିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଆଶ୍ରମର ମନୋଜ ଦାସ, ପରମାତ୍ମା ଦାସ, ପ୍ରଜ୍ଞାନନ୍ଦ ଦାସ ପ୍ରମୁଖ ପରିଚାଳନା କରିଥିଲେ ।

# ୧୮ ଲକ୍ଷ ପିଲା ସ୍କୁଲ ନଆସିବା ପ୍ରସଙ୍ଗ : ଶିକ୍ଷକଙ୍କୁ ସହାୟତା କରିବେ ସରପଞ୍ଚ

ଭୁବନେଶ୍ୱର ,୧୫/୦୫ (ନି.ପ୍ର): କାହିଁକି ସ୍କୁଲ ଆସୁନାହାନ୍ତି ପିଲା ? ସକାଳୁଆ ସ୍କୁଲ ସମସ୍ୟା ନା ଅନ୍ୟ କୌଣସି କାରଣ ପିଲାମାନେ ଅଧାରୁ ପାଠପଢ଼ା ଛାଡ଼ି ଦେଇଛନ୍ତି କି ? ପ୍ରଥମରୁ ଦ୍ୱାଦଶ ଶ୍ରେଣୀର ୩୦% ଅର୍ଥାତ୍ ୧୮ ଲକ୍ଷ ପିଲା ଦୈନିକ ସ୍କୁଲ ଆସୁ ନ ଥିବା ନେଇ ଜଣାପଡ଼ିବା ପରେ ଗଣଶିକ୍ଷା ବିଭାଗ ଖୋଳତାଡ଼ ଆରମ୍ଭ କରିଛି । ଗଣଶିକ୍ଷା ବିଭାଗ ସଚିବ ବିଷ୍ଣୁପଦ ସେଠୀ ଗତକାଲି ଏନେଇ ଜିଲ୍ଲାପାଳଙ୍କୁ ଚିଠି ଲେଖିଥିଲେ । ଆଉ ଆଜି ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି ଯେ ଯେଉଁ ପିଲାମାନେ ନିୟମିତ ଭାବେ ସ୍କୁଲ ଆସୁନାହାନ୍ତି ସେମାନଙ୍କ ଘରକୁ ଶିକ୍ଷକମାନେ ଯିବେ । ପିଲାମାନେ କାହିଁକି ସ୍କୁଲ ଆସୁନାହାନ୍ତି ଓ ସେମାନଙ୍କୁ ସ୍କୁଲକୁ ଫେରାଇ ଆଣିବାକୁ ପଦକ୍ଷେପ ନେବେ । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଅଭିଭାବକଙ୍କୁ ବୁଝାଇବେ । ଆବଶ୍ୟକ ପଡ଼ିଲେ ସରପଞ୍ଚମାନଙ୍କ ସହାୟତାରେ ସେମାନେ ପିଲାଙ୍କ ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ କରିବେ । ସ୍କୁଲ ପରିଚାଳନା କମିଟି, ଲୋକ ପ୍ରତିନିଧି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହଯୋଗ ନେଇପାରିବେ । ଆସନ୍ତା ଶିକ୍ଷାବର୍ଷରୁ ଏହି ସବୁ ପିଲାମାନେ ଯେପରି ପୁଣିଥରେ ସ୍କୁଲକୁ ଫେରିବେ ସେଦିଗରେ ଆବଶ୍ୟକ ପଦକ୍ଷେପ ନେବେ । ଗତକାଲି ଜାରି ହୋଇଥିବା ୫ ସୂତ୍ରୀ ଫର୍ମୁଲା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି ଯେ ୧୮ ଲକ୍ଷ ପିଲା ସ୍କୁଲ ଆସୁ ନ ଥିବା ଚିନ୍ତାର ବିଷୟ । ରାଜ୍ୟ ସରକାର ଏହାକୁ ଗୁରୁତ୍ୱର ସହ ନେଇ ପିଲାଙ୍କୁ ପୁଣିଥରେ ସ୍କୁଲକୁ ଫେରାଇ ଆଣିବାକୁ ନେଇଥିବା ପଦକ୍ଷେପ ସ୍ୱାଗତଯୋଗ୍ୟ । ପିଲା ଅଧାରୁ ପାଠ ଛାଡ଼ିଥିବା କିଛି ମାତ୍ରାରେ ଠିକ୍ । ମାତ୍ର ଏହାକୁ ଶତ ପ୍ରତିଶତ ମାନିନେବା ଉଚିତ ହେବନି । କାରଣ ପ୍ରତିବର୍ଷ ଏହି ସମୟରେ ଗ୍ରୀଷ୍ମ ଛୁଟି ହୋଇଥାଏ । ସେମାନଙ୍କ ପାଇଁ ସକାଳ ୬ଟାରୁ କ୍ଲାସ କରାଯାଉଛି । ଏତେ ସକାଳୁ ପିଲାମାନେ ସ୍କୁଲ ଆସିବାକୁ ଅମଙ୍ଗ ହେଉଛନ୍ତି । ପିଲାଙ୍କୁ ଖୋଜିବାକୁ ଶିକ୍ଷକମାନେ ଘରକୁ ଘର ବୁଲିବେ ତାହା କାର୍ଯ୍ୟକାରୀ ହେବା କଷ୍ଟକର ହୋଇପଡ଼ିବ । ୪୦ ଡିଗ୍ରି ଖରାରେ ଶିକ୍ଷକମାନେ ପାଠପଢ଼ା ସାରି ପିଲାଙ୍କ ଘରେ ପହଞ୍ଚିବା ଆଦୌ ସମ୍ଭବପର ହେବ ନାହିଁ । ବରଂ ଅଭିଭାବକ, ସ୍କୁଲ ପରିଚାଳନା କମିଟି, ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି । ପଶ୍ଚିମ ଓଡ଼ିଶାରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସବୁଠାରୁ ଅଧିକ ନୈରାଶ୍ୟଜନକ । ପ୍ରଥମରୁ ଦଶମ ଶ୍ରେଣୀ ମଧ୍ୟରେ ସବୁଠାରୁ କମ୍ ଉପସ୍ଥାନ ସମ୍ବଲପୁର, ବୌଦ୍ଧ, ମାଲକାନଗିରି, ନୂଆପଡ଼ା ଜିଲ୍ଲାରେ ରହିଛି । ଏହି ୪ ଜିଲ୍ଲାରେ ପିଲାଙ୍କ ଉପସ୍ଥାନ ହ୍ରାସ ପଛର କାରଣ କ'ଣ ରହିଛି ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦେବାର ଆବଶ୍ୟକତା ରହିଥିବା ମତପ୍ରକାଶ ପାଇଛି । ଶିକ୍ଷାବିତ୍ ବାସୁଦେବ ଛାଟୋଇଙ୍କ କହିବା କଥା ହେଉଛି ଯେ ପିଲା କୁଆଡ଼େ ଯାଇନାହାନ୍ତି । ପ୍ରାଥମିକ ସ୍କୁଲ ପିଲାଙ୍କ ଉପସ୍ଥାନ କମିବା ପଛରେ ସକାଳୁଆ ସ୍କୁଲ ଦାୟୀ । ତା'ପରେ ଏବେ ପିଲାଙ୍କୁ ପୁରୁଣା ପାଠ ପଢ଼ାଯାଉଛି । ତେଣୁ ଅଭିଭାବକ ସେମାନଙ୍କ ପିଲାଙ୍କୁ ଖରାରେ ସ୍କୁଲକୁ ପଠାଇବାକୁ ମନ ବଳାଉନାହାନ୍ତି । କରୋନା ସମୟରେ ଗତ ଦୁଇ ବର୍ଷ ହେଲା ୮ମରୁ ୯ମ ଶ୍ରେଣୀକୁ ଉନ୍ନୀତ ହୋଇଥିବା ପିଲା ଉପଯୁକ୍ତ ଦିଗ୍‌ଦର୍ଶନ ଓ ସ୍କୁଲ ସୁବିଧା ପାଇ ନ ଥିବାରୁ ପାଠପଢ଼ା ଛାଡ଼ିଥାଇପାରନ୍ତି । ୨୦୨୧ରେ ଦଶମ ଓ ଦ୍ୱାଦଶ ଶ୍ରେଣୀର ପିଲାମାନଙ୍କୁ ବିକଳ୍ପ ମୂଲ୍ୟାୟନ ଜରିଆରେ ଉତ୍ତୀର୍ଣ୍ଣ କରାଗଲା । ଅଧିକାଂଶ ଅଭିଭାବକଙ୍କ ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେମାନେ ପିଲାଙ୍କୁ ପରବର୍ତୀ ଶ୍ରେଣୀରେ ପଢ଼ାଇ ପାରି ନାହାନ୍ତି । ଭଲ ପଢୁ ନ ଥିବା ପିଲାମାନେ ବି ଦଶମ ଓ ଦ୍ୱାଦଶ ପାସ୍ କରିବା ପରେ ପାଠପଢ଼ାରୁ ଦୂରେଇ ଯାଇଛନ୍ତି । ଯେଉଁମାନେ ଦୂରେଇ ଯାଇଛନ୍ତି ସେମାନଙ୍କୁ ଫେରାଇ ଆଣିବା ଏବେ ସହଜ ହେବ ନାହିଁ ।

# ଏସ୍‌ଏଚ୍‌ଜି ସଂଗ୍ରହ କରୁଛନ୍ତି ୪ ହଜାର କୋଟିର ଧାନ : ମହିଳାଙ୍କୁ ସ୍ୱାବଲମ୍ବୀ ନା ଆଉ କିଛି ?

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଗୋଦାମ, ପିଣ୍ଡି କି ବୈଷୟିକ ସୁବିଧା ତ ଦୂରର କଥା କାହାରିବି ଅଫିସ ଗୃହଟିଏ ନାହିଁ । କିନ୍ତୁ ରାଜ୍ୟର ୧୩ ଶହ ଏସଏଚଜି ୪୦୦୦ କୋଟି ଟଙ୍କାର ଧାନ ସଂଗ୍ରହ କରୁଛନ୍ତି । ୨୦୨୩ ମସିହାରେ ୨ ହଜାର ଏସଏଚଜି ପାଇଁ ୬ ହଜାର କୋଟି ଟଙ୍କାର ଧାନ ସଂଗ୍ରହ ଲକ୍ଷ୍ୟ ରଖାଯାଇଛି । ଏହା ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବ ନା ଧାନ ସଂଗ୍ରହ ପାଇଁ ବିକଳ୍ପ ଏଜେନ୍ସି ତିଆରି କରାଯାଉଛି ବୋଲି କୁହାଯିବ ? ଲକ୍ଷ୍ୟ ଯେତେ ମହତ ହେଉନା କାହିଁକି ବିନା ଭିତ୍ତିଭୂମିରେ ଧାନ ସଂଗ୍ରହ ଭଳି ଜଟିଳ ପ୍ରକ୍ରିୟାରେ ଗୋଟିଏ ସଂସ୍ଥା ସାମିଲ କରିବା କେତେ ଠିକ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଏଥିଯୋଗୁଁ ଅନେକ ସମୟରେ ବିନା ଦୋଷରେ ଏସଏଚଜି ସଂସ୍ଥାମାନେ କେତେବେଳେ କଳା ତାଲିକାଭୁକ୍ତ ହେଉଛନ୍ତି କେତେବେଳେ ଚାଷୀଙ୍କ ଆକ୍ରୋଶର ଶିକାର ହେଉଛନ୍ତି । ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ରାଜ୍ୟ ସରକାରଙ୍କ ଏଜେନ୍ସି ଭାବରେ ପେକ୍ସ ଧାନ ସଂଗ୍ରହ କରିଥାଏ । ୨୦୧୮ ମସିହା ରବିରେ ପ୍ରଥମ କରି କଳାହାଣ୍ଡି ଜିଲ୍ଲାର ୧୭ଟି ଗ୍ରାମ ପଞ୍ଚାୟତରେ ୧୭ଟି ଏସଏଚଜି ୪୩ କୋଟି ଟଙ୍କାର ସମୁଦାୟ ୨ ଲକ୍ଷ ୪୭ ହଜାର ୧୯୬ କ୍ୱିଣ୍ଟାଲ ଧାନ ସଂଗ୍ରହ କରିଥିଲେ । ଏଥିରେ ସେମାନଙ୍କୁ ୭୭.୨୫ ଲକ୍ଷ ଟଙ୍କା କମିସନ ମିଳିଥିଲା ଯାହାକି ଗ୍ରୁପ ପିଛା କମିସନ ୪.୫ ଲକ୍ଷ ଥିଲା । ଏହାପରେ ୨୦୧୯ ମସିହା ଖରିଫରେ ୧୧ଟି ଜିଲ୍ଲାରେ ୧୯୯ଟି ଏସଏଚଜି ୪୧୯ କୋଟି ଟଙ୍କାର ୨୩ ଲକ୍ଷ କ୍ୱିଣ୍ଟାଲ, ରବିରେ ୮ଟି ଜିଲ୍ଲାର ୧୧୨ ଗ୍ରାମପଞ୍ଚାୟତରେ ୧୧୩ ଏସଏଚଜି ୩୧୯ କୋଟି ଟଙ୍କାର ୧୭.୫୮ ଲକ୍ଷ କ୍ୱିଣ୍ଟାଲର ଧାନ ସଂଗ୍ରହ କରିଥିଲେ । ଏହାପର ଠାରୁ ଧାନ ସଂଗ୍ରହରେ ଅଧିକରୁ ଅଧିକ ସଂଖ୍ୟକ ଏସଏଚଜିଙ୍କୁ ସାମିଲ କରାଯାଉଛି । ଗତବର୍ଷ ବିଭିନ୍ନ ଦାବି ନେଇ ଯେତେବେଳେ ପେକ୍ସମାନେ ଆନ୍ଦୋଳନ କରିଥିଲେ, ଏସଏଚଜି ଜରିଆରେ ସରକାର ଧାନ ସଂଗ୍ରହ କରିବେ ବୋଲି ଘୋଷଣା କରିଥିଲେ । ଚାଷୀ ସଙ୍ଗଠନ ପକ୍ଷରୁ ପ୍ରଶ୍ନ କରାଯାଉଛି, ଧାନ ସଂଗ୍ରହ ନିୟମ ଅନୁଯାୟୀ, ଚାଷୀ ମଣ୍ଡିକୁ ଧାନ ଆଣିବାଠାରୁ ପ୍ରାପ୍ୟ ମିଳିବା ପର୍ଯ୍ୟନ୍ତ ସବୁ ଦାୟିତ୍ୱ କ୍ରୟକାରୀ ସଂସ୍ଥାର । ଅନେକ ସମୟରେ ମିଲରମାନେ ଧାନ ନିଅନ୍ତି ନାହିଁ, ସେହି ସମୟରେ ଗୋଦାମ ଗୃହରେ ଧାନ ରଖିବାକୁ ପଡ଼େ । ଶହ-ଶହ କ୍ୱିଣ୍ଟାଲ ଧାନ ଆସୁଥିବାରୁ ତା'ର ଓଜନ, ହିସାବ, ଗୁଣାତ୍ମକମାନର ଯାଞ୍ଚ ସବୁ ଜରୁରୀ । ଏଭଳି ସ୍ଥିତିରେ ଏସଏଚଜିଙ୍କ ପାଖରେ ଦକ୍ଷ ମାନବ ସମ୍ବଳ ଅର୍ଥାତ ଡାଟା ଏଣ୍ଟ୍ରି ଅପରେଟର, କ୍ରୟ ପାଇଁ ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ, ଓଜନ ମେସିନ, ମଇସ୍ଚର ମିଟର, ମିନି ଗ୍ରେଡର, ସିମ୍ପଲ ଡିଭାଇଡର, ଗୋଦାମ, ପିଣ୍ଡି, ଇଣ୍ଟରନେଟ ସଂଯୋଗ ବ୍ୟବସ୍ଥା ରହିବା ନିହାତି ଜରୁରୀ । କିନ୍ତୁ ରାଜ୍ୟର ଅଧିକାଂଶ ଏସଏଚଜିଙ୍କ ନିଜସ୍ୱ କାର୍ଯ୍ୟାଳୟ ମଧ୍ୟ ନାହିଁ । ବାକି ସୁବିଧା କ'ଣ ରହିବ ? କିଛି ଏସଏଚଜି ପେକ୍ସ କାର୍ଯ୍ୟାଳୟତ ଆହୁ କିଛି ନିଜ ଘରେ ଧାନ ସଂଗ୍ରହ କରୁଛନ୍ତି । କେବଳ କମ୍ପୁଟର ପ୍ରଶିକ୍ଷଣପ୍ରାପ୍ତ କର୍ମଚାରୀ ରହୁଛନ୍ତି ହେଲେ ଅନ୍ୟ କୌଣସି ଭିତ୍ତିଭୂମି ରହୁନାହିଁ । କାଗଜପତ୍ରରେ ଟାର୍ଗେଟ ଅନୁସାରେ କ୍ରୟ କରାଯାଉଥିବା ଦେଖାଯାଉଛି । ଏଭଳି ସ୍ଥିତିରେ ଧାନ ସଂଗ୍ରହ ସମୁଦାୟ ପ୍ରକ୍ରିୟାରେ ଦଲାଲ ଏବଂ ମିଲର୍ସଙ୍କ ଏକଚାଟିଆ ଅଧିକାର ରହିଯାଉଛି । ଚାଷୀ ଶୋଷିତ ହେଉଛନ୍ତି ।

# ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ରଖିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଇନଟାକର ଚିଠି

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ସ୍ଥଗିତ ପାଇଁ ଇନଟାକ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଦିଆଯାଇଛି । ମାମଲା ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ବିଚାରାଧୀନ ଥିବାରୁ କାମ ସ୍ଥଗିତ ରହୁ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି ଇନଟାକର ଓଡ଼ିଶା ଆବାହକ ଅବସରପ୍ରାପ୍ତ ଆଇପିଏସ୍ ଅଧିକାରୀ ଅମୀୟଭୂଷଣ ତ୍ରିପାଠୀ । ସେ ଏହି ଚିଠିରେ ଲେଖିଛନ୍ତି ଯେ ଏଏସଆଇର ଅନୁମତି ନିଆ ନଯାଇ ଶ୍ରୀମନ୍ଦିରର ନିଷିଦ୍ଧାଞ୍ଚଳର ଶହେ ଫୁଟ୍ ଦୂରତା ଭିତରେ ନିର୍ମାଣ କାର୍ଯ୍ୟ ହେଉଛି । ଏହାକୁ ନେଇ ରାଜନୈତିକ ବାଦପ୍ରତିବାଦ ଲାଗି ରହିଛି । ଏହାକୁ ନେଇ ଜଗନ୍ନାଥଙ୍କ ଭକ୍ତମାନେ ଦ୍ୱନ୍ଦ୍ୱରେ ଅଛନ୍ତି । ଏନେଇ ଏକ ଜନସ୍ୱାର୍ଥ ମାମଲା ଓଡ଼ିଶା ଉଚ୍ଚ ନ୍ୟାୟଳୟରେ ବିଚାରାଧୀନ ଥିବାରୁ କାମ ସ୍ଥଗିତ ରହିବା ଉଚିତ । ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହସ୍ତକ୍ଷେପ ଲୋଡ଼ିଛନ୍ତି ଇନଟାକ୍ ଓଡ଼ିଶା ଚାପ୍ଟର୍ ଆବାହକ ଅମିୟଭୂଷଣ ତ୍ରିପାଠୀ । ସେ ଚିଠିରେ ଦର୍ଶାଇଛନ୍ତି, ଶ୍ରୀମନ୍ଦିର ୧୦୦ ମିଟର ପରିଧି ମଧ୍ୟରେ ନିର୍ମାଣ କାର୍ଯ୍ୟ ହେଲେ ମେଘନାଦ ପଚେରୀ ଉପରେ ପ୍ରଭାବ ପଡ଼ିବ । ମେଘନାଦ ପାଚେରୀକୁ ଲାଗିକି ଖନନ ହେଉଥିବାରୁ ଏହାର ପ୍ରଭାବ ରହିବ ବୋଲି ଏଏସଆଇ ଇମ୍ପାକ୍ଟ ରିପୋର୍ଟରେ କହିଛି । ପ୍ରକଳ୍ପ ଆରମ୍ଭରୁ ଆମସର ଆକ୍ଟ ଯାହା ଉଲଂଘନ ହୋଇଛି । ଏ ଏସଆଇ ମଧ୍ୟ କିଛି କହିଲେନି । ତାହାର ଫାଇଦା ରାଜ୍ୟ ସରକାର ନେଲେ । ଗଜପତି ମହାରାଜ ବି ସମର୍ଥନ କଲେ । ଏହାପରେ ପୁରୀ କାର୍ଯ୍ୟ ଆରମ୍ଭ ହୋଇଛି । ଏହାକୁ ବର୍ତ୍ତମାନ ବନ୍ଦ କରାଯାଇ ପାରିବ ନାହିଁ । ପରିକ୍ରମା ପ୍ରକଳ୍ପରେ ୧୦୦ ମିଟର ମଧ୍ୟରେ ଶୌଚାଳୟ କରି ପାରିବେ ବୋଲି ଏ ଏସ ଆଇ ଡିଜି କହିଛନ୍ତି । କିନ୍ତୁ ରିସେପସନ ସେଣ୍ଟର ଓ ଅନ୍ୟ ସୁବିଧା ପାଇ କଂଷ୍ଟ୍ରକ୍ସନ କରି ପାରିବେନି । ଏହା ଶ୍ରୀମନ୍ଦିର ପ୍ରତି ବିପଦ । ମଧ୍ୟରେ କେବକ ଶୌଚାଳୟ ପାଇଁ ଅନୁମତି ଦେବ ।

## ତଥାଗତ ବୁଦ୍ଧ : କରୁଣାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ । ଅତଏବ୍ ତୁମେ ଅସ୍ଥିର ।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା । ନରହତ୍ୟା ରୂପୀ ପୂର୍ବାର୍ଜିତ ପାପ ପାଇଁ ତା ନେତ୍ରରୁ ଅନୁତାପର ଅଶ୍ରୁଧାର ଧାର ହୋଇ ଝରିବାକୁ ଲାଗିଲା । ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ । ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା । ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ । କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପରପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା ଜୀବନକୁ ଧନ୍ୟ କରିଦେଲା ।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତାର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା' ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି । ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । ବସୁଧୈବ କୁଟୁମ୍ବକମ୍ । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ ଜୀବେ ଦୟା ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ କୌଣସି କାରଣ ପାଇଁ ହେଉ ହତ୍ୟାକାରୀଟି ବାସ୍ତବରେ ଦୁଃଖ ମଣିଷଟିଏ । ଅଶାନ୍ତ ଆତ୍ମାଟିଏ । ସେ ଆମର ଆତ୍ମୀୟ । ତା ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ । ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା ଆଖିରୁ ପ୍ରେମର ଅଶ୍ରୁ ମଧ ନିର୍ଗତ ହୋଇପାରିବ - ଅନ୍ୟ ମଣିଷ ଆତ୍ମୀୟଟି ପାଇଁ । ଏଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସାସ୍ନାତ ରଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ ।

ପିସି ସରକାର ଲେନ୍, ଅରୁଣୋଦୟ ନଗର, କଟକ, ମୋ: ୯୪୩୭୧୦୩୧୨୫୩

## ନରହରିପୁର ବଙ୍ଗାଳିଡୋଇଲା ସ୍ଥିତ ମଙ୍ଗଳା ମନ୍ଦିର ଦର୍ଶନ କଲେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର,୧୫/୦୫ (ନି.ପ୍ର): କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଦିନ ନରହରିପୁର ବଙ୍ଗାଳିଡୋଇଲା ସ୍ଥିତ ମଙ୍ଗଳା ମନ୍ଦିର ଦର୍ଶନ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ନରହରିପୁର ବଙ୍ଗାଳିଡୋଇଲା ସ୍ଥିତ ମଙ୍ଗଳା ମନ୍ଦିର ଓ ଶିବ ମନ୍ଦିରରେ ଦର୍ଶନ କରିବାର ସୌଭାଗ୍ୟ ଲାଭ କଲି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଭୁବନେଶ୍ୱର ଠାରେ....

ନେତୃତ୍ୱରେ ସମଗ୍ର ଶିକ୍ଷା ଅଭିଯାନରେ ଆଗାମୀ ୫ ବର୍ଷ ପାଇଁ ୩ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବାର ବ୍ୟବସ୍ଥା ହୋଇଛି । ବିଦ୍ୟାଳୟ ମାନଙ୍କରେ ବୈଜ୍ଞାନିକ ପଦ୍ଧତିରେ ଶିକ୍ଷାଦାନ ପାଇଁ ଭର୍ଚ୍ଚୁଆଲ ଲାବ୍ରୋଟୋରୀର ବ୍ୟବସ୍ଥା କରାଯିବ । ଛାତ୍ରଛାତ୍ରୀଙ୍କୁ ଉଦ୍ୟମୀ କରିବା ଓ ନବସୃଜନ ପ୍ରତି ପ୍ରୋତ୍ସାହିତ କରିବା ପାଇଁ ଅଟଳ ଟିଙ୍କରି ଲ୍ୟାବ୍ ଏକ ବଡ଼ ପଦକ୍ଷେପ । ଛାତ୍ରଛାତ୍ରୀଙ୍କ ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଜାତୀୟ ଶିକ୍ଷା ନୀତି ପ୍ରଣୟନ କରାଯାଇଛି । ୩ ବର୍ଷରୁ ୨୩ ବର୍ଷ ପର୍ଯ୍ୟନ୍ତ ବିଦ୍ୟାର୍ଥୀଙ୍କୁ ବାଲବାଟିକା ଠାରୁ ଗବେଷକ ହେବା ପର୍ଯ୍ୟନ୍ତ ବିଶେଷ ଧ୍ୟାନ ଦିଆଯାଇଛି । ନୂଆପିଢ଼ିଙ୍କୁ ଭାରତୀୟତା ଆଧାରରେ ଯୋଡ଼ିବା, ଭାରତୀୟ ଭାଷାକୁ ପ୍ରୋତ୍ସାହନ ଓ ଗୁଣାତ୍ମକ ଶିକ୍ଷା ସହ ରୋଜଗାର ଦେବା ଶିକ୍ଷା ନୀତିର ମୂଳ ଲକ୍ଷ୍ୟ । ରାଜଧାନୀର ଏହି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଲୋକଙ୍କ ଦାୟିତ୍ୱରେ ଆଜି ଏକ ବଡ଼ ଅନୁଷ୍ଠାନରେ ପରିଣତ ହୋଇଛି । ଭାରତ ସରକାରଙ୍କ ନୀତି ଆୟୋଗ ଯୋଜନା ଅନ୍ତର୍ଗତ ଏହି ବିଦ୍ୟାଳୟରେ ଅଟଳ ଟିଙ୍କରିଂ ଲ୍ୟାବ ପ୍ରତିଷ୍ଠା ହେବା ଆନନ୍ଦର ବିଷୟ । ଏହି ପଦକ୍ଷେପ ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ ମନୋବୃତିକୁ ଉଜ୍ଜିବୀତ କରିବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି । ଉଲ୍ଲେଖନୀୟ ଯେ, ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସ୍କୁଲର ଲ୍ୟାବ୍ କକ୍ଷ ପରିଦର୍ଶନ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ଅଭିନବ ଉପକରଣକୁ ଦେଖିବା ସହ ସେମାନଙ୍କ ସହ ଆଲୋଚନା କରିଥିଲେ ।

### ନ୍ୟୁୟର୍କର ବୁଫାଲୋ ସୁପରମାର୍କେଟରେ....

ପୋଲିସର ଜଣେ ଅବସରପ୍ରାପ୍ତ କର୍ମଚାରୀ ମଧ ଅଛନ୍ତି । ସେଠାରେ ସେ ସୁରକ୍ଷାକର୍ମୀ ଭାବେ କାମ କରୁଥିଲେ । ପୋଲିସର ସୂଚନା ଅନୁସାରେ ଗ୍ରୋସରୀ ଷ୍ଟୋରରେ ପୋଲିସ ଯେତେବେଳେ ପହଂଚିଥିଲା, ବନ୍ଧୁକଧାରୀ ନିଜ ବେକରେ ବନ୍ଧୁକ ଲଗାଇ ଦେଇଥିଲା । ପୋଲିସ କିଛି ସମୟ ତାଙ୍କ ସହ ଆଲୋଚନା କରିଥିଲା । ଏହା ପରେ ସେ ଆତ୍ମସମର୍ପଣ କରିଥିଲା । ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । ସାଧାରଣ ଲୋକଙ୍କୁ ସୁପରମାର୍କେଟ୍କୁ ଯିବା ପାଇଁ ବାରଣ କରାଯାଇଛି ।

### ଜମି ବିକି ଜଗନ୍ନାଥଙ୍କୁ ....

ନ୍ୟାୟାଳୟର ଦ୍ୱାରସ୍ଥ ହେଉଛନ୍ତି । ଏଭଳି ସମୟରେ ବାଲେଶ୍ୱର ଜିଲ୍ଲା ବସ୍ତା ଅଂଚଳ ସଦାନନ୍ଦପୁରର ୭୦ ବର୍ଷୀୟ ମହିଳା ସୁପ୍ରଭା ପଣ୍ଡା ନିଜ ଜମି ବିକ୍ରି କରି ମହାପ୍ରଭୁଙ୍କ ୨୦ ଲକ୍ଷ ଟଙ୍କା ଦାନ କରିବା ଭଳି ଖବର ଏବେ ଚର୍ଚ୍ଚାର ବିଷୟ ପାଲଟିଛି । ବାଲେଶ୍ୱର ଜିଲ୍ଲା ସଦାନନ୍ଦପୁର ଗାଁର ୭୦ ବର୍ଷୀୟ ମହିଳା ସୁପ୍ରଭା ପଣ୍ଡା । ନିଜ ଜମିକୁ ବିକ୍ରି କରି ସେ ଶ୍ରୀମନ୍ଦିରକୁ ୨୦ ଲକ୍ଷ ଟଙ୍କା ଦାନ କରିଛନ୍ତି । ଯାହାକୁ ନେଇ ଚର୍ଚ୍ଚା ବଢ଼ିଛି । ପୁରୀ ଉପଜିଲ୍ଲାପାଳ ଭବତାରଣ ସାହୁଙ୍କ ସହଯୋଗରେ ପୁତୁରା ଚିନ୍ମୟ ଶତପଥୀଙ୍କ ସହ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଂଚି ଚେକ ଆକାରରେ ୨୦ ଲକ୍ଷ ଟଙ୍କା ଦେଇଛନ୍ତି । ତେବେ ଏହି ଟଙ୍କା ଦାନ ନୁହେଁ, ମହାପ୍ରଭୁଙ୍କ ସେବା ଉଦ୍ଦେଶ୍ୟରେ ଦେଇଥିବା ସେ କହିଛନ୍ତି । ସୁପ୍ରଭା ପଣ୍ଡାଙ୍କ ସ୍ୱର୍ଗତ ସ୍ୱାମୀ ପଙ୍କଜକାନ୍ତ ପଣ୍ଡାଙ୍କ ଜଗନ୍ନାଥଙ୍କ ପରମ ଭକ୍ତ ଥିଲେ ଓ ତାଙ୍କ ଇଚ୍ଛା ଥିଲା ଶ୍ରୀମନ୍ଦିରକୁ କିଛି ସହାୟତା କରିବା । ହେଲେ କର୍କଟ ରୋଗରେ ତାଙ୍କର ଦେହାନ୍ତ ହୋଇଯାଇଥିଲା । ତେଣୁ ସ୍ୱାମୀଙ୍କ ଶେଷ ଇଚ୍ଛା ପୂରଣ କରିବା ପାଇଁ କଟକର ଏକ ଜମିକୁ ବିକ୍ରି କରିଦେଇଛନ୍ତି ସୁପ୍ରଭା । ଜମି ବିକ୍ରିରୁ ମିଳିଥିବା ୩୫ଲକ୍ଷ ଟଙ୍କାରୁ ୨୦ଲକ୍ଷ ଶ୍ରୀମନ୍ଦିରକୁ ଓ ୧୫ଲକ୍ଷ ଟଙ୍କା ଗାଁ ସ୍କୁଲକୁ ଦାନ କରିଦେଇଛନ୍ତି ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାରିପଦା, ୧୫/୦୫ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ବାରିପଦାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଦୌରା ଜଜ୍ କାର୍ଯ୍ୟାଳୟ ପରିସରରେ ତା.୧୪.୦୫.୨୦୨୨ ରିଖରେ ଅନୁଷ୍ଠିତ ହୋଇଯାଇଅଛି। ଜିଲ୍ଲା ଦୌରାଜଜ୍ ତଥା ଅଧକ୍ଷ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ମୟୂରଭଞ୍ଜ ଶ୍ରୀ ପ୍ରଦୀପ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଲୋକ ଅଦାଲତରେ ପ୍ରି ଲିଟିଗେସନ୍ ସମ୍ବନ୍ଧୀୟ ୩୭୭ ଟି ବିଭିନ୍ନ ମାମଲା ମଧ୍ୟରେ ବ୍ୟାଙ୍କ ଋଣ ଆଦାୟ ମାମଲା ୩୪୯ଟି, ବିଦ୍ୟୁତ, ପାଣି ଓ ଅନ୍ୟାନ୍ୟ ବିଲ ପୈଠ ମାମଲା ୨୩ଟି ଏବଂ ଅନ୍ୟାନ୍ୟ (ଫୌଜଦାରୀ ଓ ଦେୱାନୀ) ମାମଲା ସମ୍ପର୍କୀତ ୫ଟି ମାମଲାର ଫଇସଲା କରାଯାଇ ମୋଟ୍ ୧ କୋଟି ୮ଲକ୍ଷ ୯୦ହଜାର



୧୫୯ ଟଙ୍କା ଆଦାୟ କରାଯାଇଥିବା ବେଳେ ସେହିପରି (ପାର୍ଟ-ବି) ଅନ୍ତର୍ଗତ ବକେୟା ଥିବା ବିଭିନ୍ନ ମାମଲା ମଧ୍ୟରେ ଫୌଜଦାରୀ ୬ଟି, ଏନ୍‌ଆଇ ଆକ୍ଟ (ଜାତୀୟ ବୀମା)ଧାରା ୧୩୮ ଅନ୍ତର୍ଗତ ୧୪ଟି ମାମଲା, ବ୍ୟାଙ୍କ ଋଣ ଆଦାୟ ୨୬ଟି ମାମଲା, ଏମ୍ଏସିଟି (ମୋଟର ଦୁର୍ଘଟଣା) ମାମଲା ୧୦ଟି, ବୈବାହିକ ବିବାଦ ମାମଲା ୨୯ଟି ଏବଂ ଅନ୍ୟାନ୍ୟ ଦେୱାନୀ ମାମଲା ସମ୍ବନ୍ଧୀୟ ୩୩ଟି ଓ ଅନ୍ୟାନ୍ୟ ୨ ଟି ଫୌଜଦାରୀ ମାମଲା ସମେତ ମୋଟ ୧୨୦ଟି ମାମଲାର ଫଇସଲା କରାଯାଇ ମୋଟ୍ ୮୨ଲକ୍ଷ ୦୩ ହଜାର ୬୦୯ଟଙ୍କା ଆଦାୟ କରାଯାଇ ସର୍ବମୋଟ୍ ୪୯୭ଟି ଉପରୋକ୍ତ ବିଭିନ୍ନ ମାମଲାର ଫଇସଲା ହୋଇ ସର୍ବମୋଟ ୧କୋଟି ୯୦ଲକ୍ଷ ୯୩ହଜାର ୭୬୮ଟଙ୍କା ଆଦାୟ ହୋଇଛି। ଅନୁଷ୍ଠିତ ଏହି ଲୋକ ଅଦାଲତରେ ଅରିତିକ୍ତ ଜିଲ୍ଲା ଦୌରାଜଜ୍ ଓ ସ୍ପେସିଆଲ୍ ଜଜ୍ ଭିଜିଲାନ୍ସ ପ୍ରସନ୍ନ କୁମାର ପଣ୍ଡା, ଫେମିଲି କୋର୍ଟ ଜଜ୍ ସୁରେଶ ଚନ୍ଦ୍ର ପ୍ରଧାନ, ଏଡିଜେ ତଥା ସତନ୍ତ୍ର ପୋକ୍ସୋ ଅଦାଲତ ମିସ୍ ସୁମିତା ଜେନା, ଆଡ୍-ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ଏଫଟିଏସ୍‌ସି) ଦୁର୍ଗାଚରଣ ମିଶ୍ର, ଦ୍ୱିତୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଡ. ଦୀପକ ରଞ୍ଜନ ସାହୁ, ସିଜେଏମ୍ ମୟୂରଭଞ୍ଜ ଦେବଦତ ପଟ୍ଟନାୟକ, ଆସିଷ୍ଟାଂଟ ସେସନ୍ସ ଜଜ୍ (ଏସ୍‌ଟିସି) ପିଏମ୍‌ଜେଜେବି ତଥା ରେଜିଷ୍ଟ୍ରାର୍ ସିଭିଲ୍ କୋର୍ଟ ଶ୍ରୀ ସୁଦୀପ କୁମାର ଦାସ, ସିନିୟର ସିଭିଲ୍ ଜଜ୍ ମିସ୍ ଶିବାନୀ, ସିନିୟର ସିଭିଲ୍ ଜଜ୍ (ଏଲ୍.ଆର) ମିସ୍ ଦୀପା ଦାସ, ଅତିରିକ୍ତ ବରିଷ୍ଠ ସିଭିଲ୍ ଜଜ୍ ଶ୍ରୀମତୀ ଅପୂର୍ବା ଚୌଧୂରୀ, ଦ୍ୱିତୀୟ ଅରିତିକ୍ତ ବରିଷ୍ଠ ସିଭଲ୍ ଜଜ୍ ମିସ୍ ଦେବଶ୍ରୀ ସାହୁ, ସେକ୍ରଟାରୀ ଜିଲ୍ଲା ଆଇନ ସେବା ପ୍ରଧିକରଣ ମୟୂରଭଞ୍ଜ ଶ୍ରୀ ସୌମ୍ୟରୂପ ସାହୁ, ଏସ୍‌ଡିଜେଏମ୍ ମିସ୍ ବିଶ୍ୱକଳ୍ପିତା ମହାନ୍ତି, ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍‌ସି ଶ୍ରୀମତୀ ଅନନ୍ୟା ଅପରିମିତା, ଅତିରିକ୍ତ ସିଭିଲ୍ ଜଜ୍ ତଥା ଜେଏମ୍ଏଫ୍‌ସି, ବାରିପଦା ମିସ୍ ଜାରିନ୍ ଖାଁ ଏବଂ ଚେୟାର ପରସନ୍ ପିଏଲ୍ଏ (ପିୟୁଏସ୍)ବାରିପଦା ଶ୍ରୀ ବିଜୟ କୁମାର ମିଶ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସଂପୃକ୍ତ କୋର୍ଟରେ ଆଗତ ହୋଇଥିବା ମାମଲା ଗୁଡିକର ଫଏସଲା ହୋଇଥିଲା। ଉକ୍ତ ଲୋକ ଅଦଲତରେ ସରକାରୀ ଅଧିବକ୍ତା ଶ୍ରୀ ହିମାଂଶୁ ପାଣିଗ୍ରାହୀ ଓ ସ୍ଥାନୀୟ ଆଇନଜୀବୀ ଉପସ୍ଥିତ ରହି କାର୍ଯ୍ୟ ତୁଲାଇଥିବେଳେ ଏଥିରେ ବିଭିନ୍ନ ରାଷ୍ଟ୍ରାୟତ ବ୍ୟାଙ୍କ / ଘରୋଇ ବ୍ୟାଙ୍କର ଅଧିକାରୀ ଓ ସଂପୃକ୍ତ ବିଭାଗୀୟ ଅଧିକାରୀ ତଥା କର୍ମଚାରୀ ମାନେ ସହଯୋଗ କରିଥିଲେ।

## ଜଗା ଦର୍ଶନ ପାଇଁ ଭକ୍ତଙ୍କ ପାଦ ଫୋଟକା

ପୁରୀ,୧୫/୦୫ (ନି.ପ୍ର): ଆଜି ରବିବାର । ଭକ୍ତଙ୍କ ପ୍ରବଳ ଗହଳି । ଲମ୍ବା ଲାଇନ ଲାଗିଛି । ଭକ୍ତମାନେ ଚପଲ ଥୋଇ ଖାଲି ପାଦରେ ଘଂଟା ଘଂଟା ଅପେକ୍ଷା କରିଥିଲେ। ତଳ ତାତି ଓ ଉପର ତାତି । ଢ଼ବଳ ବିକଳ ଭକ୍ତ । ଅନେକ ଭକ୍ତ ମାସ୍କ ପାଦରେ ଲଗାଇ ଚାଲୁଥିବା ଦେଖିବାକୁ ମିଳିଥିଲା ଆଉ କେତେକ ଭକ୍ତ ଗୋଡ଼ରେ ରୁମାଲ ବାନ୍ଧିଥିଲେ । କେତେଜଣ ଭକ୍ତ ଓଦା ଗାମୁଛା ପକାଇ ତା ଉପରେ ଚାଲୁଥିବା ଦେଖିବାକୁ ମିଳିଥିଲା । ପ୍ରତିଦିନ ଭକ୍ତ ହୁଣ୍ଡିକୁ ଲକ୍ଷ ଲକ୍ଷ ଟଙ୍କା ହୁଣ୍ଡିକୁ ଦାନ କରୁଛନ୍ତି । ଭକ୍ତଙ୍କ ପାଇଁ କାଣିଚିଏ ପ୍ରସାଦ ମିଳୁନାହିଁ । ଭକ୍ତ ନାମରେ ପରିକ୍ରମା ମାର୍ଗ ନିର୍ମାଣ କରାଯାଇ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଅନ୍ୟପକ୍ଷରେ ଭକ୍ତ ଜଗା ଦର୍ଶନ ପାଇଁ ପାଦ ଫୋଟକା କରି ଚାଲୁଛି । ଅନେକ ଭକ୍ତ କହିଛନ୍ତି ରଜା ନଅର ଠାରୁ ସିଂହଦ୍ୱାର, ଉତରଦ୍ୱାର ଠାରୁ ଚପଲ ଷ୍ଟାଣ୍ଡ ପାର୍ଯ୍ୟନ୍ତ ଓ ପଶ୍ଚିମଦ୍ୱାର ଠାରୁ ଗାଣ୍ଡୁଆ ଚଉରା ପର୍ଯ୍ୟନ୍ତ ପାଦ ନତାତିବା ପାଇଁ କେମିକାଲ କୋଟିଙ୍ଗ ଦେବା ପାଇଁ ଦାବି କରିଛନ୍ତି ।

## ରାଇବଣିଆ ଯୁବକ ଅଂଜନ ହେଲେ ରାଜ୍ୟଯୁବ କଂଗ୍ରେସ ସୋସିଆଲ ମିଡିଆ ଆବାହକ

ଜଳେଶ୍ୱର, ୧୫/୫ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଆଦିବାସୀ ଅଧ୍ୟୁସିତ ରାଇବଣିଆ ଅଂଚଳର ଜଣେ ଯୁବ ପ୍ରତିଭାକୁ ରାଜ୍ୟ ଯୁବ କଂଗ୍ରେସରର ସୋସିଆଲ ମିଡ଼ିଆ ରାଜ୍ୟ ଆବାହକ ଦାୟିତ୍ୱ ମିଳିଛି । ଅଂଜନ ସିଂଙ୍କୁ ଏହି ଦାୟିତ୍ୱ ମିଳିବାପରେ ଆସନ୍ତା ଦିନରେ ରାଜ୍ୟ ଯୁବ କଂଗ୍ରେସ ସୋସିଆଲ ମିଡିଆକୁ ସଂଗଠିତ କରିବା ସହିତ ବହୁ ସଂଖ୍ୟରେ ଯୁବକ ଯୁବତୀଙ୍କୁ ସାମିଲ କରିବା ପ୍ରଚେଷ୍ଟା ଅବ୍ୟାହତ ରଖିବେ ବୋଲି ସାମ୍ବାଦିକ ମାନଙ୍କୁ କହିଛନ୍ତି । ସେ ଏଥିପାଇଁ ରାହୁଲ ଗାନ୍ଧି, ରାଷ୍ଟ୍ରୀୟ



ଯୁବ କଂଗ୍ରେସ ସଭାପତି ଶ୍ରୀନାବାସ ବିଭି, ରାଷ୍ଟ୍ରୀୟ ଯୁବ କଂଗ୍ରେସ ସୋସିଆଲ ମିଡିଆର ଆବାହକ ଦୀପକ କ୍ଷତ୍ରୀ, ଓଡିଶା ଯୁବ କଂଗ୍ରେସ ଭାରପ୍ରାପ୍ତ ରିଆଜୁଲ ଅନ୍‌ସାରୀ, ଓଡିଶା ସୋସିଆଲମିଡିଆ ସହ ପ୍ରଭାରୀ ବର୍ଣ୍ଣି ଉପାଧ୍ୟାୟ, ରାଜ୍ୟ ଯୁବ କଂଗ୍ରେସ ସଭାପତି ଡ. ସ୍ମୃତିରଂଜନ ଲେଙ୍କା, ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଳାସ ପତି, ବରିଷ୍ଠ ନେତା ନବଜ୍ୟୋତି ପଟ୍ଟନାୟକ, ରାଜ୍ୟ ପ୍ରବକ୍ତ ସୁଦର୍ଶନ ଦାସ, ଜିଲା କଂଗ୍ରେସ ଯୁବ ସଭାପତି ରଂଜନ ଦାସ, ଜିଲା କଂଗ୍ରେସ ସାଧାରଣ ସଭାପତି ହେମନ୍ତ ଗିରି, ଜିଲା ସଭାପତି ସଂଜିବ ଗିରି, କୃଷକ ନେତା ସୁଦାମ ପାତ୍ର ପ୍ରମୁଖଙ୍କୁ ସେ ଧନ୍ୟବାଦ ଅର୍ପଣ କରିଛନ୍ତି ।

## ୯ନଂ ୱାର୍ଡ଼ର ଉନ୍ନୟନ କାର୍ଯ୍ୟ ଅନୁଧ୍ୟାନ କଲେ ପୌରାଧ୍ୟକ୍ଷା

ବାଲେଶ୍ୱର,୧୫/୦୫ (ନି.ପ୍ର): ନବନିର୍ବାଚିତ ବାଲେଶ୍ୱର ପୌର ପରିଷଦ ଦାୟିତ୍ୱ ଗ୍ରହଣ ପରେ ସମ୍ପ୍ରତି ସହର ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏନେଇ କାଉନସିଲରଙ୍କ ସମେତ ପୌରାଧ୍ୟକ୍ଷା ସବିତା ସାହୁ ପୌରାଞ୍ଚଳର ବିଭିନ୍ନ ୱାର୍ଡ଼କୁ ଯାଇ ସେଠାରେ ଚାଲିଥିବା ଉନ୍ନୟନମୂଳକ ନିର୍ମାଣ କାର୍ଯ୍ୟସ୍ଥଳ ପରିଦର୍ଶନ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସେ ରବିବାର ୯ ନ ୱାର୍ଡ଼ର ଅଙ୍ଗାରଗଡ଼ିଆ ଅଞ୍ଚଳ ପରିଦର୍ଶନରେ ଯାଇ ସେଠାରେ ଚାଲିଥିବା ନିର୍ମାଣ କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି। ତିଆରି ହେଉଥିବା ପକ୍କାନାଳ ଓ ରାସ୍ତା କାମର ଗୁଣାତ୍ମକ ମାନ ପରଖିବା ସହ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ପୌରାଧ୍ୟକ୍ଷା ଶ୍ରୀମତୀ ସାହୁ ଠିକାଦାରଙ୍କ ସମେତ ତଦାରଖକାରୀ ପୌର ଯନ୍ତ୍ରୀଙ୍କୁ ଚେତାବନୀ ଦେଇଛନ୍ତି। ଏଥି ସହିତ ୯ ନଂ ୱାର୍ଡ଼ରେ ଥିବା ଅନ୍ୟାନ୍ୟ ସମସ୍ୟା ସମ୍ପର୍କରେ କାଉନସିଲର ସଞ୍ଜୀବ ଦାସଙ୍କ ଉପସ୍ଥିତିରେ ସ୍ଥାନୀୟ ଲୋକଙ୍କୁ ସେ ପଚାରି ବୁଝିଥିଲେ। ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ସମସ୍ୟା ସମାଧାନ କରାଯିବ ବୋଲି ଶ୍ରୀମତୀ ସାହୁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ପୌରାଧ୍ୟକ୍ଷାଙ୍କ ଏତାଦୃଶ ପଦକ୍ଷେପକୁ ନେଇ କାଉନସିଲର ଶ୍ରୀ ଦାସଙ୍କ ସମେତ ସ୍ଥାନୀୟ ବାସିନ୍ଦାମାନେ ଭୂୟସୀ ପ୍ରଶଂସା କରିଛନ୍ତି।

## ବିପ୍ଳବଙ୍କ ଅପୂର୍ଣ୍ଣ କାମକୁ ପୂରା କରା ଯିବ : ଡ. ଶାହା

ଅଗରତାଲା,୧୫/୦୫ (ନି.ପ୍ର): ତ୍ରିପୁରାର ୧୧ତମ ମୁଖ୍ୟମନ୍ତ୍ରୀ ରୂପରେ ରବିବାର ଦିନ ଶପଥ ନେଇଥିବା ଡା. ମାନିକ ଶାହା କହିଛନ୍ତି ଯେ ମୁଁ ପୂର୍ବ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କ ଅପୂର୍ଣ୍ଣ କାମକୁ ପୂର୍ଣ୍ଣ କରିବାର ଲକ୍ଷ୍ୟ ରଖିଛି। ତ୍ରିପୁରାର ଲୋକଙ୍କ କଲ୍ୟାଣ ପାଇଁ ସମସ୍ତ ପ୍ରକାର କାର୍ଯ୍ୟ କରାଯିବ। ମୁଁ ତ୍ରିପୁରାକୁ ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ତିଆରି କରିବି। ମୁଁ ତ୍ରିପୁରାର ଆଇନ୍ ବ୍ୟବସ୍ଥାକୁ ମଜଭୁତ କରିବାର ସଂକଳ୍ପ ନେଇଛି। ସମସ୍ତଙ୍କୁ ସାଙ୍ଗରେ ନେଇ ଆଗକୁ ଯିବି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ରୂପରେ ମୋର ସେମାନଙ୍କ ଆଗରେ କୌଣସି ଆହ୍ୱାନ ନାହିଁ। ସମସ୍ତ ସମସ୍ୟାର ସମାଧାନ ମିଶିକରି କରାଯିବ। ବିକାଶ ପ୍ରଥମ ଏବଂ ଏକମାତ୍ର ଲକ୍ଷ୍ୟ ଅଟେ। ଶପଥ ଗ୍ରହଣ ସମାରୋହରେ ପହଂଚି ପୂର୍ବ ମୁଖ୍ୟମନ୍ତ୍ରୀ ବିକ୍ଳବ କୁମାର ଦେବ କହିଛନ୍ତି ଯେ ଡା. ଶାହା ସଂଗଠନ ଚଳାଇବାରେ ମାହିର ରହିଛନ୍ତି। ଏବେ ସେ ମୁଖ୍ୟମନ୍ତ୍ରୀ ରୂପରେ ନିଜ ହୋନର ଦେଖାଇବେ।

## ଢ଼େଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ଢ଼େଙ୍କାନାଳ, ୧୫/୦୫ (ନି.ପ୍ର): କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ଢ଼େଙ୍କାନାଳ ଜିଲ୍ଲା ସରାଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷାନୁଷ୍ଠାନକୁ ଜ୍ଞାନର ମନ୍ଦିର ତଥା ଗୁଣାତ୍ମକ ଶିକ୍ଷାର ପ୍ରୟୋଗଶାଳା କରିବା ପାଇଁ ସାମୂହିକ ସଙ୍କଳ୍ପ ନେବାକୁ ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ ଜବାହର ନବୋଦୟ ବିଦ୍ୟାଳୟ ପରିଦର୍ଶନ କରିବା ସହ ଶିକ୍ଷାନୁଷ୍ଠାନର ଶ୍ରେଣୀଗୃହ, ପାଠାଗାର ଓ ଛାତ୍ରାବାସ ବୁଲି ଦେଖିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ପ୍ରଣୟନ ହୋଇଥିବା ଜାତୀୟ ଶିକ୍ଷା ନୀତି ୨୦୨୦ରେ ଗୁଣାତ୍ମକ ଶିକ୍ଷା ସହ ରୋଜଗାର ଆଧାରିତ ଶିକ୍ଷା ଉପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାଲାଭ ପରେ ଉଚ୍ଚ ଶିକ୍ଷା ପାଇଁ ଜାତୀୟ ସ୍ତରର ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତି ହୋଇ ସଫଳ ହେଉଥିବା ଜାଣିବାକୁ ପାଇବା ନେଇ ଖୁସିବ୍ୟକ୍ତ କରିଥିଲେ କେନ୍ଦ୍ରମନ୍ତ୍ରୀ। ସେ କହିଛନ୍ତି ଯେ ଦେଶ ଆଜି ଅମୃତ କାଳରେ ଉପନୀତ ହୋଇଛି। ଏହି ଅମୃତ ବେଳାରେ ଦେଶର ସର୍ବକନିଷ୍ଠ ସ୍ୱାଧୀନତା ସଂଗ୍ରାମୀ ଶହୀଦ ବାଜି ରାଉତଙ୍କ ବିଚାରଧାରାକୁ ଛାତ୍ରଛାତ୍ରୀମାନେ ଆପଣାଇବା ଦରକାର। ଏହାସହ ବିଦ୍ୟାଳୟ ଓ ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଛାତ୍ରଛାତ୍ରୀମାନେ ଦାୟିତ୍ୱ ନେବା ଦରକାର। ଜୀବନର ମୁଖ୍ୟ ଉଦ୍ଦେଶ୍ୟକୁ ସଫଳ ଭାବେ ରୂପାୟନ କରିବା ଦରକାର। ଜବାହର ନବୋଦୟ ବିଦ୍ୟାଳୟ ଗ୍ରାମାଂଚଳର ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ପୃଷ୍ଠଭୂମିର ମେଧାବୀ ପିଲା ମାନଙ୍କୁ ଚୟନ କରି ସେମାନଙ୍କୁ ଶିକ୍ଷାଦାନର ଏକ ନୂଆ ପରମ୍ପରା ତିଆରି କରିଛି। ଏକବିଂଶ ଶତାବ୍ଦୀରେ ଏହି ଶିକ୍ଷାନୁଷ୍ଠାନକୁ ଜ୍ଞାନର ମନ୍ଦିର ତଥା ଗୁଣାତ୍ମକ ଶିକ୍ଷାର ପ୍ରୟୋଗଶାଳା କରିବା ପାଇଁ ବିଭିନ୍ନ ଯୋଜନା ହେଉଛି। ଆମ ସମସ୍ତଙ୍କୁ ଏଥିପାଇଁ ସାମୂହିକ ସଂକଳ୍ପ ନେବାକୁ ପଡ଼ିବ। ନୂଆପିଢ଼ିର ପିଲା ମାନଙ୍କୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି। ଏହି ଗସ୍ତକାଳରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନରହରିପୁର ବଙ୍ଗାଳିଡୋଇଲା ସ୍ଥିତ ମଙ୍ଗଳା ମନ୍ଦିର ଓ ଶିବ ମନ୍ଦିର ଦର୍ଶନ କରିଥିଲେ। ଢ଼େଙ୍କାନାଳ ମାଟିର ବୀର ପୁତ୍ର ଶହୀଦ ବୀର ବାଜି ରାଉତଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଭାରତୀୟ ସ୍ୱତନ୍ତ୍ରତା ସଂଗ୍ରାମର ସର୍ବକନିଷ୍ଠ ସୈନିକ ବାଜି ରାଉତଙ୍କ ସାହସ, ବୀରତ୍ୱ ଏବଂ ବଳିଦାନ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଅନନ୍ତ ଉତ୍ସ ବୋଲି ସେ କହିଛନ୍ତି । କେନ୍ଦ୍ରମନ୍ତ୍ରୀଙ୍କୁ ଢ଼େଙ୍କାନାଳ, ପରଜଙ୍ଗ, ବଡ଼ଜୋରା, ସାନ୍ଦା, ତୁମୁସିଂହା, କନ୍ତିଓକାଟେଣୀ, ଚାନ୍ଦପୁର, ସରାଙ୍ଗ ଓ ନରହରିପୁର ସମେତ ଅନେକ ସ୍ଥାନରେ ବିଜେପି କାର୍ଯ୍ୟକର୍ତା ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ ସହ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ଗଞ୍ଜାମ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଉଦ୍ୟମ : ଗୁରୁତର ଯୁବକଙ୍କ ମୃତ୍ୟୁ

ଗଞ୍ଜାମ, ୧୫/୦୫ (ନି.ପ୍ର): ଗତକାଲି ଅପରାହ୍ନରେ ଗଞ୍ଜାମ ଏସପିଙ୍କ ଛତ୍ରପୁର ସ୍ଥିତ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ଅଗ୍ନି ସଂଯୋଗ କରି ଜଣେ ଯୁବକ ଆତ୍ମହତ୍ୟା ଉଦ୍ୟମ କରିଥିଲେ । ସେଠାରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ଛତ୍ରପୁର ମେଡିକାଲକୁ ପଠାଇଥିଲେ । ପରେ ଅବସ୍ଥା ସଙ୍କଟାପନ୍ନ ହୋଇପଡିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ଏବଂ ପରେ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ଘଟିଛି । ମୃତକଙ୍କ ନାମ ବାଦଲ ସାହୁ ଏବଂ ଘର ରମ୍ଭା ଥାନା ଅନ୍ତର୍ଗତ ବୋରିଗାଁ ଅଂଚଳରେ ବୋଲି ଜଣାପଡିଛି । ଖବର ନେବାରେ ଜଣାପଡିଛି, ବାଦଲଙ୍କ ପରିବାରକୁ ଦୀର୍ଘ ୧୨ ବର୍ଷ ହେଲା ଗାଁରେ ଏକ ଘରିକିଆ କରି ରଖାଯାଇଥିଲା । ଏନେଇ ବାରମ୍ବାର ହୁମା ଫାଣ୍ଡିରେ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବାରୁ ସେ ଏପରି ଚରମ ପଦକ୍ଷେପ ନେଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି । ଏ ସମ୍ପର୍କରେ ଗଞ୍ଜାମ ଜିଲ୍ଲା ଏସପି ବ୍ରିଜେଶ ରାୟ ସୂଚନା ଦେଇ କହିଛନ୍ତି ଯେ, ଘଟଣାର ତଦନ୍ତ ଚାଲିଛି, ତଦନ୍ତ ପରେ ଯୁବକଙ୍କ ମୃତ୍ୟୁର କାରଣ ସ୍ପଷ୍ଟ ହେବ ।

## ବି.ଇ.ଓ.ଙ୍କ କାର୍ଯ୍ୟାଳୟରେ ଘୁରିବୁଲିବା ଓ ଚାଟୁକାରିତା ତୁରନ୍ତ ବନ୍ଦ କର: ଅଜୟ କୁମାର ପତି

ଉଦଳା, ୧୫/୦୫ (ନି.ପ୍ର): ସ୍ଥାନୀୟ ଶିକ୍ଷକ ଭବନ ପରିସରରେ ଚଳିତ ମଇ ୧୪ ତାରିଖ ଶନିବାର ସକାଳ ୧୦ ଘଟିକା ସମୟରେ କାର୍ଯ୍ୟରତ ପ୍ରାଥମିକ ଶିକ୍ଷକ, ଶିକ୍ଷୟିତ୍ରୀ ମାନଙ୍କର ବିଭିନ୍ନ ସମସ୍ୟାର ଶୁଣାଣୀ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପ୍ରାଥମିକ ଶିକ୍ଷକ ସଂଘର ଉଦଳା ପଞ୍ଚାୟତ ସମିତି ସଂପାଦକ ଲଳିତ କୁମାର ବେହେରା, ପ୍ରାରମ୍ଭରେ ସ୍ୱାଗତ ଭାଷଣ ଓ ଆଜିର ବୈଠକର ରୂପରେଖ କିପରି ରହିବ ସେ ସମ୍ପର୍କରେ ଅବଗତ କରାଇଥିଲେ । ଏହାପରେ ସଂଘର ଉଦଳା ପଞ୍ଚାୟତ ସମିତି ସଭାପତି ଅଜୟ କୁମାର ପତି ଙ୍କ ଅଧ୍ୟକ୍ଷତାରେ ଅଭିଯୋଗ ଶୁଣାଣୀ ପର୍ବ ଆରମ୍ଭ ହୋଇଥିଲା । ଉପସଭାପତି ମିହିର କୁମାର ଜେନା ଓ ଜେମାମଣି ସେଠୀ ଶୁଣାଣୀ କାର୍ଯ୍ୟକୁ ଶୃଙ୍ଖଳିତ ଢ଼ଙ୍ଗରେ



କରିବା ପାଇଁ ସହଯୋଗ କରିଥିଲେ। ଅଭିଯୋଗ ଗୁଡ଼ିକ ମଧ୍ୟରେ ପ୍ରଥମେ ଶିକ୍ଷକ ମାନେ ସେମାନଙ୍କର ଉପସ୍ଥାନ ଖାତାରେ କେତେକ ସିଆରସିସି ସ୍ୱାକ୍ଷର କରୁଥିବାର କଥା ଉଠାଇଥିଲେ । ସିଆରସିସି ଲେବଲ-ଭି ସ୍ତରରେ ଥାଇ ଲେବଲ-୩ ଏବଂ ଲେବଲ-୪ ଶିକ୍ଷକ ମାନଙ୍କ ଖାତାରେ ସ୍ୱାକ୍ଷର କରିବା କେତେ ଯୁକ୍ତିଯୁକ୍ତ ବୋଲି ପ୍ରଶ୍ନ କରିଥିଲେ । ସେହିପରି କେତେକ ବିଦ୍ୟାଳୟରୁ ଶିକ୍ଷକ ବଦଳି ହେବାର ମାସାଧିକ କାଳ ସମୟ ଅତିକ୍ରାନ୍ତ ପରେ ମଧ ଦାୟିତ୍ୱ ହସ୍ତାନ୍ତର ନକରିବା ଦ୍ୱିତୀୟ ଅଭିଯୋଗ ଥିଲା । ନୟା ରଙ୍ଗାମାଟିଆ ବିଦ୍ୟାଳୟରେ ଥିବା ୪୦ ସଂଖ୍ୟା ବିଶିଷ୍ଟ ଛାତ୍ରାବାସର ଦାୟିତ୍ୱ ପ୍ରଧାନ ଶିକ୍ଷକଙ୍କ ଅଗୋଚରରେ ଜଣେ ଡ଼ିପ୍ଲଏଡ୍ ଶିକ୍ଷକଙ୍କୁ ହସ୍ତାନ୍ତର କରିବା ମସୁଧା ତୃତୀୟ ଅଭିଯୋଗ ଥିଲା । ୪ର୍ଥ ଅଭିଯୋଗ ମଧରେ କୋଭିଡ଼ ସମୟରେ କେତେକ ଶିକ୍ଷକଙ୍କ ବିୟୋଗ ପରେ ମାତ୍ର ପାଞ୍ଚ ହଜାର ଟଙ୍କା ଶବ ଦାହ ପାଇଁ ଦିଆଯାଇ ଅନ୍ୟ କୌଣସି ପ୍ରାପ୍ୟ ଦିଆନଯିବା ଥିଲା । ପଞ୍ଚମ ଓ ଶେଷ ଅଭିଯୋଗ ମଧରେ ଜନୈକ ଶିକ୍ଷୟିତ୍ରୀ ଲେବଲ-୪ ପ୍ରଧାନଶିକ୍ଷୟିତ୍ରୀ ପାଇଁ ମତବ୍ୟକ୍ତ କରିଥିଲେ ମଧ ସଂଶୋଧିତ ତାଲିକାରେ ଗ୍ରାଜୁଏଟ ଶିକ୍ଷକ ହୋଇ ଆସିବା ଥିଲା । ଉକ୍ତ ସମସ୍ତ ଅଭିଯୋଗ ଗୁଡ଼ିକର ଶୁଣାଣୀ କରି ସଂଘର ସଭାପତି ଶ୍ରୀଯୁକ୍ତ ପତି ଏଗୁଡ଼ିକୁ ବିଇଓଙ୍କ ନଜରକୁ ଆଣିବା ସହିତ ଏହାର ସମାଧାନ ପାଇଁ ସଂଘ ତରଫରୁ ସବୁପ୍ରକାର ଉଦ୍ୟମ ଜାରି ରହିବ ବୋଲି ଘୋଷଣା କରିଥିଲେ। ଆଜିର ଶୁଣାଣୀ ସମୟରେ ଶତାଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । କେତେକ ଶିକ୍ଷକ ବିଦ୍ୟାଳୟରେ ସେମାନଙ୍କ ଦାୟିତ୍ୱ ସଂପାଦନ ନକରି ଅଧିକାଂଶ ସମୟ ବିଇଓଙ୍କ କାର୍ଯ୍ୟାଳୟରେ ଘୁରି ବୁଲିବା ଏବଂ ଚାଟୁକାରିତା କରିବା ଘଟଣା ନଜରକୁ ଆସିଥିବାରୁ ସଭାପତି ଏଥିରେ କ୍ଷୋଭ ପ୍ରକାଶ କରିବା ସହ ଏଥିରୁ ତୁରନ୍ତ ନିବୃତ ରହିବାକୁ ତାଗିଦ କରିଥିଲେ। ଶିକ୍ଷକ ସଂଘର ଜିଲ୍ଲା ସଭାପତି ଆରତ କୁମାର ପରିଡ଼ା ବୈଠକରେ ଉପସ୍ଥିତ ରହି ଉଦଳା ସଭାପତି ଶ୍ରୀଯୁକ୍ତ ପତିଙ୍କର କାର୍ଯ୍ୟଦକ୍ଷତାକୁ ଭୂୟସୀ ପ୍ରଶଂସା କରିଥିଲେ । ଆଜିର ଶୁଣାଣୀ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରମୋଦ ମହାନ୍ତି, ମନୋଜ ଖୁଣ୍ଟିଆ, ଶାନ୍ତନୁ ନାୟକ, ସୁକେଶ ରଣା, ତପନ ମହାନ୍ତ, ମୀନାକ୍ଷୀ ପାଲ ପ୍ରମୁଖ ସହଯୋଗ କରିଥିଲେ ।

## ଜଗନ୍ନାଥ ଡିଗ୍ରୀ କଲେଜର ଅଧ୍ୟାପିକାଙ୍କ ଅବସର ଗ୍ରହଣ ଓ ସମ୍ବର୍ଦ୍ଧନା ସଭା

ଜଳେଶ୍ୱର, ୧୫/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଜଳେଶ୍ୱର ମ୍ୟୁନିସିପାଲଟିର କୋଟବଜାର ଠାରେ ଥିବା ଜଗନ୍ନାଥ ଡିଗ୍ରୀ କଲେଜର କ୍ରୀଡା ଶିକ୍ଷୟତ୍ରୀ ସୁଶ୍ରୀ ମଂଜୁବାଳା ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜ ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷା ଏଥିରେ ସଭାପତିତ୍ୱ କରି ଅଧ୍ୟାପକ/ ଅଧ୍ୟାପିକା ମାନେ ଛାତ୍ର/ଛାତ୍ରୀଙ୍କୁ ପାଠପଢା ସହିତ ବନ୍ଧୁତ୍ୱପୂର୍ଣ୍ଣଭାବରେ ଉଚିତ୍ ମାର୍ଗ ଦେଖାଇବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ



ମଧ୍ୟରେ ଅଧ୍ୟାପିକା ଉଷାରାଣୀ ଦାସ, ସରୋଜ ମହାନ୍ତି, ଜ୍ଞାନରଂଜନ ଜେନା, ଅଶୋକ ରଥ, ସୌମ୍ୟରଂଜନ ମହାନ୍ତି, ନିରଂଜନ ପରିଡା, ବିଜେଶ ସେନାପତି, ମୋନାଲିଶା ଚନ୍ଦ, ରଣଜିତ୍ ବେହେରା, ରାଜନୀତି ବିଭାଗ ମୁଖ୍ୟ ଶ୍ରବଣ କୁମାର ନାଥ ପ୍ରମୁଖ ଯୋଗ ଦେଇ ସୁଶ୍ରୀ ଦାସଙ୍କ ଦୀର୍ଘ ୨୨ବର୍ଷର କର୍ତ୍ତବ୍ୟନିଷ୍ଠ ଚାକିରୀ ଜୀବନର ଅନୁଭୂତି ସଂପର୍କରେ ବର୍ଣ୍ଣନା କରିବା ସହିତ ସମ୍ବର୍ଦ୍ଧିତ କରିଥିଲେ । ନିଷ୍କଳ ଘଡେଇ ଧନ୍ୟବାଦ ଅର୍ପଣ କରିଥିଲେ ।

ବାଲେଶ୍ୱର, ସୋମବାର, ୧୬ ମଇ, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଭୋପାଳଠାରେ ରାଷ୍ଟ୍ରୀୟ ମହିଳାମୋର୍ଚ୍ଚା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ଭୁବନେଶ୍ୱର, ୧୫/୦୫ (ନି.ପ୍ର): ସମୟ ଅନୁସାରେ ମହିଳାଙ୍କ ଦକ୍ଷତାକୁ ବଢ଼ାଇବା ସହିତ ନିଜକୁ ସାମାଜିକ, ରାଜନୈତିକ ସ୍ତରରେ ସଶକ୍ତକରିବାର ଆବଶ୍ୟକତା ରହିଛି। ମୋଦୀ ସରକାର ମହିଳାଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା, ସ୍ୱଚ୍ଛ ଭାରତ ଅନ୍ତର୍ଗତ ପରିମଳ ଯୋଜନା, ବେଟି ବଚାଅ ବେଟି ପଢ଼ାଅ, ପୋଷଣ ଯୋଜନା ଦ୍ୱାରା ମହିଳାମାନେ ଲାଭବାନ ହେଉଛନ୍ତି। ଅନ୍ୟ ରାଜନୈତିକ ଦଳ ପରିବାର ଆଧାରରେ ଚାଲିଥିବାବେଳେ ଭାରତୀୟ ଜନତା ପାର୍ଟି ତୃଣମୂଳସ୍ତରରେ କାମ କରିଆସୁଛି । ନାରୀ ସଶକ୍ତିକରଣ ପାଇଁ ମୋଦୀ ସରକାରଙ୍କ ଉଦ୍ୟମ ଏବଂ ବିଭିନ୍ନ ମହିଳାକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରି 'ସଶକ୍ତ ନାରୀ, ସମ୍ମାନ ହମାରୀ'ର ନାରା ଦେଇଛନ୍ତି ମହିଳା ମୋର୍ଚ୍ଚା ରାଷ୍ଟ୍ରୀୟ ଅଧ୍ୟକ୍ଷା ଶ୍ରୀମତୀ ବାନନତୀ ଶ୍ରୀନିବାସନ । ମଧ୍ୟପ୍ରଦେଶର ଭୋପାଳଠାରେ ରାଷ୍ଟ୍ରୀୟ ମହିଳା ମୋର୍ଚ୍ଚାର ତିନି ଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମେ ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ପ୍ରଶିକ୍ଷଣ ଶିବିରରେ ସମସ୍ତ ରାଜ୍ୟରୁ ମହିଳା ମୋର୍ଚ୍ଚା ପଦାଧିକାରୀମାନେ ଯୋଗ ଦେଇଥିଲେ। ମହିଳା ମୋର୍ଚ୍ଚାର ରାଷ୍ଟ୍ରୀୟ ଅଧ୍ୟକ୍ଷା ଶ୍ରୀମତୀ ଭନଥି ଶ୍ରୀନିବାସନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ ଶିବିରକୁ ମଧ୍ୟପ୍ରଦେଶର ରାଜ୍ୟ ସଭାପତି ଶ୍ରୀ ବିଷ୍ଣୁଦତ ଶର୍ମା। ଉଦ୍‌ଘାଟନ କରିଥିବାବେଳେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ସଂଗଠନ ସଂପାଦକ ଶ୍ରୀ ବି.ଏଲ.ସନ୍ତୋଷ ମାର୍ଗଦର୍ଶନ ପ୍ରଦାନ କରିଛନ୍ତି। ସ୍ଥାନୀୟ ଦଳ ଦ୍ୱାରା ଶାସିତ ରାଜ୍ୟ ଗୁଡ଼ିକରେ ମହିଳାଙ୍କ ଉପରେ ଅପରାଧ ବଢ଼ିବାକୁ ନେଇ ଏହି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି। ବିଶେଷ କରି ଓଡ଼ିଶାରେ ରାଜ୍ୟ ସରକାରଙ୍କର ମହିଳା ସୁରକ୍ଷା ଉପରେ କୌଣସି ପ୍ରତିବଦ୍ଧତା ନାହିଁ, ଯାହାକି ଅତ୍ୟନ୍ତ ଚିନ୍ତାଜନକ । ମହିଳା ସୁରକ୍ଷା ଓ ସଶକ୍ତିକରଣକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ନିଷ୍ପତି ନିଆଯାଇଛି ବୋଲି ଏହି ବୈଠକରେ ଯୋଗ ଦେଇଥିବା ରାଜ୍ୟ ସଭାନେତ୍ରୀ ଶ୍ରୀମତୀ ସ୍ମୃତି ପଟ୍ଟନାୟକ ସୂଚନା ଦେଇଛନ୍ତି ।

## 'ଏଏସଆଇ' ପକ୍ଷରୁ ଲେଜର ପ୍ରୋକ୍ଟୋଲୋଜି ଅସ୍ତ୍ରପୋଚାର ସମ୍ପର୍କିତ କର୍ମଶାଳା




ବାଲେଶ୍ୱର,୧୫/୦୫ (ନି.ପ୍ର): 'ଭାରତୀୟ ଶଲ୍ୟ ଚିକିତ୍ସକ ସଂଘ' (ଏଏସଆଇ) ଓଡ଼ିଶା ଶାଖା ପକ୍ଷରୁ ଲେଜର ପ୍ରୋକ୍ଟୋଲୋଜି ଅସ୍ତ୍ରପୋଚାର ସମ୍ପର୍କିତ କର୍ମଶାଳା ଫକୀର ମୋହନ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ଶାଖା ସାଂଗଠନିକ ଅଧ୍ୟକ୍ଷ ତଥା ଫକୀର ମୋହନ ମେଡିକାଲ କଲେଜ ହସପିଟାଲର ଶଲ୍ୟ ବିଭାଗ ମୁଖ୍ୟ ଡାକ୍ତର ସୁଶୀଲ ପଟ୍ଟନାୟକ ଓ ସାଂଗଠନିକ ସମ୍ପାଦକ ଡାକ୍ତର ସରୋଜ ରାଜଙ୍କ ଆବାହକତ୍ୱରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାକୁ ଭାରତୀୟ ଶଲ୍ୟ ଚିକିତ୍ସକ ସଂଘର ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଡାକ୍ତର ବନବିହାରୀ ମିଶ୍ର, ଓଡିଶା ଶାଖା ସଭାପତି ଡାକ୍ତର ପ୍ରତାପ ରଥ, ଉପ-ସଭାପତି ଡାକ୍ତର ଗୋପବନ୍ଧୁ ବଳ, ସମ୍ପାଦକ ଡାକ୍ତର ସୁଧାଂଶୁ ସୂତାର ଓ କୋଲକାତାର ବିଶିଷ୍ଟ ଲେଜର ଅସ୍ତ୍ରପୋଚାର ବିଶେଷଜ୍ଞ ଡାକ୍ତର କଲ୍ୟାଣ କର ପ୍ରମୁଖ ମିଳିତ ଭାବେ ଉଦଘାଟନ କରିଥିଲେ। ଦେଶ ବିଦେଶରେ ଲେଜର ପ୍ରୋକ୍ଟୋଲୋଜି ପ୍ରଣାଳୀ ଅସ୍ତ୍ରପୋଚାର ବେଶ ଆଦୃତ ଲାଭ କରିଥିବା ବେଳେ ବାଲେଶ୍ୱରରେ ଡାକ୍ତରଙ୍କ ପାଇଁ ଏହି ଭଳି ଅସ୍ତ୍ରପୋଚାର ଏକ ନୂଆ ଅଭିଜ୍ଞତା ତଥା ଅନୁଭୂତି ଆଣିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଫକୀର ମୋହନ ମେଡିକାଲ କଲେଜ ହସପିଟାଲରେ ଏହି ପଦ୍ଧତି ପ୍ରଥମ ଥର ପାଇଁ ବ୍ୟବହାର ହେବାକୁ ଯାଉଥିବା ବେଳେ ଅଗାମୀ ଦିନରେ ବାଲେଶ୍ୱରବାସୀଙ୍କୁ ଅତ୍ୟାଧୁନିକ ଚିକିତ୍ସାସେବା ପ୍ରଦାନରେଏହା ସହାୟକ ହେବ ବୋଲି ଅତିଥିମାନେ ଆଶା ପ୍ରକାଶ କରିଥିଲେ। ମେଡିକାଲ କଲେଜର ଶଲ୍ୟ ବିଭାଗ ଆସୋସିଏଟ ପ୍ରଫେସର ଡାକ୍ତର ନିରଞ୍ଜନ ସାହୁ ଓ କୋଲକାତାର ଡାକ୍ତର କର ଲେଜର ପ୍ରୋକ୍ଟୋଲୋଜି ଅସ୍ତ୍ରପୋଚାରର ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ । ବିଶେଷ କରି ଅର୍ଶ, ଭଗନ୍ଦର, ମଳକଣ୍ଟକ, ପାଇଲୋନିଡାଲ ପ୍ରଭୃତି ରୋଗୀଙ୍କୁ ଏହି ପ୍ରଣାଳୀରେ ସହଜ ଓ ସଫଳ ଅସ୍ତ୍ରୋପଚାର କରାଯାଇ ପାରିବ ବୋଲି ସେମାନେ କହିଥିଲେ। ଏଥିରେ ସ୍ୱଳ୍ପ ସମୟରେ ସୁରକ୍ଷିତ ଅସ୍ତ୍ରପୋଚାର ହେଉଥିବା ବେଳେ ମାତ୍ର କେଇ ଘଣ୍ଟା ମଧ୍ୟରେ ରୋଗୀଙ୍କୁ ଡିସଚାର୍ଜ କରାଯିବା ସହ ସେମାନେ ୩/୪ ଦିନ ମଧ୍ୟରେ ସେମାନେ ସ୍ୱାଭାବିକ ଜୀବନଚର୍ଯ୍ୟାକୁ ଫେରି ପାରିବେ। ଏଥିରେ ରୋଗୀଙ୍କୁ ନଷ୍ଟେତକ ଦିଆଯାଏ ନାହିଁ କିମ୍ବା ଶରୀରରେ କୌଣସି ପ୍ରକାର କଟାକଟି ମଧ୍ୟ ହୁଏ ନାହିଁ । ରୋଗୀ ଖୁବ କମ ଦିନରେ ସୁସ୍ଥତା ଲାଭ କରନ୍ତି ଏବଂ ଏହିଭଳି ଅସ୍ତ୍ରପୋଚାରର ସଫଳତା ହାର ମଧ୍ୟ ଅଧିକ ବୋଲି ବିଶେଷଜ୍ଞ ଡାକ୍ତରମାନେ କହିଥିଲେ।

## ସିମୁଳିଆ କୃଷି ଜିଲ୍ଲାସ୍ତରୀୟ କୃଷି ମେଳା ଉଦ୍‌ଘାଟିତ



ଖଇରା, ୧୫/୦୫ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପତିରାଜପୁର ମେଳା ପଡିଆରେ ସିମୁଳିଆ କୃଷି ଜିଲାସ୍ତରିୟ କୃଷି ମେଳା ରବିବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇ ଯାଇଛି । ବାଲେଶ୍ୱର ଜିଲା ମୁଖ୍ୟ କୃଷି ଅଧିକାରୀ ନିକୁଞ୍ଜ କିଶୋର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗ ଦେଇ ରାଜ୍ୟରେ ଚାଷ ଓ ଚାଷୀ ପ୍ରସଙ୍ଗରେ ୨୨ବର୍ଷ ମଧ୍ୟରେ ହୋଇଥିବା ବୈପ୍ଳବିକ ପରିବର୍ତ୍ତନ ଉପରେ ଏକ ତଥ୍ୟ ଭିତ୍ତିକ ରିପୋର୍ଟ ପ୍ରଦାନ କରିଥିଲେ । ଯେଉଁ ଓଡିଶା ଦିନେ ଚାଉଳ ତଥା ଖାଦ୍ୟରେ ନିଅଣ୍ଟିଆ ପରିସ୍ଥିତି ଲାଗି ରହୁଥିଲା ଆଜି ୨୦ବର୍ଷ ମଧ୍ୟରେ ବୈପ୍ଳବିକ ପରିବର୍ତ୍ତନ ଆସିଛି । ବଳକା ଚାଉଳ ଅନ୍ୟ ରାଜ୍ୟକୁ ଚାଲାଣ କରାଯାଉଛି । କନ୍ଦମୂଳ, କଖାରୁ, ଲେମ୍ବୁ ଉତ୍ପାଦନରେ ପ୍ରଥମ ବାଇଗଣ ଉତ୍ପାଦନରେ ଦ୍ୱିତୀୟ, ମାଛରେ ୪ର୍ଥ ସ୍ଥାନ ଅଧିକାର କରିଛି । ମୁଖ୍ୟମନ୍ତ୍ରୀଙ୍କ କୃଷିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ତଥା ସ୍ୱତନ୍ତ୍ର କୃଷି ବଜେଟର ବ୍ୟବସ୍ଥା ଯୋଗୁଁ ଏହା ସମ୍ଭବ ହୋଇ ପାରିଛି ବୋଲି ଉଲ୍ଲେଖ କରିଥିଲେ । ରାଣିତାଲ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡଃ ଅରବିନ୍ଦ ଦାସ,ବରିଷ୍ଠ ବୈଜ୍ଞାନିକ ଡଃ ଉମାଶଙ୍କର ନାୟକ ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ବର୍ତ୍ତମାନ ରାସାୟନିକ ସାର ପ୍ରୟୋଗ କମକରି ଉନ୍ନତ ଜ୍ଞାନ କୌଶଳ ମାଧ୍ୟରେ କମ୍ ଜମିରେ କିଭଳି ଅଧିକ ଉତ୍ପାଦନ କରାଯାଇପାରିବ ସେଥିପ୍ରତି ଦୃଷ୍ଟି ଦେବା ସହ ରଷ୍ଟ୍ରୀୟ କୃଷି ବିକାଶ, ବଳରାମ ଭଳି ବିଭିନ୍ନ କୃଷିଭିତ୍ତିକ ଯୋଜନାର ଫାଇଦା ନେବାକୁ ପରାମର୍ଶ ଦେଇଥିଲେ । ଜିଲା ପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ସରପଞ୍ଚ ପୁଷ୍ପଲତା ଘଡେଇ, ସମିତି ସଭ୍ୟ ରଞ୍ଜନ ରାଉତ,ଏମ୍‌ପି ପ୍ରତିନିଧି ଜୟନ୍ତ କୁମାର ରାଉତ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସିମୁଳିଆ କୃଷି ଜିଲା ଅଧିକାରୀ ଦିଲ୍ଲିପ କୁମାର ଖୁଣ୍ଟିଆ ଅତିଥି ପରିଚୟ ଓ ଖଇରା ବ୍ଲକ କୃଷି ଅଧିକାରୀ ସରୋଜ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଚାଷରେ ଉଲ୍ଲେଖନୀୟ ସଫଳତା ପାଇଁ ଭାସ୍କର ଚନ୍ଦ୍ର ମହାରଣା, ଅଜୟ କୁମାର ସାହୁ,ମା ସିଂହ ବାହିନୀ ମହିଳା ଗୋଷ୍ଠୀ, ମଧୁସୁଦନ ପ୍ରଧାନ, ବିଶ୍ୱନାଥ ସେଣ୍ଠ, ଗୌତମ ପ୍ରଧାନ,ଗଜେନ୍ଦ୍ର ବେହେରା, ସୀତାରାମ ନାୟକ, ବିମଳ କୁମାର ଲେଙ୍କା ପ୍ରମୁଖଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ପ୍ରଥମେ ମନ୍ତ୍ରୀ ୨ଟି କୃଷି ରଥର ଶୁଭାରମ୍ଭ କରିଥିଲେ ।

## ଔପନ୍ୟାସିକ ପ୍ରଦୀପ ଚାଟ୍ଟାର୍ଜୀଙ୍କ ସାରସ୍ୱତ କୃତି ସଂପର୍କରେ ଆଲୋଚନା



ବାଲେଶ୍ୱର, ୧୫/୦୫ (ନି.ପ୍ର): ପ୍ରତ୍ୟେକ ମଣିଷର ଜୀବନରେ ଏମିତି କିଛି ଘଟଣା ଥାଏ, ଯାହାକୁ ନେଇ ଏକ ସୁନ୍ଦର ଉପନ୍ୟାସ ସୃଷ୍ଟି କରାଯାଇ ପାରେ ବୋଲି ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ କବିତୀର୍ଥ ଶାନ୍ତିକାନନରେ ଆୟୋଜିତ ଔପନ୍ୟାସିକ ପ୍ରଦୀପ ଚାଟ୍ଟାର୍ଜୀଙ୍କ ସାମଗ୍ରିକ ସାରସ୍ୱତ ସୃଷ୍ଟି ସଂପର୍କରେ ଆୟୋଜିତ ଆଲୋଚନାଚକ୍ରରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। 'ପରିଚୟ'ର ସଂପାଦିକା ସୁଶ୍ରୀ ଅରୁଣା ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ଆଲୋଚକ ଭାବରେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ଓ ଗାଳ୍ପିକ ନିବାରଣ ଜେନା ଶ୍ରୀଯୁକ୍ତ ଚାଟ୍ଟାର୍ଜୀଙ୍କ ରଚିତ ପାଞ୍ଚଟି ଉପନ୍ୟାସ 'ମାଟିମଣିଷ', 'ଆଦ୍ୟାଶା', 'ଅନ୍ୱେଷା', 'ଭାବବାଚ୍ୟର ଉପସର୍ଗ', 'ସୂର୍ଯ୍ୟାସ୍ତର ଶେଷ ଛାଇ'; ପାଞ୍ଚଟି ଗଳ୍ପ ସଂକଳନ 'ନାସି', 'ପ୍ରତିଛବି', 'ପ୍ରତିଛାୟା', 'ବର୍ଣ୍ଣମାଳାର ଚିତ୍ରପଟ', 'ଜାକବ ଗୋଇନ୍ଦାଙ୍କ ଡାଏରୀ' ଏବଂ ଗୋଟିଏ କବିତା ସଂକଳନ 'ଅଥଚ ଈଶ୍ୱର' ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ମଞ୍ଚଆବାହନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍ ସୂଚନା ପ୍ରଦାନ କରିଥିଲେ। ଯୁଗ୍ମ ସଂପାଦିକା କଲ୍ୟାଣୀ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଶ ପାଇଁ ଜନସାଧାରଣଙ୍କ ନିକଟକୁ ଯିବାକୁ ହେବ : ରାହୁଲ ଗାନ୍ଧୀ

ଉଦୟପୁର/ନୂଆଦିଲ୍ଲୀ,୧୫/୦୫ (ନି.ପ୍ର): କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ରବିବାର ଦିନ କହିଛନ୍ତି ପାର୍ଟି ନେତାଙ୍କ ଏବେ ଆନ୍ତରିକ ନୁହେଁ ବାହ୍ୟ ମାମଲାରେ ଧ୍ୟାନ ଦେବା ଏବଂ ଜନସାଧାରଣଙ୍କ ପାଖକୁ ଯାଇ ସେମାନଙ୍କୁ ପାର୍ଟି ସହ ଯୋଡିବାକୁ ପଡିବ। ସେ କହିଛନ୍ତି ଯେ ପାର୍ଟି ନିଷ୍ପତି ନେଇଛି ଯେ ଅକ୍ଟୋବରରେ ପାର୍ଟି ଜନତା ମଧ୍ୟରେ ତାଙ୍କୁ ଯୋଡ଼ିବ। ଏଥିପାଇଁ ସମସ୍ତଙ୍କ ନିଜ ଝାଳ ବୁହାଇବା ହେବ।

## ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଗାମୀ ୧୮ ତାରିଖ ଦିନ ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବେ । ମୁଖ୍ୟମନ୍ତ୍ରୀ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ରାଜ୍ୟର ପ୍ରମୁଖ ଶକ୍ତିପୀଠ ମା' ତାରାତାରିଣୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁଯାଉଛି । ଆସନ୍ତୁ ବହୁସଂଖ୍ୟାରେ ସାମିଲ ହୋଇ ମା'ଙ୍କ ଆଶୀର୍ବାଦ ଲାଭ କରିବା।

## ଗୋଟିଏ ଦିନରେ ୧୪ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୫/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୪ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୩୦୪ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୧୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୮୯୮୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୩୮ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୮ ଜଣ ସଂଗରୋଧରୁ ଓ ୬ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୪ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲାରେ ୧, କଟକ ଜିଲ୍ଲାରେ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଖୋର୍ଦ୍ଧା ଜିଲ୍ଲାରେ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରେ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ଷ୍ଟେଟ ପୁଲରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ଭଦ୍ରକ, ୧୫/୦୫ (ନି.ପ୍ର): ଜିଲ୍ଲା ଜଜ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ପ୍ରତେକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଛି । ଏଥିରେ ବିଚାର ହେବାକୁ ଥିବା ମୋଟ ୮୪୦୨ ମାମଲା ମଧ୍ୟରୁ ଆଜି ଏହି ଲୋକ ଅଦାଲତରେ ୫୨୧ ଗୋଟି ମାମଲାର ଫଇସଲା ହୋଇଥିଲା । ଏଥିସହ ୨କୋଟି ୩୫ ଲକ୍ଷ ୪ହଜାର ୩୪୩ ଟଙ୍କା ଆଦାୟ ହୋଇଥିଲା । ତେବେ ବିଶେଷ କରି ମୋଟର ଦୁର୍ଘଟଣାରେ ଅନେକଙ୍କୁ କ୍ଷତିପୂରଣ ଦିଆଯାଇଥିବା ଜଣାଯାଇଛି ।

## ଶିଶୁ-କିଶୋରଙ୍କ ପାଇଁ ନାଚ୍‌ର ଗ୍ରୀଷ୍ମ ଚିତ୍ରାଙ୍କନ ପ୍ରତିଯୋଗିତା




ବାଲେଶ୍ୱର, ୧୪/୦୫ (ନି.ପ୍ର): ଶିଶୁ ଓ କିଶୋର ମାନଙ୍କ ପ୍ରତିଭାର ବିକାଶ ପାଇଁ ବାଲେଶ୍ୱରର ଅଗ୍ରଣୀ ନୃତ୍ୟ , ସଙ୍ଗୀତ, ଚିତ୍ରକଳା ପ୍ରଶିକ୍ଷଣ କେନ୍ଦ୍ର ନାଚ୍,ସହଦେବଖୁଣ୍ଟା ଆନୁକୂଲ୍ୟରେ ଗ୍ରୀଷ୍ମ ଚିତ୍ରାଙ୍କନ ପ୍ରତିଯୋଗିତା ଚନ୍ଦ୍ରଭାଗାର ପ୍ରତିଷ୍ଠାତା କବି ଶ୍ରୀଦେବଙ୍କ ପୌରହିତ୍ୟରେ ଏବଂ ଓଡ଼ିଶାର ପ୍ରତିଭାବାନ ଚିତ୍ରକର, ବାଲେଶ୍ୱର କେନ୍ଦ୍ରୀୟ ବିଦ୍ୟାଳୟର ଚିତ୍ରଗୁରୁ ଅରୁଣ ଜେନାଙ୍କ ଉଦ୍ଘାଟନ ରେ ଅନୁଷ୍ଠିତ ହୋଇଯାଇଛି। ଛୋଟ ଛୋଟ ଚପଳମତି ପ୍ରତିଭା ମାନଙ୍କ ମୁକ୍ତଭାବନାକୁ ବିନା କୌଣସି ସଂକୋଚ ରେ ଚିତ୍ର ଅଂକନରେ ପରିପ୍ରକାଶ ନିମିତ୍ତ ଯଥାଯଥ ସ୍ୱାଧୀନତା ପ୍ରଦାନ ପୂର୍ବକ ଉତ୍ସାହ ଦିଆଯିବା ଉଚିତ ବୋଲି ବିଶିଷ୍ଟ ଚିତ୍ରଶିଳ୍ପୀ ସନ୍ତୋଷ ମହାରଣା ନିଜର ଅଭିବ୍ୟକ୍ତି ରଖିଥିଲେ। ଆରମ୍ଭରେ ନାଚ ର ପ୍ରତିଷ୍ଠାତା ସ୍ରଷ୍ଟା ତଥା ହିନ୍ଦୁଜା ଲେୟଲଣ୍ଡ ଫାଇନାନସ ର ଭୁବନେଶ୍ୱର ଶାଖା ପରିଚାଳକ ଅରୁଣାନଶୁ ପାଣିଗ୍ରାହୀ ଅତିଥି ମାନଙ୍କୁ ସ୍ୱାଗତ ଅଭ୍ୟର୍ଥନା କରିବା ସହ ନାଚର ନିର୍ଦ୍ଦେଶିକା ରୋନାଲିସ ପଣ୍ଡା ଚିତ୍ରଶିଳ୍ପୀ ଅରୁଣ ଜେନା ଓ ସନ୍ତୋଷ ମହାରଣା ଦ୍ୱୟଙ୍କୁ ଶ୍ରଦ୍ଧା ସମ୍ମାନ ସ୍ମାରକୀ ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାରେ ସହରର ଅଶି ରୁ ଅଧିକ ଛାତ୍ରଛାତ୍ରୀ ସେମାନଙ୍କ ଅଭିଭାବକ ମାନଙ୍କ ତତ୍ତ୍ୱାବଧାନ ରେ ଅଂଶଗ୍ରହଣ କରିଥିଲେ ସନ୍ଧ୍ୟାରେ କୃତି ପ୍ରତିଯୋଗୀ ମାନଙ୍କୁ ପ୍ରୋସାହିତ କରିବା ପାଇଁ ଅତିଥି ମାନଙ୍କ ଦ୍ୱାରା ସେମାନଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ପରିଶେଷରେ ନାଚ୍ ର ନୃତ୍ୟ ଗୁରୁ ଏସ କେ ରାଜା ଉପସ୍ଥିତ ଅତିଥି, ଅଭିଭାବକ, ଛାତ୍ର ଛାତ୍ରୀ ମାନଙ୍କୁ କୃତଜ୍ଞତା ପ୍ରଦାନ କରିଥିଲେ।

## ରୂପସା-ହଳଦୀପଦ ମଧ୍ୟରେ ରେଳରେ କଟି ୧ ମୃତ

ବସ୍ତା,୧୫।୫(ନିପ୍ର): ଦକ୍ଷିଣ ପୂର୍ବ ରେଳବାଇର ରୂପସା ଓ ହଳଦୀପଦା ଷ୍ଟେସନ ମଧ୍ୟରେ ରବିବାର ଜଣେ କଟି ମୃତ୍ୟୁ ବରଣ କରିଥିବା ଜଣାଯାଇଛି । ପ୍ରକାଶ ଯେ ଅପ ଲାଇନରେ ଜଣେ ମହିଳା ମାଲବାହୀ ଟ୍ରେନରେ କଟି ଯାଇଥିବାବେଳେ ତାଙ୍କର ପରିଚୟ ମିଳିନାହିଁ ।ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ବେଳେ ଘଟଣାର ତଦନ୍ତ ଚଳାଇଛନ୍ତି।

## ରାଇରଙ୍ଗପୁରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ

ବାରିପଦା, ୧୫/୦୫ (ନି.ପ୍ର): ମୟୂରଭଂଜ ଜିଲ୍ଲାର ରାଇରଙ୍ଗପୁର କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି, ରାଇରଙ୍ଗପୁର ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଶ୍ରୀଯୁକ୍ତ ଦୀପକ କୁମାରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ରାଷ୍ଟ୍ରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମରେ ସମୁଦାୟ ୧୩୧ ଟି ମାମଲା ପଂଜିକୃତ ହୋଇଥିବାବେଳେ ଏଡିଜେ କୋର୍ଟରେ ୧୧ ଟି, ସିନିୟର ସିଭିଲ ଜଜ କୋର୍ଟରେ ୭୭ଟି, ଏସଡିଜିଏମ କୋର୍ଟରେ ୩୬ଟି ଏବଂ ଜେଏମଏଫସି କୋର୍ଟରେ ୭ଟି ମାମଲା ପଂଜିକୃତ ହୋଇଥିଲା । ତନ୍ମଧ୍ୟରୁ ଜେଏମଏଫସି କୋର୍ଟରେ ଏକମାତ୍ର ବୈବାହିକ ମାମଲାର ଶୁଣାଣି ହୋଇ ଫଇସଲା ହୋଇଥିଲା । କାର୍ଯ୍ୟକ୍ରମରେ ଏଡିଜେ ଦୀପକ କୁମାରଙ୍କ ସମେତ ସବଜଜ୍ ବାସୁଦେବ ଆଚାର୍ଯ୍ୟ, ଏସଡିଜେମ ସ୍ମରଣିକା ପ୍ରଧାନ ଏବଂ ଜେଏମଏଫସି ମୋନିକା ଆଚାର୍ଯ୍ୟ ଉପସ୍ଥିତ ଥିଲେ । କୋର୍ଟର କର୍ମଚାରୀ ଲକ୍ଷ୍ମଣ ମାର୍ଣ୍ଡୀଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ ।

## ପ୍ରେମ ନଗରରେ ପ୍ରେମ ପଖାଳ ମହୋତ୍ସବ



ଭଦ୍ରକ,୧୫/୦୫ (ନି.ପ୍ର): ପ୍ରେମ ଜୀବନର ଏକ ମହାର୍ଘ ଅନୁଭବ। ଏହା ଏକ ତ୍ୟାଗପୂତ ପ୍ରାର୍ଥନା, ଯାହା କେବେ ସରେନାହିଁ କି ମରେ ନାହିଁ, ବରଂ ତାର ନାଁ ଅଜଣା ବାସ୍ନାରେ ମହମହ ହେଇ ଚିରକାଳ ବାସୁଥାଏ ବୋଲି ଆରଡ଼ି ଛକସ୍ଥିତ ପ୍ରେମନଗରର ଆତ୍ମୀୟ ପରିସରରେ 'ପ୍ରେମପୃଥିବୀ' ପତ୍ରିକା ତରଫରୁ ଆୟୋଜିତ ଅପାରଂପରିକ ସାରସ୍ୱତ ସଭା, ବଂଧୁମିଳନ ଓ ପ୍ରେମପଖାଳ ମହୋତ୍ସବରେ ମତ ପ୍ରକାଶ ପାଇଛି। ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଂଜନ ମୁଖ୍ୟ ଅତିଥି, ପ୍ରଫେସର ଆଦିକନ୍ଦ ସାହୁ ମୁଖ୍ୟବକ୍ତା ଏବଂ ଅତିରିକ୍ତ ସଚିବ ମଧୁସୂଦନ ଦାଶ, ଅବସରପ୍ରାପ୍ତ ଆରକ୍ଷୀ ଅଧିକ୍ଷକ ବିକାଶ ଚନ୍ଦ୍ର ଦାଶ, ସୁଲେଖିକା ବନଜ ଦେବୀ ଏବଂ ପୂର୍ବତଟ ରେଳପଥ ବରିଷ୍ଠ ଜନସଂପର୍କ ଅଧିକାରୀ କବି ନିରାକାର ଦାସ ପ୍ରମୁଖ ସମ୍ମାନୀୟ ଅତିଥିରୂପେ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରଫେସର ଡ. ଆଦିକନ୍ଦ ସାହୁ ଓ ବନଜ ଦେବୀଙ୍କୁ ସମ୍ମାନଜନକ ପ୍ରେମପୁରୁଷ ଓ ପ୍ରେମପ୍ରକୃତି ସଂବର୍ଦ୍ଧନା ଜ୍ଞାପନ କରାଯାଇଥିବା ବେଳେ ଡ. ସୁରେଶ ଛୋଟରାୟ ଓ ପଲ୍ଲବୀ ନାୟକଙ୍କୁ ଯଥାକ୍ରମେ ପ୍ରେମପୃଥିବୀ କଥା ଓ କବିତା ସମ୍ମାନ ପ୍ରଦାନ କରାଯାଥିଲା। ମାନପତ୍ର ପାଠ କରିଥିଲେ ଅଭିଜିତ୍ ନାୟକ, କିଶୋର ପାଣିଗ୍ରାହୀ, ଡ. ମମତା ସାହୁ ଓ ଯୋଗ୍ୟାଶ୍ରୀ ସାମଲ। ପ୍ରାରମ୍ଭରେ ପ୍ରେମପୃଥୀର ସଂପାଦକ କୈଳାଶ ଚନ୍ଦ୍ର ପଣ୍ଡା ସ୍ୱାଗତ ସଂଭାଷଣ ଓ ପ୍ରାକ୍‌ଭାଷ ପ୍ରଦାନ କରିଥିଲେ ଏବଂ ମନୋଜ କୁମାର ପଣ୍ଡା ଓ ସାଥି 'ସେଇ ସହକାର ତଳେ' ସଂଗୀତ ପରିବେଷଣ କରିଥିଲେ। ଏହି ଅବସରରେ 'ପ୍ରେମପୃଥିବୀ'ର ବିଷୁବ ସଂଖ୍ୟା, 'ପ୍ରେମ ପୃଥିବୀର ପ୍ରବନ୍ଧ ପ୍ରବାହ', ଶ୍ରୀନିବାସ ସାହୁଙ୍କ ମନ୍ଦିର ପାଖ ଚଂପାଗଛ ଓ ଅନ୍ୟାନ୍ୟ ଗଳ୍ପ, ବାବାଜୀ ଚରଣ ପଣ୍ଡାଙ୍କ 'ତୀର୍ଥ ଭାରତ', ଅଶୋକ ନାୟକଙ୍କ 'ଏକପଦୀ ଗଜରା' ଓ 'ପଲ୍ଲବୀ ନାୟକଙ୍କ ଯେତେସବୁ ଅ କବିତା' ଲୋକାର୍ପିତ ହୋଇଥିଲା। ବୈକୁଣ୍ଠନାଥ ବିଶ୍ୱାଳ ସଭାର ଶେଷସ୍ପର୍ଶ ଦେଇଥିଲେ। ସକାଳ ଅଧିବେଶନରେ ଅନୁଷ୍ଠିତ କବିତା ପାଠୋତ୍ସବର ପରିଚାଳନା କରିଥିଲେ କବି ସାରଥି କୁମାର ପଣ୍ଡା ଓ ସାମ୍ବାଦିକ ଅବିନାଶ ପଣ୍ଡା। ସଭାପରେ ଆକର୍ଷଣୀୟ ପ୍ରେମପଖାଳରେ ଭଦ୍ରକ ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଯୋଗଦେଇଥିବା ସାହିତ୍ୟିକ ଓ ବୁଦ୍ଧିଜୀବୀ ମାନେ ଆପ୍ୟାୟିତ ହୋଇଥିଲେ।

## କେନ୍ଦ୍ର ମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁଙ୍କ ସମୀକ୍ଷା ବୈଠକ



ବାରିପଦା, ୧୫/୦୫ (ନି.ପ୍ର): ଆଜି କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଇଂ ବିଶ୍ୱେଶ୍ୱର ଟୁଡୁ ବାରିପଦା ସର୍କିଟ ହାଉସରେ ଏକ ଜିଲ୍ଲା ସ୍ତରୀୟ ସମୀକ୍ଷା ବୈଠକ କରିଥିଲେ । ଜିଲ୍ଲାରେ ଚାଲିଥିବା ମେଗା ପାନୀୟ ଜଳ ପ୍ରକଳ୍ପ, ଅରମାସ, ଓଏଲଏମ, ଏଲଡିଏମ ବିଭାଗ ଗୁଡିକର ବରିଷ୍ଠ ଅଧିକାରୀ ମାନଙ୍କ ସହ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ବୈଠକରେ ଉଠା ଜଳସେଚନ ବିଭାଗ ପକ୍ଷରୁ କପ୍ତିପଦା ଠାରେ କିପରି ଖରିଫ ଚାଷ ପୂର୍ବରୁ କୃଷି କ୍ଷେତ୍ରକୁ ଜଳ ମିଳି ପାରିବ ତା ଉପରେ ଆଲୋଚନା କରିଥିଲେ । ଏହାପରେ ମେଗା ପାନୀୟ ଜଳ ପ୍ରକଳ୍ପ ଅଧିନରେ ଗୋପବନ୍ଧୁନଗର ଓ ସାରସକଣା ଆଦି ବ୍ଲକରେ ହେଉଥିବା ପାଣିଟାଙ୍କି ଗୁଡିକର ବିଭାଗୀୟ ଅଧିକାରୀ ମାନଙ୍କ ସହିତ ପରିଦର୍ଶନ କରିଥିଲେ । ମାତ୍ର ପ୍ରକଳ୍ପ ଆରମ୍ଭର ଦେଢ ବର୍ଷରୁ ଉର୍ଦ୍ଧ ସମୟ ଅତିବାହିତ ହୋଇଥିଲେ ମଧ ବର୍ତମାନ ପର୍ଯ୍ୟନ୍ତ ଆଂଶିକ ଡିଜାଇନ ମିଳିନାହିଁ ଏବଂ ଧାର୍ଯ୍ୟ ପ୍ରକଳ୍ପ ରାଶି ଠାରୁ ୨୦ ରୁ ୪୦ ଶତକଡା ବୃଦ୍ଧି କରାଯାଇଥିଲେ ମଧ ସଠିକ କାର୍ଯ୍ୟ ହେଉନଥିବା ତଥା ଏଯାଏ ଆଂଶିକ ସର୍ଭେ ମଧ ହୋଇ ନଥିବା ହେତୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ବୈଠକରେ କ୍ଷୋଭ ପ୍ରକାଶ କରିଥିଲେ । ସେହିପରି ଏଲଡିଏମଙ୍କ ସହିତ ମଧ ଏକ ସମୀକ୍ଷା ବୈଠକରେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନାରେ ଜନସାଧାରଣଙ୍କୁ ଦିଆ ଯାଉଥିବା ସୁବିଧା ସୁଯୋଗ ବିଷୟରେ ଲୋକଙ୍କୁ ଜଣାଇବା ପାଇଁ ମୟୁରଭଞ୍ଜ ଜିଲ୍ଲାର ସମସ୍ତ କାର୍ଯ୍ୟରତ ବ୍ୟାଙ୍କ ମାନଙ୍କ ଶାଖାମୁଖ୍ୟ ମାନଙ୍କର ଡି.ଏଲ.ଆର. କମିଟି ମାଧମରେ ଏକ ବୈଠକ ଆସନ୍ତା ମାସରେ କରାଯିବାର ନିଷ୍ପତି ନିଆଯାଇଛି । ଅରମାସର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଓଏଲଏମ ର ଜିଲ୍ଲା ପ୍ରକଳ୍ପ ଅଧିକାରୀଙ୍କ ବିସ୍ତୃତ ଆଲୋଚନା ମାଧରେ ଜିଲ୍ଲାରେ ସ୍ୱୟଂ ସହାୟକ ଗୋଷ୍ଠୀ, ଚାଷୀ ଏବଂ କୁଟୀର ଶିଳ୍ପି କାରୀଗର ମାନଙ୍କୁ ଅଧିକ ସ୍ୱାବଲମ୍ବୀ କିପରି କରାଯାଇ ପାରିବ, ସେମାନଙ୍କୁ ପ୍ରଶିକ୍ଷଣ ମାଧମରେ ବିସ୍ତୃତ ଆଲୋଚନା କରିଥିଲେ । ସେ ନେଇ ଉପଯୁକ୍ତ ତଥ୍ୟ ସଂଗ୍ରହ କରି ସେମାନଙ୍କର କୌଶଳ ବିକାଶ କରାଯିବାର ବ୍ୟବସ୍ଥା କରିବା ପାଇଁ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ଟୁଡୁ ଆଶା ବ୍ୟକ୍ତ କରିଛନ୍ତି ।

## ବଟି ନଦେବାରୁ ଟ୍ରକ୍ ଡ୍ରାଇଭରଙ୍କୁ ଦୁର୍ବୃତ୍ତଙ୍କ ଗୁଳିମାଡ

ରାୟଗଡ଼ା, ୧୫/୦୫ (ନି.ପ୍ର): ଟ୍ରକ୍ ଡ୍ରାଇଭରକୁ ରାସ୍ତାରେ ଅଟକାଇ ବଟି ମାଗିବା ଏବଂ ବଟି ନଦେବାରୁ ଡ୍ରାଇଭର ଉପରକୁ ଗୁଳିମାଡ କରିଛନ୍ତି କେତେକ ଦୁର୍ବୃତ। ଫଳରେ ଡ୍ରାଇଭର ଜଣକ ଗୁରୁତର ହୋଇଛନ୍ତି । ତାଙ୍କୁ ଚିକିତ୍ସା ନିମନ୍ତେ ନିକଟସ୍ଥ ହସ୍ପିଟାଲରେ ଭର୍ତି କରାଯାଇଛି । ଏଭଳି ଏକ ଗୁଳିକାଣ୍ଡ ଘଟିଯାଇଛି ରାୟଗଡ଼ା ଜିଲ୍ଲା ଟିକିରି ଥାନା ଅନ୍ତର୍ଗତ କାଳିଆପଡ଼ା ଘାଟିରେ । ତେବେ ଘଟଣା ପରେ ଦୁର୍ବୃତ ମାନେ ସେଠାରୁ ଫେରାର୍ ହୋଇଯାଇଛନ୍ତି । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ଛାନଭିନ୍ ଆରମ୍ଭ କରିଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo